ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, November 19/2025 Page 14 | ₹ 7.00 | BERHAMPUR
୫୧ଶ ଭାଗ ୩୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 353 | ମୂଲ୍ୟ ₹୭/-



**ସ୍ୱସ୍ତିକଙ୍କ ପ୍ରଭାବୀ ବ୍ୟାଟିଂ**

ନାଗାଲାଣ୍ଡ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ଓଡ଼ିଶାର ସ୍ୱସ୍ତିକ ସାମଲ ପ୍ରଭାବୀ ବ୍ୟାଟିଂ ସହ ୧୬୯ ରନ ସଂଗ୍ରହ କରିଛନ୍ତି।

୧୪

୦୪

**ରଣବୀରଙ୍କ ନୂଆ ଅବତାର**

ଅଭିନେତା ରଣବୀର ସିଂହଙ୍କ 'ଧୁରନ୍ଧର' ଚଳଚ୍ଚିତ୍ରର ଟ୍ରେଲର ରିଲିଜ୍ କରିଛି। ଏଥିରେ ତାଙ୍କର ନୂଆ ଅବତାର ଦର୍ଶକଙ୍କୁ ଚକିତ କରିବ।



## ମାଓବାଦୀ ନେତା ହିଡ଼ମା, ସ୍ତ୍ରୀ ନିହତ


ମାଡଭି ହିଡ଼ମା

ନୂଆଦିଲ୍ଲୀ/ବିଶାଖାପାଟଣା/ମାଲକାନଗିରି,୧୮।୧୧ (ସୁଚିତ୍ରା ଦାସ/ଦୁର୍ଯ୍ୟୋଧନ ପାତ୍ର)

ପିପୁଲ୍ସ ଲିବରେଶନ ଗରିଲା ଆର୍ମି (ପିଏଲ୍‌ଜିଏ) ବାଟାଲିୟନ-୧ର ଶୀର୍ଷ ମାଓବାଦୀ ନେତା ମାଡଭି ହିଡ଼ମା ମଙ୍ଗଳବାର ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମରାଜୁ ଜିଲାରେ ହୋଇଥିବା ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ମୋଷ୍ଟୱାଣ୍ଟେଡ୍ ମାଓବାଦୀମାନଙ୍କୁ ନଭେମ୍ବର ୩୦ ସୁଦ୍ଧା ମୂଳପୋଛ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସମୟସୀମା ଧାର୍ଯ୍ୟ କରିଥିବାବେଳେ ଏହାର ୧୨ ଦିନ ପୂର୍ବରୁ ହିଡ଼ମା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ହାଜାରେ ନୁହେଁ, ନିର୍ଭୟା

# ଦୁର୍ନୀତିର ଛାଇ ନ ରହୁ: ମୁଖ୍ୟମନ୍ତ୍ରୀ

**କୌଣସି ସରକାରୀ କାର୍ଯ୍ୟାଳୟରେ ମଧ୍ୟସ୍ଥ ରହିବେ ନାହିଁ ଦପ୍ତରଗୁଡ଼ିକ ଦଲାଲମୁକ୍ତ ହେବା ସହ ସେଠାରେ ଦୁର୍ନୀତିର ଛାଇ ନ ରହୁ। ଏହା ହେଲେ ହିଁ ଲୋକେ ସୁଶାସନର ସ୍ୱାଦ ଚାଖିପାରିବେ। ସାଧାରଣ ଲୋକଙ୍କ କଥା ଧୈର୍ଯ୍ୟର ସହ ଶୁଣି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକମାନଙ୍କୁ ସମ୍ବୋଧିତ କରି କହିଛନ୍ତି।**

## ଲୋକଙ୍କ କଥା ଧୈର୍ଯ୍ୟର ସହ ଶୁଣ, ସମାଧାନ ପାଇଁ ଚେଷ୍ଟା କର

ଭୁବନେଶ୍ୱର,୧୮।୧୧ (ସୁନିତ୍ ମିଶ୍ର/ରବିନାରାୟଣ ଜେନା)


ଲୋକସେବା ଭବନରେ ମଙ୍ଗଳବାର ଜିଲାପାଳ ଏବଂ ଏସ୍‌ପିମାନଙ୍କ ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ୨ ଦିନିଆ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ। ନିଜ କାର୍ଯ୍ୟକଳାପ ପାଇଁ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହେବା ଦରକାର। ସେଥିପାଇଁ ସମସ୍ତେ ଲୋକଙ୍କ ସହ ମିଶିବା ଆବଶ୍ୟକ। ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ' ମନ୍ତ୍ରରେ ଓଡ଼ିଶାର କଲ୍ୟାଣ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି। ଯୋଜନା ଯେତେ ଅଭିନବ ହେଲେ ମଧ୍ୟ ଏହାର ପ୍ରକୃତ ସଫଳତା ଠିକ୍ ରୂପାୟନ ଉପରେ ନିର୍ଭର କରିଥାଏ। ତେଣୁ ଲୋକଙ୍କ ସୁବିଧା ପାଇଁ ସମସ୍ତେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ। ଦିନରାତି ଅକ୍ଳାନ୍ତ ପରିଶ୍ରମକରି ସମନ୍ୱୟ ରକ୍ଷା ମାଧ୍ୟମରେ ଯୋଜନାର ସଫଳ ରୂପାୟନ କରନ୍ତୁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ ଜିଲାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତିନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ୍ ପାୱାର' ଅଧୀନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମକୁ ସବୁଦିନିଆ ରାସ୍ତା, ବିଦ୍ୟୁତ୍ ଓ ପାନୀୟଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ଜିଲାପାଳମାନଙ୍କୁ ମିଶନ୍ ମୋଡ୍‌ରେ କାମ କରିବାକୁ ପରାମର୍ଶ ଦେଇଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ବାବଦ ଖର୍ଚ୍ଚ ଓ ଏହାର ଅଗ୍ରଗତି ସମ୍ପର୍କରେ ପ୍ରତି ୩ରୁ ୪ ମାସରେ ଥରେ ସମୀକ୍ଷା କରିବା, ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡ଼ାକଡ଼ି ☞ପୃଷ୍ଠା-୪

## ରାଜନୈତିକ ଯୁଦ୍ଧ ପାଇଁ ବ୍ୟବସ୍ଥାକୁ ବ୍ୟବହାର କରୁଛି ସିବିଆଇ

**ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**

ନୂଆଦିଲ୍ଲୀ,୧୮।୧୧(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅନେକ ସମୟରେ କେନ୍ଦ୍ରରେ କ୍ଷମତାସୀନ ଦଳର ହାତବାରିସୀ ସାଜୁଥିବା ନେଇ ଅଭିଯୋଗ ହୋଇଆସୁଥିବାବେଳେ ମଙ୍ଗଳବାର ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ଭର୍ତ୍ସନା କରିଛନ୍ତି। ଝାଡ଼ଖଣ୍ଡ ବିଧାନସଭା ସଚିବାଳୟରେ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ହୋଇଥିବା ଅନିୟମିତତାର ପ୍ରାଥମିକ ତଦନ୍ତ ପାଇଁ ସିବିଆଇ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଥିଲା, ଯାହାକୁ ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କ ଖଣ୍ଡପୀଠ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କେନ୍ଦ୍ରୀୟ ଏଜେନ୍ସି ରାଜନୈତିକ ଯୁଦ୍ଧରେ ବ୍ୟବସ୍ଥାକୁ କାହିଁକି ବ୍ୟବହାର କରୁଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ଝାଡ଼ଖଣ୍ଡ ବିଧାନସଭାରେ ନିଯୁକ୍ତି ଓ ପଦୋନ୍ନତି ସମ୍ପର୍କିତ ଦୁର୍ନୀତିର ତଦନ୍ତ ପାଇଁ ୨୦୨୪ ସେପ୍ଟେମ୍ବର ୨୩ରେ ହାଇକୋର୍ଟ ସିବିଆଇକୁ ଅନୁମତି ☞ପୃଷ୍ଠା-୪

## ବର୍ଷର ଶ୍ରେଷ୍ଠ ଶବ୍ଦ 'ପାରାସୋସିଆଲ'

**କ୍ୟାମ୍ବ୍ରିଜ୍ ଡିକ୍ସନାରି**

ନୂଆଦିଲ୍ଲୀ,୧୮।୧୧

କ୍ୟାମ୍ବ୍ରିଜ ଡିକ୍ସନାରିରେ ୨୦୨୫ ବର୍ଷର ୱାର୍ଡ ଅଫ୍ ଦି ଇୟର ଭାବେ ମାନ୍ୟତା ପାଇଛି 'ପାରାସୋସିଆଲ', ଯାହାର ଅର୍ଥ ହେଉଛି ସେଲିବ୍ରିଟିଙ୍କ ପ୍ରତି ଏକତରଫା ଆକର୍ଷଣ। ଯଦି ଜଣେ ବ୍ୟକ୍ତି ଏଭଳି କୌଣସି ସେଲିବ୍ରିଟି, କାଳ୍ପନିକ ଚରିତ୍ର କିମ୍ବା ସାଧାରଣ ଜୀବନରେ ଥିବା ବ୍ୟକ୍ତିଙ୍କ ସହ ଏକତରଫା ଓ ଭାବନାତ୍ମକ ସମ୍ପର୍କ ଅନୁଭବ କରନ୍ତି, ଯାହାଙ୍କୁ ସେ ବ୍ୟକ୍ତିଗତ ଭାବେ ଜାଣି ନ ଥାନ୍ତି ତାକୁ ପାରାସୋସିଆଲ ରିଲେଶନ୍ କୁହାଯାଏ। ଟିଭି, ଫିଲ୍ମ, ପୋଡ୍‌କାଷ୍ଟ ଭଳି ମିଡିଆ କିମ୍ବା ସାମାଜିକ ଗଣମାଧ୍ୟମ ଜରିଆରେ ଏହି ସମ୍ପର୍କ ବିକଶିତ ☞ପୃଷ୍ଠା-୪



ଦିଲ୍ଲୀରେ ଆଜି




ବାୟୁ ପ୍ରଦୂଷଣ ରୋକିବାକୁ ତୁରନ୍ତ ପଦକ୍ଷେପ ଦାବିରେ ମଙ୍ଗଳବାର ଦିଲ୍ଲୀର ଯନ୍ତରମନ୍ତରଠାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଓ ଦିଲ୍ଲୀବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ଚମନ ଗୌତମ)


# ଅନ୍‌ମୋଲ ବିଷ୍ଣୋଇ ଆମେରିକାରୁ ପ୍ରତ୍ୟର୍ପିତ

ନୂଆଦିଲ୍ଲୀ,୧୮।୧୧

ଏନ୍‌ସିପି ନେତା ବାବା ସିଦ୍ଦିକି ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ଥିବା ଅନମୋଲ ବିଷ୍ଣୋଇଙ୍କୁ ଆମେରିକା ପ୍ରତ୍ୟର୍ପଣ କରିଛି। ତାଙ୍କୁ ଖୁବ୍‌ଶୀଘ୍ର ଭାରତ ଅଣାଯିବ। ଅନମୋଲଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟା ଶେଷ ହୋଇଛି ଓ ଆମେରିକା ସରକାର ତାଙ୍କୁ ବିଦା କରିସାରିଛନ୍ତି। ସେ ବୁଧବାର ଭାରତରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ସାନଭାଇ ଅନମୋଲ ଅନେକ ଆପରାଧିକ ମାମଲାରେ



ସମ୍ପୃକ୍ତ। ୨୦୨୨ ମେ'ରେ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା ଏବଂ ୨୦୨୪ ଅକ୍ଟୋବରରେ ବାବା ସିଦ୍ଦିକି ହତ୍ୟା ଘଟଣାରେ ସେ ମୁଖ୍ୟ ଅଭିଯୁକ୍ତ। ଗତ ଏପ୍ରିଲ ୧୪ରେ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଘର ବାହାରେ ଗୁଳିକାଣ୍ଡ ପଛରେ ତାଙ୍କ ସମ୍ପୃକ୍ତି ଥିଲା। ଅନ୍‌ମୋଲଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଏନ୍‌ଆଇଏ ଘୋଷଣା କରିବା ସହ ତାଙ୍କୁ ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରଖିଥିଲା। ଅନମୋଲ ଜାଲ୍ ପାସ୍‌ପୋର୍ଟ ବଳରେ ୨୦୨୩ରେ ଭାରତରୁ ପଳାଇଥିଲେ।




# ପ୍ରତି ୮ ମିନିଟ୍‌ରେ ଜଣେ ପିଲା ନିଖୋଜ ହେଉଛନ୍ତି

## ଗମ୍ଭୀର ପ୍ରସଙ୍ଗ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ଦେଶରେ ପ୍ରତି ୮ ମିନିଟ୍‌ରେ ଜଣେ ପଲା ନିଖୋଜ ହେଉଥିବା ଖବର ପ୍ରକାଶ ପାଇବା ପରେ ସୁପ୍ରିମକୋର୍ଟ ମଙ୍ଗଳବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଦେଶରେ ପୋଷ୍ୟଗ୍ରହଣ ପ୍ରକ୍ରିୟା ଜଟିଳ ହୋଇଥିବାବେଳେ ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କେନ୍ଦ୍ର



ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ନାଗରତ୍ନା କହିଛନ୍ତି, ଦେଶରେ ପ୍ରତି ୮ ମିନିଟ୍‌ରେ ଜଣେ ଶିଶୁ ନିଖୋଜ ହେଉଥିବା ସେ ଏକ ଖବରକାଗଜରୁ ପଢ଼ିଛନ୍ତି। ତେବେ ଏହା ସତ କି ନୁହେଁ, ସେ ତାହା ଜାଣି ନାହାନ୍ତି। ତେବେ ଏହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ। ପୋଷ୍ୟଗ୍ରହଣ ପ୍ରକ୍ରିୟା ଜଟିଳ ହୋଇଥିବାରୁ ଲୋକେ ପିଲା ପାଇବା ପାଇଁ ବେଆଇନ ପନ୍ଥା ଆପଣାଉଛନ୍ତି। ନିଖୋଜ ପିଲା ସମ୍ପର୍କିତ ମାମଲାଗୁଡ଼ିକର ପରିଚାଳନା ପାଇଁ ନୋଡାଲ ଅଫିସର ନିଯୁକ୍ତି ନିମନ୍ତେ ୬ ସପ୍ତାହ ସମୟ ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି ନିବେଦନ କରିଥିଲେ। ୬ ସପ୍ତାହ ସମୟ ଦେବାକୁ ଖଣ୍ଡପୀଠ ମନା କରିବା ସହ ଡିସେମ୍ବର ୯ ସୁଦ୍ଧା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିଖୋଜ ଶିଶୁ ମାମଲା ପରିଚାଳନା ନିମନ୍ତେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜଣେ ଲେଖାଏ ନୋଡାଲ ଅଫିସର ନିୟୋଜିତ କରିବାକୁ ପରାମର୍ଶ ଦେବା ଲାଗି ଗତ ଅକ୍ଟୋବର ୧୪ରେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଲା ନିଖୋଜ ନେଇ ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମିଶନ ବାତ୍ସଲ୍ୟ ପୋର୍ଟାଲରେ ଅଭିଯୋଗ ଆସିଲେ, ସମ୍ପୃକ୍ତ ନୋଡାଲ ଅଫିସରଙ୍କୁ ଜଣାଇବା ପାଇଁ କୁହାଯାଇଥିଲା।

# ଆଜି ପିଏମ୍ କିଷାନର ୨୧ତମ କିସ୍ତି

ନୂଆଦିଲ୍ଲୀ,୧୮।୧୧

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୧ତମ କିସ୍ତି ବୁଧବାର ପ୍ରେରଣ କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ଯୋଗ୍ୟ କୃଷକଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଜରିଆରେ ୨,୦୦୦ ଟଙ୍କା ଲେଖାଏ ପଠାଇବେ। ଦେଶର ଅନେକ ଲକ୍ଷ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦିଗରେ ଏହା ଏକ ବଡ଼ ପଦକ୍ଷେପ। ପିଏମ୍ କିଷାନରେ ପଞ୍ଜୀକୃତ ହୋଇ ଥିବା ଚାଷୀ ଇ-କେୱାଇସି କରିବା ବାଧ୍ୟତାମୂଳକ। ଚାଷୀମାନେ ପିଏମ୍-କିଷାନ ପୋର୍ଟାଲରେ ଏହା କରିପାରିବେ। ଏଥିସହିତ ନିକଟସ୍ଥ ଜନସେବା କେନ୍ଦ୍ରରେ ବାୟୋମେଟ୍ରିକ୍ ଇ-କେୱାଇସି ହୋଇପାରିବ।

# ଆତ୍ମଘାତୀ ବିସ୍ଫୋରଣକୁ ଶହୀଦ କାର୍ଯ୍ୟ କହିଥିଲେ ଉମର

## ପଦାକୁ ଆସିଲା ଦିଲ୍ଲୀ ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତଙ୍କ ଭିଡିଓ

ନୂଆଦିଲ୍ଲୀ,୧୮।୧୧

ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣର ସପ୍ତାହେ ପରେ ମୁଖ୍ୟ ଅଭିଯୁକ୍ତ ଡା. ଉମର ଉନ୍ ନବୀଙ୍କ ଦ୍ୱାରା ରେକର୍ଡ ହୋଇଥିବା ଏକ ଭିଡିଓ ପଦାକୁ ଆସିଛି, ଯେଉଁଥିରେ ସେ ଆତ୍ମଘାତୀ ବିସ୍ଫୋରଣକୁ ଶହୀଦର କାର୍ଯ୍ୟ ବୋଲି କହିଛନ୍ତି। ସୁଇସାଇଡ୍ ବମ୍ବିଂ ଅତ୍ୟନ୍ତ ଅବୋଧ ଧାରଣା। ଏହା ଶହୀଦ ପ୍ରାପ୍ତ ହେବା ସଞ୍ଚାଳନ। ଏହା ବିରୋଧରେ ଅନେକ ବିତର୍କ ଓ ମତଭେଦ ରହିଛି। ଜଣେ ବ୍ୟକ୍ତି ଯେତେବେଳେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଓ ଏକ ନିର୍ଦ୍ଦିଷ୍ଟ ସମୟରେ ମରିବେ ବୋଲି ସୁନିଶ୍ଚିତ ହୋଇଯାଆନ୍ତି, ସେତେବେଳେ ସେ ନିର୍ଦ୍ଦିଷ୍ଟ ସ୍ଥିତିରେ ମରିବାକୁ ଯାଉଥିବା ଅନୁମାନ ବିରୋଧରେ ଯାଇଥାନ୍ତି ବୋଲି ଉମର କହିଛନ୍ତି। ଗତ ୧୦ ତାରିଖ ସନ୍ଧ୍ୟା ୬ଟା ୫୨ ମିନିଟ୍ ସମୟରେ ଲାଲ୍‌କିଲ୍ଲା ନିକଟରେ ଧୀରଗତିରେ ଯାଉଥିବା ଏକ ଆଇ୨୦ କାର୍ ବିସ୍ଫୋରଣ ହୋଇ ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଉମର ନବୀ ଏହି କାର୍‌କୁ ଚଳାଉଥିଲେ। ଏହି ଆକ୍ରମଣର ଷଡ଼ଯନ୍ତ୍ରକାରୀମାନେ ଡ୍ରୋନ୍‌କୁ ବିସ୍ଫୋରକ ଏବଂ ରକେଟ ଭଳି ବ୍ୟବହାର କରି ବଡ଼ଧରଣର ଆକ୍ରମଣ କରିବାକୁ ଯୋଜନା ରଖିଥିଲେ ବୋଲି ଗିରଫ ହୋଇଥିବା ଉମରଙ୍କ ମୁଖ୍ୟ ସହଯୋଗୀଙ୍କଠାରୁ ଏନ୍‌ଆଇଏ ଜାଣିବାକୁ ପାଇଛି। ଶ୍ରୀନଗରରୁ ଗିରଫ ହୋଇଥିବା ଜସିର ବିଲାଲ ୱାନି ଓରଫ ଡାନିସ୍ ଜଣେ ସକ୍ରିୟ ଷଡ଼ଯନ୍ତ୍ରକାରୀ ବୋଲି ଜଣାପଡ଼ିଛି।

# ଭାରତୀୟଙ୍କ ପାଇଁ ଭିଜାମୁକ୍ତ ଭ୍ରମଣ ସୁବିଧା ବନ୍ଦକଲା ଇରାନ

ତେହରାନ,୧୮।୧୧

ଆସନ୍ତା ୨୨ ତାରିଖରୁ ଭାରତୀୟମାନେ ଆଉ ବିନା ଭିଜାରେ ଇରାନରେ ପ୍ରବେଶ କରିପାରିବେ ନାହିଁ। ଜାଲିଆତି ଓ ଚୋରାଚାଲାଣ ମାମଲା ବଢୁଥିବାରୁ ତେହରାନ ଭିଜାମୁକ୍ତ ଭ୍ରମଣ ସୁବିଧାକୁ ସ୍ଥଗିତ ରଖିଛି। ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ଲକ୍ଷ୍ୟରେ ଇରାନ ଭାରତୀୟଙ୍କ ପାଇଁ ଭିଜାମୁକ୍ତ ଭ୍ରମଣ ସୁବିଧା ୨୦୨୪ ଫେବୃଆରୀରେ ଆରମ୍ଭ କରିଥିଲା। ତେବେ ଭାରତୀୟମାନେ ନିଯୁକ୍ତିର ମିଥ୍ୟା ପ୍ରତିଶ୍ରୁତି କିମ୍ବା ଅନ୍ୟ ଦେଶକୁ ଯିବାର ପ୍ରତିଶ୍ରୁତି ଦ୍ୱାରା ପ୍ରଲୋଭିତ ହୋଇ ଇରାନ ଆସୁଥିବା ଜଣାପଡ଼ିବା ପରେ ତେହରାନ ଏଭଳି ପଦକ୍ଷେପ ନେଇଛି।

# ଡାକ୍ତର, ନବଜାତ ସମେତ ୪ ଜଳିଗଲେ



ଅହମଦାବାଦ,୧୮।୧୧

ଗୁଜରାଟର ଆରାବଳି ଜିଲା ଅନ୍ତର୍ଗତ ମୋଦାସା ନିକଟରେ ଏକ ଆମ୍ବୁଲାନ୍ସରେ ନିଆଁ ଲାଗିଯିବାରୁ ଜଣେ ନବଜାତ ଓ ଜଣେ ଡାକ୍ତରଙ୍କ ସମେତ ୪ ଜଣ ଜଳିଯାଇଛନ୍ତି। ଆମ୍ବୁଲାନ୍ସରେ ଥିବା ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ପକ୍ଷରୁ ସବିଶେଷ ଫୋରେନ୍‌ସିକ ତଦନ୍ତ ଆରମ୍ଭ ହୋଇଛି। ଗୁରୁତର ଅସୁସ୍ଥ ଥିବା ଶିଶୁଟିକୁ ଆମ୍ବୁଲାନ୍ସ ଯୋଗେ ଅହମଦାବାଦ ନିଆଯାଉଥିବାବେଳେ ରାତି ୧ଟା ବେଳେ ତାହା ଜଳିଯାଇଥିଲା। ମୋଦାସା ଧନସୁରା ଜାତୀୟ ରାଜପଥର ଏକ ପେଟ୍ରୋଲ ପମ୍ପ ବାହାରେ ଆମ୍ବୁଲାନ୍ସ ଜଳୁଥିବା ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି।



# କୁଳପତି ଚୟନ: ବ୍ୟବସ୍ଥାକୁ ନେଇ ସନ୍ଦେହ

**ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)**

ରାଜ୍ୟରେ ଏବେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ବ୍ରହ୍ମପୁର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ରହିଛନ୍ତି। ଉକ୍ତ ସରକାରୀ ବିଶ୍ୱବିଦ୍ୟାଳୟଗୁଡିକ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏମ୍ଏସ୍ସିବି ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଜିଏମ୍ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଏଫ୍ଏମ୍ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ୍ ବିଶ୍ୱବିଦ୍ୟାଳୟ, ଏସ୍ଜେଏସ୍ ବିଶ୍ୱବିଦ୍ୟାଳୟ, ଆର୍ଡି ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଡିଡି ବିଶ୍ୱବିଦ୍ୟାଳୟ, ଭିଡି ବିଶ୍ୱବିଦ୍ୟାଳୟ, ଏମ୍ଏସ୍ ଆଇନ ବିଶ୍ୱବିଦ୍ୟାଳୟ ଏବଂ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ। ହେଲେ ଏଥିମଧ୍ୟରୁ ୧୫ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଅଧିକାଂଶ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନ ଥିବା ବିଷୟକୁ ନେଇ ବିଧାନସଭା ଭିତରେ ଏବଂ ବାହାରେ ସରକାରଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଖାଲି ପଡ଼ିଥିବା ବିଶ୍ୱବିଦ୍ୟାଳୟଗୁଡିକରେ କୁଳପତି ପଦବୀ ପୂରଣ କରିବାକୁ ଗତ ମୌସୁମୀ ଅଧିବେଶନ ସମୟରେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍, ୨୦୨୫ ଆଗତ କରାଯାଇଥିବା ବେଳେ ତାହା ଆଇନରେ ପରିଣତ ହୋଇସାରିଛି। ଏହି ସଂଶୋଧିତ ବିଲ୍ ଆଧାରରେ ସରକାର କୁଳପତି ଚୟନ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ କୁଳପତି ଚୟନକୁ ପାଇଁ ପ୍ରସ୍ତୁତ କରାଯାଇଥିବା ଆଇନକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ ପୂର୍ବତନ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା ବିଶ୍ୱ ଶିକ୍ଷକ ମହାସଂଘର ସଭାପତି ଅମିୟ କୁମାର ମହାନ୍ତି କୁଳପତି ଚୟନ ପ୍ରକ୍ରିୟାକୁ ନେଇ ଏକ ପ୍ରକାର ପ୍ରଶ୍ନ ଉଠାଇବା ସହ କହିଛନ୍ତି, ବିଶ୍ୱବିଦ୍ୟାଳୟ ହେଉଛି ଶୈକ୍ଷିକ ଦୃଷ୍ଟିକୋଣରୁ ଏକ ସର୍ବୋଚ୍ଚ ଅନୁଷ୍ଠାନ। ଏଥିରେ କୁଳପତିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେଉଁ ବ୍ୟବସ୍ଥାରେ ଏବେ ସରକାର କୁଳପତି ଚୟନ କରିବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ସେଥିରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ସରକାର ଆଣିଥିବା ଆଇନରେ ରାଜନୀତି ସହ ଜଡ଼ିତ କାରଣକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଥିବା ଶୁଣିବାକୁ ମିଳୁଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୨୦୨୫ ଅନୁଯାୟୀ, କୌଣସି ବିଶ୍ୱବିଦ୍ୟାଳୟର କୁଳପତି ଚୟନ ପାଇଁ ଏକ ଚୟନ କମିଟି ରହିଛି, ଯେଉଁଥିରେ ୟୁଜିସି(ୟୁନିଭର୍ସିଟି ଗ୍ରାଣ୍ଟ କମିଶନ), ସିଣ୍ଡିକେଟ୍ ଏବଂ କୁଳାଧିପତି(ରାଜ୍ୟପାଳ)ଙ୍କ ଦ୍ୱାରା ନୋମିନେଟେଡ୍ ଜଣେ ଲେଖା ସଦସ୍ୟ ରହିବେ। କୁଳାଧିପତିଙ୍କ ଦ୍ୱାରା ନୋମିନେଟେଡ୍ ହୋଇଥିବା ସଦସ୍ୟ ହିଁ ଚୟନ କମିଟିର ଅଧ୍ୟକ୍ଷ ରହିବେ। କୁଳାଧିପତି ଯାହାକୁ ନୋମିନେଟ୍ କରିବେ ସେଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଜଣଙ୍କ ନାମ ସୁପାରିସ କରାଯିବ। ସେହି ୩ଟି ନାମ ମଧ୍ୟରୁ ହିଁ କୁଳାଧିପତି ଜଣଙ୍କୁ ସଦସ୍ୟ ଭାବେ ମନୋନୀତ କରିପାରିବେ। ୟୁଜିସିର ଯିଏ ସଦସ୍ୟ ହେବେ ତାହା ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ। ସିଣ୍ଡିକେଟ୍ ହେଉଛି ବିଶ୍ୱବିଦ୍ୟାଳୟ ପରିଚାଳନାର ସର୍ବୋଚ୍ଚ କର୍ତ୍ତୃପକ୍ଷ। ସିଣ୍ଡିକେଟ୍‌ରେ ଯେଉଁମାନେ ସଦସ୍ୟ ଥାଆନ୍ତି ସେମାନେ ସମସ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ପ୍ରକାର ମନୋନୀତ ହୋଇଥାଆନ୍ତି। ଏଥିରେ ଯେଉଁ ୪ ଜଣ ଶିକ୍ଷାବିତ୍‌ଙ୍କୁ କୁଳାଧିପତି ମନୋନୀତ କରିଥାଆନ୍ତି ସେମାନଙ୍କ ନାମ ମଧ୍ୟ ପ୍ରାୟତଃ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପାରିସ କରାଯାଇଥାଏ। ଗୋଟିଏ ବିଶ୍ୱବିଦ୍ୟାଳୟର କୁଳପତି ହେବାକୁ ହେଲେ ସରକାରଙ୍କ ଆଣିଥିବା ଆଇନ ମୁତାବକ, ଜଣେ କୌଣସି ବିଶ୍ୱବିଦ୍ୟାଳୟରେ ୧୦ ବର୍ଷ ଧରି ପ୍ରଫେସର ଭାବେ କାର୍ଯ୍ୟ କରିଥିବେ ଏବଂ ତାଙ୍କର କିଛି ଗବେଷଣାତ୍ମକ ସନ୍ଦର୍ଭ ଥିବ ଏବଂ ତାହା ପ୍ରକାଶ ପାଇଥିବ। ସେହି ଆଧାରରେ କୁଳପତି ଚୟନକରିବା ନେଇ ଯେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ତାକୁ ନେଇ ପ୍ରଶ୍ନ ମଧ୍ୟ ଉଠିଲାଣି।

କାରଣ କୁଳାଧିପତି ଯାହାକୁ ଚୟନ କମିଟିର ସଦସ୍ୟ କରିବେ ସେମାନଙ୍କ ନାମ ରାଜ୍ୟ ସରକାର ଦେବେ। ତେଣୁ ଏଥିରେ କୁଳାଧିପତିଙ୍କ ସେପରି କୌଣସି ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁ ନ ଥିବା ଅନେକ ଶିକ୍ଷାବିତ୍ ପ୍ରଶ୍ନ ଉଠାଉଛନ୍ତି। ସେହିପରି ୟୁଜିସି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବାବେଳେ କେନ୍ଦ୍ରରେ ଏବେ ଭାଜପା ଶାସନାଧୀନ ଏନ୍‌ଡିଏର ଶାସନ ରହିଛି। କେନ୍ଦ୍ର ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୟୁଜିସି ଆସୁଥିବା ବେଳେ ଏହାର ମନ୍ତ୍ରୀ ଭାବେ ଓଡ଼ିଶାର ଜଣେ ସାଂସଦ ରହିଛନ୍ତି। ସେହିପରି ସିଣ୍ଡିକେଟ୍ ମଧ୍ୟ ସମ୍ପୂର୍ଣ୍ଣ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ଥିବାବେଳେ ସେଥିରୁ ଜଣେ ସଦସ୍ୟ କମିଟିରେ ରହିବା ଯୋଗୁ ଏବେ ଏହାକୁ ନେଇ ଅନେକ ଶିକ୍ଷିତ କୁଳପତି ଚୟନରେ ସ୍ୱଚ୍ଛତା ନ ରହିବାର ଅଧିକ ସମ୍ଭାବନା ଥିବା କଥା କହୁଛନ୍ତି। ଯେହେତୁ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ରହିଛି। ତେଣୁ କୁଳପତି ଚୟନ କମିଟିର ସମସ୍ତ ସଦସ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ସରକାରଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀ ରହୁଛନ୍ତି ସେଥିପାଇଁ ଅନେକାଂଶରେ ଚୟନ ପ୍ରକ୍ରିୟାରେ ବିଚାରଗତ ସମ୍ଭାବନା କଥା ଅନେକଙ୍କ ମୁହଁରୁ ଶୁଣାଯିବା ସ୍ୱାଭାବିକ। ଏହି ବିଷୟକୁ ନେଇ ବିଧାନସଭା ଭିତରେ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ ଲମ୍ବା ଆଲୋଚନା ମଧ୍ୟ ଦେଖିବାକୁ ମିଳିଥିଲା।


ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର ନିଜ ଚାକିରି ଉପରେ ପ୍ରଶ୍ନ ଉଠିବା ସମ୍ଭାବନାକୁ ଧ୍ୟାନରେ ରଖି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଦୀର୍ଘ ସମୟ ଧରି ପଦ ଅବଧି ବୃଦ୍ଧି ଓ ରାଜ୍ୟର ଅଧିକାଂଶ ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି। ରାଜ୍ୟ ସରକାର ଗତ ଜୁନ୍ ୩ ତାରିଖରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଛାତ୍ରୀଛାତ୍ର, କର୍ମଚାରୀ ଏବଂ ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଆଶା ଥିଲା, ସରକାର ଯୋଗ୍ୟତା, ଶିକ୍ଷାଗତ ନେତୃତ୍ୱ ସାମର୍ଥ୍ୟ ଏବଂ ଜାତୀୟ ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଗବେଷଣା, ପୁସ୍ତକ ଓ ପ୍ରବନ୍ଧ କ୍ଷେତ୍ରରେ ଅଭିଜ୍ଞତା ଥିବା ଶିକ୍ଷାବିତ୍‌ମାନଙ୍କୁ ନିଯୁକ୍ତି ଦେବେ। ଏହି ପଦଗୁଡିକ ପାଇଁ ଦେଶ ଓ ବିଦେଶରୁ ୩୫୨ ଜଣ ଆବେଦନ ମଧ୍ୟ କରିଥିଲେ। ମାତ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟଙ୍କ ସର୍ଟଲିଷ୍ଟିଂ କମିଟିଗୁଡ଼ିକ ଶିକ୍ଷାଗତ ଅଭିଜ୍ଞତା ନ ଥିବା ଏବଂ ୟୁଜିସି ନିର୍ଦ୍ଧାରଣ କରିଥିବା ମାନଦଣ୍ଡକୁ ପାଳନ ନ କରି ଅଯୋଗ୍ୟ ପ୍ରାର୍ଥୀମାନଙ୍କୁ କୁଳପତି କରିବାକୁ ବାଛିଛନ୍ତି। ହେଲେ ବିଶ୍ୱବିଦ୍ୟାଳୟଗୁଡିକରେ କୁଳପତି ଚୟନ ପ୍ରକ୍ରିୟାରେ ଯୋଗ୍ୟତା ଓ ମେରିଟ୍ ଅପେକ୍ଷା ରାଜନୈତିକ ଓ ବିଚାରଗତ ଦିଗକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳୁଛି। ଏବେ ଯେଉଁମାନେ ଉପରୋକ୍ତ ୩ ବିଶ୍ୱବିଦ୍ୟାଳୟ ଲାଗି ସର୍ଟଲିଷ୍ଟ ହୋଇଛନ୍ତି ସେମାନେ ନା ପରିଚିତ ଶିକ୍ଷାବିତ୍ ନା ସେମାନଙ୍କ ଶିକ୍ଷାଦାନ ଅଭିଜ୍ଞତା ଅଛି। କୁଳପତି ପଦବୀ ପାଇଁ କରାଯାଇଥିବା କ୍ୟାଣ୍ଡିଡେଟ୍ ସର୍ଟଲିଷ୍ଟ ଓ ନିଯୁକ୍ତି ପ୍ରକ୍ରିୟା ଯୋଗ୍ୟତା, ମେରିଟ୍ ଏବଂ ଶିକ୍ଷାଗତ ଅଭିଜ୍ଞତା ଆଧାରରେ କରା ନ ଯାଇ ରାଜନୈତିକ ଉଦ୍ଦେଶ୍ୟ ବା ଚାପରେ କରାଯାଇଛି। ଏପରି ନିଯୁକ୍ତି ପ୍ରକ୍ରିୟା ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଗଭୀର ସଙ୍କଟରେ ପକାଇବା ସହ ବିଶ୍ୱବିଦ୍ୟାଳୟକୁ ଦିଗହରା କରିବ। ଏହାଛଡ଼ା ଯୋଗ୍ୟ ନେତୃତ୍ୱର ଅଭାବ ଛାତ୍ର ସମାଜ ଓ କର୍ମଚାରୀଙ୍କୁ ପ୍ରଭାବିତ କରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରେଭେନ୍ସା, ଉତ୍କଳ ଏବଂ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଚୟନ ଲାଗି ୩ ଜଣ ଲେଖା ନାମ ଚୟନ କାର୍ଯ୍ୟ ସରିଥିବା ବେଳେ ଆସନ୍ତା ୨୭ ତାରିଖରେ ଏନେଇ ଏକ ସାକ୍ଷାତ୍‌କାର ହେବ। ଏହାପରେ କୁଳାଧିପତିଙ୍କ ନାମ ଘୋଷଣା କରିବେ ବୋଲି ଜଣାପଡ଼ିଛି।

# ୨୧ରେ ରାଜ୍ୟ କ୍ୟାବିନେଟ୍ | ପ୍ରତିଫଳିତ ହେବ ଭିଜନ-୨୦୩୬

**ଭୁବନେଶ୍ୱର,୧୮।୧୧ (ରବିନାରାୟଣ ଜେନା)**

ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଲାଗି ନଭେମ୍ବର ୨୧ରେ ରାଜ୍ୟ କ୍ୟାବିନେଟ୍ ବୈଠକ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ୬-୭ଟି ବିଭାଗର ପ୍ରାୟ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ପ୍ରାଥମିକ ପର୍ଯ୍ୟାୟରେ ସ୍ଥିର ହୋଇଛି। ଏଥିପାଇଁ ଜଳସମ୍ପଦ, ପଞ୍ଚାୟତିରାଜ, ସାଧାରଣ ପ୍ରଶାସନ, ଅର୍ଥ ଓ ଅନ୍ୟାନ୍ୟ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ୨୮ଟିରୁ ଅଧିକ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିସାରିଛି। ସେଥିମଧ୍ୟରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲାଗି 'ସୁଭଦ୍ରା' ଯୋଜନା କାର୍ଯ୍ୟକାରୀଠାରୁ ଆରମ୍ଭକରି ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ, ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମାସିକ ୩,୫୦୦ ଟଙ୍କାର ଭତ୍ତା ଭଳି ଯୋଜନାମାନ ରହିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୭ରେ ବିଧାନସଭାର ଶୀତକାଳୀନ ଅଧିବେଶନ ତଥା ଅତିରିକ୍ତ ବଜେଟ ଅନୁଷ୍ଠିତ ହେବାକୁ ରହିଛି। ଏହାକୁ ଦୃଷ୍ଟିରେରଖି କ୍ୟାବିନେଟ୍‌ରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।




# ୨ରୁ ୩ ଡିଗ୍ରୀ ବଢ଼ିବ ରାତି ତାପମାତ୍ରା

**ଭୁବନେଶ୍ୱର, ୧୮।୧୧(ବନ୍ଦନା ସେଠୀ)**

ରାଜ୍ୟରେ ଶୀତ ଲହରି ଜାରି ରହିଛି। ଆସନ୍ତା ୭ଦିନ ଯାଏ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଆଗାମୀ ୩ଦିନ ମଧ୍ୟରେ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ବଢିବ। ସେହିପରି ତାପମାତ୍ରା ସାମାନ୍ୟ ବଢ଼ିଲେ ମଧ୍ୟ ଶୀତର ପ୍ରକୋପ ଜାରି ରହିବା ସହ କିଛି ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅପରପକ୍ଷେ ଗତ ୨୪ ଘଣ୍ଟାରେ ୨୨ଟି ଜିଲାର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ତେବେ କନ୍ଧମାଳ ଜିଲା ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗବାଡି ଏବଂ ଫୁଲବାଣୀରେ ୮ଡିଗ୍ରୀ, ଅନୁଗୋଳ ୯.୮, ଝାରସୁଗୁଡା ୧୦.୧, ଭବାନୀପାଟଣା ୧୦.୪, ନବରଙ୍ଗପୁର ୧୧, ରାଉରକେଲା ଓ କୋରାପୁଟରେ ୧୧.୫, ସୁନ୍ଦରଗଡ଼ ୧୨, କେନ୍ଦୁଝର ୧୨.୬, ଢେଙ୍କାନାଳ ଏବଂ ରାୟଗଡ଼ାରେ ୧୩ଡିଗ୍ରୀ, ପାରଳାଖେମୁଣ୍ଡି ୧୩.୪, ଟିଟିଲାଗଡ଼ ୧୩.୫, ସମ୍ବଲପୁର ୧୩.୮, କଟକ ୧୪, ଭୁବନେଶ୍ୱର ଏବଂ ମାଲକାନଗିରିରେ ୧୪.୧ ଡିଗ୍ରୀ, ନୟାଗଡ ୧୪.୨, ବରଗଡ଼ ୧୪.୪ ଏବଂ ହୀରାକୁଦରେ ୧୪.୮ ଡିଗ୍ରୀ ତାପମାତ୍ରା ରହିଥିଲା।


# ସୁଶୀଲ ମେହେର ଧନୁଯାତ୍ରା କଂସ

**ବରଗଡ଼,୧୮।୧୧
(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୪ରୁ ଆରମ୍ଭ ହେବ। ଦୀର୍ଘ ୧୧ଦିନ



ବ୍ୟାପୀ ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏହି ମହୋତ୍ସବରେ ଅଭିନୟ କରିବା ପାଇଁ କଂସ ସମେତ ଅନ୍ୟ ପ୍ରମୁଖ ଚରିତ୍ର ନିମନ୍ତେ ମଙ୍ଗଳବାର କଳାକାର ଚୟନ କରାଯାଇଛି। ଏଥିରେ ବରଗଡ଼ ଜିଲା ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମର ସୁଶୀଲ କୁମାର ମେହେର ବରଗଡ଼ କଂସ ଅଭିନେତା ଭାବେ ମନୋନୀତ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲା ସୁନ୍ଦରଗଡ଼ ଟେଲିଫୋନ ଭବନର ପ୍ରଭାସ କୁମାର ତ୍ରିପାଠୀ ମୁଷ୍ଟିକ, ବଲାଙ୍ଗୀର ଜିଲା ରୋଡ୍ ନିକଟ ପଟାମୁଣ୍ଡାର ହିମାଂଶୁ ସାହୁ ଚାଣୁର, ବରଗଡ଼ ବ୍ଲକ ଡୁରୁଙ୍ଗା ନିକଟ ଦେଓଗାଁର ଆର୍ତ୍ତତ୍ରାଣ ମହାପାତ୍ର ଉଗ୍ରସେନ, ସୋହେଲା ବ୍ଲକ ପଣ୍ଡକିପାଲିର କାମରାଜ ଭୋଇ ନାରଦ, ପାଇକମାଳ ବ୍ଲକ ଛିନ୍ଦେଇକେଲା ଗ୍ରାମର ମନୋଜ ସାହୁ କୁମାର ବସୁଦେବ, ସୋନପୁର ଜିଲା ବିନିକା ବ୍ଲକ ଆଖିଦାଦର ଗ୍ରାମର ଜଗନ୍ନାଥ ସାହୁ ଅକ୍ରୁର, ଭେଡେନ ବ୍ଲକ ଯୁଗୀପାଲି ଗ୍ରାମର ଜଗବନ୍ଧୁ ମହାଲିଙ୍ଗ ସାତ୍ୟକୀ, ଅମ୍ବାଭୋନା ବ୍ଲକ ବଡଧରା ଗ୍ରାମର ହେମନ୍ତ ପ୍ରଧାନ ସେନାପତି, ବରପାଲିର ଗୁଲାବ ଚନ୍ଦ୍ର ଦାଶ ମହାମନ୍ତ୍ରୀ, ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ .୧୯ ବ୍ରହ୍ମବିହାର ମୁଗ୍ଧା ଦାଶ ଦେବକୀ ଚରିତ୍ର ପାଇଁ ଚୟନ ହୋଇଛନ୍ତି। ଧନୁଯାତ୍ରା ମହୋତ୍ସବ ସମିତି ଉପସଭାପତି ବରଗଡ଼ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହା ଘୋଷଣା କରିଛନ୍ତି। ଘୋଷଣା ସମୟରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ମଧ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ପ୍ରତି ୩ବର୍ଷରେ ଥରେ ଧନୁଯାତ୍ରା କଳାକାର ଚୟନ ପରମ୍ପରା ରହିଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଚିର ସବୁଜ ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୧୫।

**କଟକ**
- ଜିଲା ସାମାଜିକ କଲ୍ୟାଣ ବିଭାଗ ପକ୍ଷରୁ ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପିଏମ୍ କିଶାନ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ, ସ୍ଥାନ: କୃଷକ ତାଲିମ ଓ ଦକ୍ଷତା ବିକାଶ କେନ୍ଦ୍ର, ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଜଗତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ପିଏମ୍ କିଶାନ ୨୧ତମ କିସ୍ତି ପ୍ରଦାନର ସିଧା ପ୍ରସାରଣ ଓ କୃଷକ ସହ ମତ ବିନିମୟ, ସ୍ଥାନ: ଏମ୍‌କେସିଜି ପ୍ରେକ୍ଷାଳୟ, ଅନୁଷ୍ଠାନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ନୂଆପାଟଣା, ତିଗିରିଆ, ସମୟ: ଅପରାହ୍ନ ୧ଟା।
- ଛାତ୍ରୀଛାତ୍ରମାନଙ୍କ ପାଇଁ ଜିଲାସ୍ତରୀୟ ଉତ୍ସବ ସର୍ଗିଫୁଲ-୨୦୨୫, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ମାଧପୁର, ଆଠଗଡ଼, ସମୟ: ଅପରାହ୍ନ ୪ଟା।
- ସ୍ୱାଧୀନତା ସଂଗ୍ରାମୀ ତଥା ଆଇନଜ୍ଞ ଅମିତାଭ ମହାପାତ୍ରଙ୍କ ଶତବାର୍ଷିକୀ ଜୟନ୍ତୀ ଅବସରରେ ତୈଳଚିତ୍ର ଉନ୍ମୋଚନ, ସ୍ଥାନ: ହାଇକୋର୍ଟ ବାର୍ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ଶଙ୍କରପୁର ବାଦାମବାଡ଼ି ପାଲା ମଣ୍ଡପର ୮୯ତମ ବାଦୀପାଲାର ଉଦ୍‌ଯାପନୀ ଦିବସ, ସ୍ଥାନ: ପାଲାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ପୁରୀ**
- ସାକ୍ଷୀଗୋପାଳ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: କୃଷିବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ବାଲେଶ୍ୱର**
- ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମରଣ ସଭା, ସ୍ଥାନ: କଂଗ୍ରେସ ଭବନ, ଜଳେଶ୍ୱରପୁର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସ୍‌ଫୁସ୍ ରୋଗ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେ ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କିତ ସମନ୍ୱୟ ବୈଠକ, ସ୍ଥାନ: ଜିଲା ବନଖଣ୍ଡ କାର୍ଯ୍ୟାଳୟ, କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପିଏମ୍ କିସାନ ସମାରୋହ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଉତପଡ଼ା ସମବାୟ ସମିତି ବାର୍ଷିକ ସାଧାରଣ ସଭା, ସ୍ଥାନ: ରାଉତପଡ଼ା ସମିତି କାର୍ଯ୍ୟାଳୟ ସମ୍ମୁଖ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଲୋକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଧାମନଗର, ସମୟ: ସକାଳ ୯ଟା।
- ହାଇସ୍କୁଲସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: କୋହ୍ଲ ସରକାରୀ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ପାଲା ପରିବେଷଣ, ସ୍ଥାନ: କଳାପାହାଡ଼ କାର୍ତ୍ତିକେଶ୍ୱର ପୂଜା ମଣ୍ଡପ, ବନ୍ତ, ସମୟ: ରାତି ୮ଟା।

**କେନ୍ଦୁଝର**
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ରୋଟାରୀ କ୍ଲବ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।

**ମୟୂରଭଞ୍ଜ**
- ପ୍ରଥମ ବାର୍ଷିକ ଉତ୍ସବ,ସ୍ଥାନ: ଜଗନ୍ନାଥ ମନ୍ଦିର, ବେତନଟୀ,ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା-୨୦୨୫, ସ୍ଥାନ: ପ୍ରାଣୀ ଚିକିତ୍ସାଳୟ ପରିସର, ପୁରୁଣା ବାରିପଦା, ଗୋପବନ୍ଧୁ ନଗର, ସମୟ: ସକାଳ ୯ଟା।
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ସର୍କିଟ ହାଉସ୍, ବାରିପଦା,ସମୟ: ମଧ୍ୟାହ୍ନ ୧୨ଟା।

**ବ୍ରହ୍ମପୁର**
- ଇନ୍ଦିରା ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ବାପୁଜୀ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମା କୁମାରୀ ଶାନ୍ତି କୁଣ୍ଡ ପକ୍ଷରୁ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ଗଞ୍ଜାମ**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା,ସ୍ଥାନ: ବୁଗୁଡ଼ା,କରବୁଲି ଶକୁନ୍ତଳା ଉଚ୍ଚ ମାଧ୍ୟମିକ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**
- ଏକତା ପଦଯାତ୍ରା, ସ୍ଥାନ: ଅନୁଗୋଳ ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ଅଲ୍‌ଇଣ୍ଡିଆ କୋଅପରେଟିଭ୍ ସପ୍ତାହ ପାଳନ, ସ୍ଥାନ: ଅନୁଗୋଳ ପୌରପାଳିକା ଟାଉନହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍ କିଷାନ ଦିବସ ପାଳନ, ସ୍ଥାନ: ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ଅପରାହ୍ନ ୨ଟା।

**ଜଗତ୍‌ସିଂହପୁର**
- ଏକତା ପଦଯାତ୍ରା, ସ୍ଥାନ: ବିବେକାନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ, ଜଗତ୍‌ସିଂହପୁର, ସମୟ: ସକାଳ ୭ଟା ୩୦।
- ଯୁକ୍ତ ୩ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷାନବିସ ଯୋଜନା ଉପରେ ଆଲୋଚନା, ସ୍ଥାନ: ସମ୍ମିଳନୀ କକ୍ଷ, ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- କିଶାନ ସମ୍ମାନ ସମାରୋହ, ସ୍ଥାନ: ନିମାଇଁ ଭବନ, ଟାଉନ ହଲ୍, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୧ଟା୩୦।

**କେନ୍ଦ୍ରାପଡ଼ା**
- ରାଜସ୍ୱ ସମ୍ପର୍କିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାସୋବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାଗବତପୁର, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ସର୍ବଭାରତୀୟ ସମବାୟ ସପ୍ତାହ ପାଳନ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା୩୦।
- ୭୭ତମ ଏନସିସି ଦିବସ ପରିପ୍ରେକ୍ଷୀରେ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜିଲାସ୍ତରୀୟ ପିଏମ-କିଷାନ ଦିବସ, ସ୍ଥାନ : ଯାଜପୁର ଜିଲା ପରିଷଦ କନଫରେନ୍ସ ହଲ, ସମୟ : ଅପରାହ୍ନ ୧ଟା୩୦।
- କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ବ୍ୟାସନଗର ମାଲଗୋଦାମ ବଜାର, ସମୟ : ସନ୍ଧ୍ୟା ୭ଟା।

**ନୟାଗଡ଼**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ:ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା ୩୦।
- ୬୪ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟ 'ବି' ଗ୍ରୁପ୍‌ର ୪ର୍ଥ ଦିବସ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ନୟାଗଡ ବନାମ ଏମ୍‌କେଏସ୍‌ସି ବକ୍ସର ବିହାର, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ଦେବ ଦୀପାବଳି ଆରମ୍ଭ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସଂଧ୍ୟା ୬ଟା।

**ନବରଙ୍ଗପୁର**
- ବ୍ଲକ୍‌ସ୍ତରୀୟ କିଶୋର ଏବଂ କିଶୋରୀଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ପୋଡ଼ାଲଗୁଡା ଗ୍ରାମସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମବାର୍ଷିକୀ ଅବସରରେ ପଦଯାତ୍ରା, ସ୍ଥାନ: ବଡ଼ଭରଣ୍ଡି, ସମୟ: ସନ୍ଧ୍ୟା ୭ଟା।

**କୋରାପୁଟ**
- ମ୍ୟୁନିସିପାଲିଟି ପରବ ଶୁଭାରମ୍ଭ, ସ୍ଥାନ: ମା' ମୁତ୍ୟାଲୁମ୍ମା ମନ୍ଦିର, ଟିଙ୍କିରାସାହି, କୋରାପୁଟ, ସମୟ: ସକାଳ ୮ଟା।
- ପରବ ନେଇ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ, କୋରାପୁଟ, ସମୟ: ସକାଳ ୮ଟା।
- ପରବ ନେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତା, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସର୍ଗିଫୁଲ କାର୍ଯ୍ୟକ୍ରମ, ସ୍ଥାନ: ଏସଏସଡି ବିଦ୍ୟାଳୟ ପରିସର, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପର୍ଯ୍ୟଟନ ବିକାଶ ପରିଷଦର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ପରବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପଞ୍ଚାୟତ ସଭାଗୃହ, କୋଟପାଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଦେବୋତ୍ତର କମିଟି ବୈଠକ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ବୈଠକ ଗୃହ, ନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଉଦ୍‌ଘାଟନ, ସ୍ଥାନ: ଲିମା ଆବାସିକ ଉଚ୍ଚ ବିଦ୍ୟାଳୟ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଗୁମୁଡା ପଞ୍ଚାୟତ, କୋଟପାଡ଼ ବ୍ଲକ୍, ସମୟ: ଅପରାହ୍ନ ୨ଟା।
- ପିଏମ୍ କିଷାନ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୨ଟା।

**ମାଲକାନଗିରି**
- ପି.ଏମ୍ କିଶାନ ସମ୍ମାନ ନିଧି କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି, ସମୟ: ମଧ୍ୟାହ୍ନ ୨ଟା।
- ଖଇରପୁଟ ବ୍ଲକର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ଶପଥପାଠ, ସ୍ଥାନ:ସରକାରୀ ପ୍ରାଥମିକ ବିଦ୍ୟାଳୟ, କୁମାରପୁଟ , ସମୟ: ଅପରାହ୍ନ ୪ଟା ୩୦।

**ସମ୍ବଲପୁର**
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆଲୋଚନା ଚକ୍ର, ସ୍ଥାନ : ଅଇଁଠାପାଲି ନିକଟସ୍ଥ ଡଲଫିନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ରେଳ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ରେଲୱେ ଷ୍ଟେଶନ, ସମୟ : ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ପକ୍ଷରୁ କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ ପ୍ରେସ ଭବନ, ସମୟ : ଅପରାହ୍ନ ୩ଟା ୩୦।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫ର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ଏବଂ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ସମ୍ପଦ ବିଭାଗ ମନ୍ତ୍ରୀଙ୍କ ଖପ୍ରାଖୋଲ ଗସ୍ତ ଓ ସମୀକ୍ଷା ବୈଠକ, ସ୍ଥାନ: ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଟିମ୍‌ର କ୍ଷେତ୍ର ପରିଦର୍ଶନ, ସ୍ଥାନ: ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା, ସ୍ଥାନ: ତୁରେକେଲା, ସମୟ: ପୂର୍ବାହ୍ନ ୨ଟା।
- ଲୋଇସିଂହା ଷ୍ଟେଶନରେ ସମଲେଶରୀ ଏକ୍ସପ୍ରେସ ଟ୍ରେନ ରହଣି ଶୁଭାରମ୍ଭ, ସ୍ଥାନ: ଲୋଇସିଂହା ଷ୍ଟେଶନ, ସମୟ: ଅପରାହ୍ନ ୪ଟା।


**ରାଉରକେଲା**
- ୨୦ତମ ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ପରିସର, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ବାଲ ବିଜ୍ଞାନ ପ୍ରଦର୍ଶନୀ ୨୦୨୫-୨୬, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କୁମଝରିଆ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍ କିଷାନ ଦିବସ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, କିରେଇ, ସମୟ: ଅପରାହ୍ନ ୧ଟା ୪୦।

**ବରଗଡ଼**
- ଶିଶୁ ସାହିତ୍ୟ ସଂସଦର ତର୍କ ପ୍ରତିଯୋଗିତା, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୩ଟା।

**କଳାହାଣ୍ଡି**
- ଶାସ୍ତ୍ରିଜୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ଡିଗ୍ରୀ ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- ନିଯୁକ୍ତି ମେଳା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବେଦାନ୍ତ ସ୍କିଲ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।

# ରଣବୀରଙ୍କ ନୂଆ ଅବତାର



**ମୁମ୍ବାଇ:** ଅଭିନେତା ରଣବୀର ସିଂହଙ୍କ ବହୁ ପ୍ରତୀକ୍ଷିତ 'ଧୁରନ୍ଧର'ର ଧମାକାଦାର ଟ୍ରେଲର ରିଲିଜ୍ କରିଛି। ୪ ମିନିଟ ୭ ସେକେଣ୍ଡର ଏହି ଟ୍ରେଲର୍‌ରେ ରଣବୀର ସିଂହଙ୍କ କେବେ ଦେଖା ନ ଯାଇଥିବା ଅବତାର ଦର୍ଶକଙ୍କ ମନକୁ ଚକିତ କରିବ। ଫିଲ୍ମର ତିନି ଜଣ ଖଳନାୟକ ଅଛନ୍ତି। ପ୍ରଥମେ ଅର୍ଜୁନ ରାମପାଲ, ତା'ପରେ ଅକ୍ଷୟ ଖାନ୍ନା ଏବଂ ଶେଷରେ ସଞ୍ଜୟ ଦତ୍ତଙ୍କୁ ଦେଖିବାକୁ ମିଳିଛି।

ଟ୍ରେଲରଟି ଅର୍ଜୁନ ରାମପାଲଙ୍କ ଏକ ହୃଦୟ ବିଦାରକ ଏକକ ସଂଳାପ ସହିତ ଆରମ୍ଭ ହୁଏ। ପ୍ରତିଶୋଧ, ବିଶ୍ୱାସଘାତକତା ଏବଂ ଦେଶପ୍ରେମରେ ପରିପୂର୍ଣ୍ଣ ଏକ ଭୟଙ୍କର ଗୁପ୍ତଚର ଯୁଦ୍ଧକୁ ନେଇ ଫିଲ୍ମ ପର୍ଯ୍ୟବସିତ।

ଟ୍ରେଲରଟି ବିପଦପୂର୍ଣ୍ଣ ଆକ୍ସନ ସିକ୍ୱେନ୍ସ ଓ ରକ୍ତପାତରେ ପରିପୂର୍ଣ୍ଣ। ଆକ୍ସନ ସିକ୍ୱେନ୍ସଗୁଡ଼ିକ ରକ୍ତାକ୍ତ, ବଡ଼ ଧରଣର ଷ୍ଟଣ୍ଟ ଏବଂ ଶକ୍ତିଶାଳୀ ସଂଳାପ ସହିତ। ଟ୍ରେଲରଟି ଅନ୍‌ଲାଇନରେ ଚର୍ଚ୍ଚା ସୃଷ୍ଟି କରିଛି। ନିର୍ଦ୍ଦେଶକ ଆଦିତ୍ୟ ଧର ଏହି ଫିଲ୍ମଟିକୁ ଦୁଇଟି ଭାଗରେ ନିର୍ମାଣ କରିଛନ୍ତି। ପ୍ରଥମ ଭାଗ ଡିସେମ୍ବର ୫, ୨୦୨୫ରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବୃହସ୍ପତିଙ୍କ ଦୃଷ୍ଟିରେ ମୀନ ରାଶିସ୍ଥ ଶନି ହେତୁ ସତ୍‌କର୍ମରେ ଅର୍ଥର ବିନିଯୋଗ କରାଇବ। ସ୍ଥଗିତ ରହିଯାଇଥିବା କାମ ହାସଲର ଅନୁକୂଳ ସୂଚନା ପାଇ ମନ ହାଲୁକା ରହିପାରେ। ପାରିବାରିକ ସମସ୍ୟା ସମାଧାନ ଖୁସିକୁ ଦ୍ୱିଗୁଣିତ କରିବ। ଶତ୍ରୁମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ**
ଆପଣଙ୍କ ରାଶି ପ୍ରତି ଶନିଙ୍କ ପୂର୍ଣ୍ଣଦୃଷ୍ଟି ସମ୍ପର୍କ ବହୁବିଧ କର୍ମରେ ଅନୁପ୍ରବେଶ କରାଇପାରେ। କିନ୍ତୁ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ବିବାଦ ପ୍ରଭୃତି ପାଇଁ ଅନୁକୂଳ ରହି ନ ପାରେ। ବନ୍ଧୁମାନେ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣାରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବାର ଆଶଙ୍କା ରହିଛି।

**ମିଥୁନ**
ଧନାଧିପତି ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରି ପାରିବାରିକ ସମସ୍ୟାକୁ ସୁଧାରି ନେଇପାରନ୍ତି। ରାହୁଙ୍କ ଦୃଷ୍ଟିଜନିତ ପ୍ରତ୍ୟେକ ସ୍ତରରେ ଭାବିଚିନ୍ତି କାମ କରିବା ଭଲ। ପରିବାରରେ ଜିଦ୍‌ରେ ଅଟଳ ରହିବାରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଆନୁଷ୍ଠାନିକ କାମରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**କର୍କଟ**
ଚନ୍ଦ୍ରଙ୍କ ଅବସ୍ଥିତି ଆଜିର କର୍ମକ୍ଷେତ୍ରରେ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ନିର୍ମାଣ କ୍ଷେତ୍ରରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ଲାଗି ରହିଥିବା ସମସ୍ୟା ଦୂର ହୋଇଯିବ।

**ସିଂହ**
ରାଶ୍ୟାଧିପ ଅନ୍ୟ ତିନୋଟି ଗ୍ରହ ସଙ୍ଗରେ ଚତୁର୍ଥସ୍ଥ ହେତୁ ପରିବାର ଓ କର୍ମସଂସ୍ଥାନ ପାଇଁ ଶୁଭଫଳ ପ୍ରଦାନ କରିବ। ଯେକୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି ପାଣିଫୋଟକା ପରି ମିଳାଇଯିବ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ମୁଖଭାବରେ ଶୁକ୍ର ଓ ଚନ୍ଦ୍ର ସୁସ୍ୱାଦୁ ଭୋଜନ, ବସ୍ତ୍ରଭୂଷଣ, ସୁଖ, ସମ୍ମାନ ସଙ୍ଗକୁ ଅର୍ଥ ଉପଢ଼ୌକନାଦି ପ୍ରଦାନ କରିପାରେ। ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମ ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ତୁଳା**
ଆଜିର ଚନ୍ଦ୍ର ଯାତ୍ରା, କର୍ମାରମ୍ଭ, ଋଣ ପରିଶୋଧ ପାଇଁ ରାସ୍ତା ସୁଗମ କରିପାରେ। ସ୍ୱାସ୍ଥ୍ୟହାନି, ଶତ୍ରୁତା ଓ ଆତ୍ମୀୟଙ୍କ ବିରୋଧସ୍ୱର ମନରେ ଦୁଶ୍ଚିନ୍ତା ଉଦ୍ରେକ କରିବ। ଆଲୋଚନା ପରିସରରେ ସମାଧାନର ସରଳସୂତ୍ର ବାହାର କରିବେ। ଆଜିର ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ଆଶଙ୍କା ରହିଛି।

**ବିଛା**
ଆଜିର ଗ୍ରହସ୍ଥିତି ଆପଣଙ୍କ ପାଇଁ ପ୍ରତିକୂଳ ନ ହେଲେ ଶତ୍ରୁକ୍ଷେତ୍ରସ୍ଥ ଚନ୍ଦ୍ର ମାନସିକ ସ୍ତରରେ ଟେନ୍ସନ ସୃଷ୍ଟି କରିବ। ସତର୍କତା ଅଭାବରୁ ଯାହା ଭାବୁଥିବେ କାମ କରିବା ବେଳକୁ ଓଲଟା ହୋଇଯାଇପାରେ। ବ୍ୟବସାୟ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ସଙ୍ଗୀତ, କ୍ରୀଡ଼ା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ରାହୁ ଚତୁର୍ଥସ୍ଥ ହେତୁ ପରିବାର,ଲୋକ ସମ୍ପର୍କ ପାଇଁ ସମସ୍ୟାର କ୍ଷେତ୍ର ସୃଷ୍ଟି କରିପାରେ। ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବୈବାହିକ ସମ୍ବନ୍ଧ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା କରିବାର ସୁଯୋଗ ପାଇବାର ଆଶା ରହିଛି। ବନ୍ଧୁଙ୍କ ସାହାଯ୍ୟରୁ ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର**
ଦେବଗୁରୁଙ୍କ ରାଶିପ୍ରତି ଶୁଭଦୃଷ୍ଟିରୁ ଯାହା ଭାବୁଥିଲେ ତାହା ଆଜି ବାସ୍ତବତାରେ ପରିଣତ ହେବ। ନୂତନ ବନ୍ଧୁଙ୍କ ସଂସ୍ପର୍ଶରେ ଆସି ଲକ୍ଷ୍ୟ ହାସଲ କରିବେ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ବିରୋଧ କିମ୍ବା ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। କୌଣସି ଏକ ସାଧାରଣ କଥାକୁ ନେଇ ସ୍ତ୍ରୀଙ୍କ ସହ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ଏକାଧିକ ଗ୍ରହ ସମ୍ବନ୍ଧରୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଶୁଭ ଖବର ପାଇ ଖୁସି ହେବେ । ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ନିଜ ପରିସରସ୍ଥ ବ୍ୟକ୍ତିବିଶେଷଙ୍କ ଆହ୍ୱାନକ୍ରମେ ସାଂଗଠନିକ ସଭାସମିତିରେ ଯୋଗଦେଇପାରନ୍ତି।

**ମୀନ**
ଚନ୍ଦ୍ରଙ୍କ ଅଷ୍ଟମସ୍ଥାନରେ ଅବସ୍ଥିତି ଆପଣଙ୍କୁ କଳ୍ପନା ମାଧ୍ୟମରେ ଆନନ୍ଦ ପ୍ରଦାନ କରାଇ ଭାବୁକ ବନାଇପାରେ। ବିବ୍ରତ ନ ହୋଇ କାମ ଆରମ୍ଭ କଲେ ଯଥା ସମୟରେ ସବୁ ଠିକ୍ ହୋଇଯିବ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ।

ଆଜି ନଭେମ୍ବର ୧୯ ତାରିଖ। ଜାତୀୟ ସଂହତି ଦିବସ, ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ବୁଧବାର। ଶ୍ରୀମନ୍ଦିରରେ ଦେବ ଦୀପାବଳି ଆରମ୍ଭ, ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଶ୍ରୀଜୀଉଙ୍କ ଶ୍ରାଦ୍ଧ ବେଶ, ଅମାବାସ୍ୟାର ନିଶାପାଳନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦୧ମି. ଗତେ ଘ.୦୮.୧୩ମି. ମଧ୍ୟେ, ଘ.୧୦.୨୫ମି. ଗତେ ଘ.୧୧.୩୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୧ମି. ଗତେ ଘ.୧୨.୫୪ମତ. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଦୁର୍ନୀତିର ଛାଇ...

ଭାବେ ରୋକିବା, ଚୋରାମଦ କାରବାର ବିରୋଧରେ ଏନ୍‌ଫୋର୍ସମେଣ୍ଟକୁ ଅଧିକ କଡ଼ାକଡ଼ି କରିବା, ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ କରିବା, ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବା ଇତ୍ୟାଦି ବିଷୟରେ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ପାଇଁ କହିଛନ୍ତି। ଜିଲାପାଳମାନେ କ୍ଷମତାର ଉପଯୁକ୍ତ ବ୍ୟବହାର କରି ସବୁସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣିବା ପାଇଁ ପ୍ରୟାସ କରିବା ଦରକାର। ଜିଲା ଓ ବ୍ଲକ୍‌ସ୍ତରରେ ସମସ୍ତ ସରକାରୀ ନଥିପତ୍ର, ନୋଟିସ, ବିବରଣୀ ଓ ବିଜ୍ଞାପନ ଓଡ଼ିଆ ଭାଷାରେ ଲେଖିବାକୁ ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସରକାର ଓ ପ୍ରଶାସନର ଗତି ସମାନ୍ତରାଳ ନ ରହିଲେ ସମାଜର ଶେଷଧାଡ଼ି ପର୍ଯ୍ୟନ୍ତ ଯୋଜନାର ସୁଫଳ ପହଞ୍ଚିବ ନାହିଁ। ତେଣୁ ଲୋକଙ୍କ ସରକାରରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସବୁ ଯୋଜନା ଓ କାର୍ଯ୍ୟକ୍ରମକୁ ଠିକ୍ ସମୟରେ ସାରିବା ଜରୁରୀ ବୋଲି ସେ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଆମେ ଜନତାଙ୍କ ସେବକ। ଲୋକଙ୍କୁ ସେବା ଯୋଗାଇବା ଆମ ଦାୟିତ୍ୱ। ଅଫିସ୍ ଆସିବା କ୍ଷଣି ମାଲିକ ଭାବେ ସେମାନଙ୍କୁ ସେବା ଯୋଗାଇବା। ଫିଲ୍ଡ ଭିଜିଟ୍ ନିୟମିତ ହେବା ଆବଶ୍ୟକ। ତାହା ହେବା ଦ୍ୱାରା ଆମେ ଲୋକଙ୍କ ସମସ୍ୟା ଜାଣିପାରିବା। ଖାଲି ଜାଣିବା ନୁହେଁ, ତାକୁ ସମାଧାନ କରିବାର ମନୋଭାବ ନେବା। ସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ହେବା ଦରକାର। ସେ ପୁଣି କହିଥିଲେ, ଓଡ଼ିଶା ବୋଧେ ଦୁର୍ନୀତିର ଗନ୍ଧାଘର ହୋଇଯାଇଛି। ଯୁଆଡ଼େ ଦେଖିଲେ କ୍ରାଇମବ୍ରାଞ୍ଚ ଚଢ଼ାଉ। ଖାଲି ଅଧିକାରୀ ନୁହନ୍ତି, ଜିଲାପାଳ ମଧ୍ୟ ଦାୟିତ୍ୱ ନିଅନ୍ତୁ। ମୋ ପାଖକୁ ଦୁର୍ନୀତିର ଖବର ଆସୁଛି। ମୋର ଗୋଇନ୍ଦା ରହିଛି। ଭିଜିଲାନ୍ସ ପହଞ୍ଚିବା ପୂର୍ବରୁ ଆମେ କାହିଁକି ନ ଧରିବା। ନାକ ତଳେ ଯିଏ ଦୁର୍ନୀତି କରୁଛି ତାକୁ ଧରନ୍ତୁ। ୱାନ୍ ଗୁଡେଦର ଓ ୱାର୍କ ଗୁଡେଦର ଆମର ମନ୍ତ୍ର ହେବା ଦରକାର ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ସେ ଆହୁରି କହିଛନ୍ତି, ବିଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କ ପାଇଁ ସଫଳତାପୂର୍ବକ ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରାଯାଇଛି। ୨ କୋଟି ୨୦ ଲକ୍ଷ ଲୋକଙ୍କୁ ସାଧାରଣ ସେବା ଯୋଗାଇଦେବାରେ ସଫଳ ହୋଇଛି ଆମ ସରକାର। ୨୪ ହଜାର ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ଦେବାରେ ସଫଳ ହୋଇଛୁ। ୨୫ ହଜାର ଭୂମିହୀନଙ୍କୁ ଜମି ଯୋଗାଇ ଦିଆଯାଇଛି। କିନ୍ତୁ ସେଥିରେ ଆମ ସରକାର ସନ୍ତୁଷ୍ଟ ନୁହେଁ, ଏହାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ପଡ଼ିବ ଏବଂ ପିପୁଲ୍‌ସ ଫ୍ରେଣ୍ଡଲି ଆଡ୍‌ମିନିଷ୍ଟ୍ରେଶନ ଯୋଗାଇବାକୁ ହେବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ତୃଣମୂଳସ୍ତରର ପ୍ରତ୍ୟେକ ସ୍ଥାନରେ ପ୍ରଶାସନ ପହଞ୍ଚିବା ଦରକାର ଏବଂ ପ୍ରତି ନାଗରିକଙ୍କୁ ଉଚିତ ସମ୍ମାନର ସହ ସେବା ଯୋଗାଇଦେବା କ୍ଷେତ୍ରରେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଛନ୍ତି।

## ମାଓବାଦୀ ନେତା...

ସମେତ ୭ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ୨୬ରୁ ଊର୍ଦ୍ଧ୍ୱ ବଡ଼ ମାଓବାଦୀ ଆକ୍ରମଣରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ମାଡ଼ଭି ହିଡମା ଦେଶର ସବୁଠୁ ଦୁର୍ଦ୍ଧର୍ଷ ଉଗ୍ରବାଦୀ ନେତା ଥିଲେ। ତାଙ୍କର ନିଧନ ବେଆଇନ ଘୋଷିତ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାଓବାଦୀ)ର ସଞ୍ଚାଳନ ଓ ବିଚାରଧାରା ପ୍ରତି ବଡ଼ ଧକ୍କା ବୋଲି କୁହାଯାଉଛି। ତାଙ୍କ ସମେତ ଚଳିତ ବର୍ଷ ବହୁ ମାଓବାଦୀ ନିହତ ହୋଇଥିବାବେଳେ ଅନେକ ଆତ୍ମସମର୍ପଣ କରିଥିବାରୁ ମାଓବାଦୀ ନେତୃତ୍ୱ ଦୁର୍ବଳ ହୋଇପଡ଼ିଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ କରିବା ପାଇଁ ଶାହା ପୂର୍ବରୁ ସମୟସୀମା ଧାର୍ଯ୍ୟ କରିଥିଲେ। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ଏବଂ ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମରାଜୁ ଜିଲାରେ ମଙ୍ଗଳବାର ୨ ଏନ୍‌କାଉଣ୍ଟରରେ ମୋଟ ୭ ମାଓବାଦୀ ନିହତ ହୋଇଛନ୍ତି। ଆଲୁରି ସୀତାରାମ ରାଜୁ ଜିଲାର ମେରେଡମାଲ୍ଲି ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ଗୁଳିରେ କୁଖ୍ୟାତ ମାଓବାଦୀ ନେତା ମାଡଭି ହିଡମା (୪୩) ଓ ତାଙ୍କ ସ୍ତ୍ରୀ ରାଜେ ଓରଫ୍ ରାଜାକ୍କା ସମେତ ୬ ମାଓବାଦୀ ନିହତ ହୋଇଥିବାବେଳେ ଛତିଶଗଡ଼ ସୁକ୍‌ମା ଜିଲା ଏରାବୋର ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ବେଳେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ବନ୍ଧୁକ ସହ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି।

ହିଡମା ଓ ତାଙ୍କ ସ୍ତ୍ରୀ ରାଜେ ମାଓବାଦୀ ସଂଗଠନ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ହିଡ଼ିମାଙ୍କ ଉପରେ ଛତିଶଗଡ଼ ସରକାର ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ଏହି ଏନ୍‌କାଉଣ୍ଟରରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ଆଉ ୨ଜଣ ଟପ୍ ମାଓବାଦୀ ଚେଲ୍ଲୁରି ନାରାୟଣ ଓରଫ ସୁରେଶ ଓ ଶଙ୍କର ଆନ୍ନା ମଧ୍ୟ ପ୍ରାଣ ହରାଇଥିବା ଜଣାପଡ଼ିଛି। ଉଭୟ ଛତିଶଗଡ ଓ ଆନ୍ଧ୍ରପ୍ରଦେଶ ପୋଲିସ ଘଟଣା ସମ୍ପର୍କରେ ଜୋର୍‌ଦାର ଛାନ୍‌ଭିନ୍ କରୁଛି । ଗୁଳି ବିନିମୟ ବନ୍ଦହେବା ପରେ ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେଶନ କରି ଫେରିବା ପରେ କେତେ ମାଓବାଦୀ ମୃତାହତ ହୋଇଛନ୍ତି ଜଣାପଡ଼ିବ ବୋଲି ଆନ୍ଧ୍ର ଓ ଛତିଶଗଡ଼ ପୋଲିସ କହିଛି। ସୂଚନାଯୋଗ୍ୟ, ୨୦୧୩ ଦରଭା ଉପତ୍ୟକା ହତ୍ୟାକାଣ୍ଡ ଏବଂ ୨୦୧୭ ସୁକ୍‌ମା ଆକ୍ରମଣ ସମେତ ୨୬ଟି ଘାତକ ଆକ୍ରମଣ ପାଇଁ ଦାୟୀ ହିଡ଼ମା ଦୀର୍ଘଦିନ ଧରି ସୁରକ୍ଷା ବାହିନୀର ନଜରରେ ଥିଲେ।

## ରାଜନୈତିକ ଯୁଦ୍ଧ...

ଦେଇଥିବାବେଳେ ନଭେମ୍ବର ୧୪ରେ ସୁପ୍ରିମକୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ମଙ୍ଗଳବାର ସିଜେଆଇ ଗବଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍ ସାମିଲ ଥିବା ଖଣ୍ଡପୀଠ ସିବିଆଇ ପକ୍ଷରୁ ଦାଖଲ ପିଟିଶନର ଶୁଣାଣି କରି କହିଛନ୍ତି, ରାଜନୈତିକ ଯୁଦ୍ଧ ପାଇଁ କଳକୁ କାହିଁକି ବ୍ୟବହାର କରୁଛ ? ଆମେ ତୁମକୁ ଏହା ଉପରେ ପୂର୍ବରୁ ମଧ୍ୟ ତାଗିଦ କରିସାରିଛୁ ବୋଲି ସିଜେଆଇ କହିବା ସହ ଉକ୍ତ ପିଟିଶନକୁ ଖାରଜ କରିଦେଇଛନ୍ତି।

## ବର୍ଷର ଶ୍ରେଷ୍ଠ ଶବ୍ଦ...

ହୋଇଥାଏ, ଯେଉଁଠି ଦର୍ଶକ ବା ସମ୍ପୃକ୍ତ ୟୁଜର ସହି ପରିଚିତ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଜାଣିଥିବା ମନେକରନ୍ତି। ଏହା ତାଙ୍କର ଏକ ମିଥ୍ୟା ଧାରଣା। ଆମେରିକୀୟ ଫୁଟ୍‌ବଲର୍ ଟ୍ରାଭିସ୍ କେଲ୍‌ସେ ଏବଂ କଣ୍ଠଶିଳ୍ପୀ ଟେଲର ସ୍ୱିଫ୍ଟ ସେମାନଙ୍କ ନିର୍ବନ୍ଧ ଘୋଷଣା କରିବା ସମୟରେ ପ୍ରଶଂସକମାନେ ଦେଖାଇଥିବା ରୁଚି ଏହାର ଏକ ଉତ୍କୃଷ୍ଟ ଉଦାହରଣ। ୧୯୫୬ରେ ଆମେରିକୀୟ ସମାଜବିଜ୍ଞାନୀମାନେ ଟିଭି ଦର୍ଶକମାନେ ପରଦାରେ ଆସୁଥିବା ବ୍ୟକ୍ତିତ୍ୱଙ୍କ ସହ ପାରାସୋସିଆଲ ରିଲେଶନ୍‌ରେ ରହୁଥିବା ନେଇ ପ୍ରଥମ ଥର ଦେଖାଯାଇଥିଲା। ଶିକାଗୋ ୟୁନିଭର୍ସିଟିର ସୋସିଓଲୋଜିଷ୍ଟ ଡୋନାଲ୍ଡ ହୋର୍ଟନ୍ ଏବଂ ରିଚାର୍ଡ ୱୋହଲ୍ ପ୍ରଥମେ ଏହି ଶବ୍ଦକୁ ବ୍ୟବହାର କରିଥିଲେ। ପରବର୍ତ୍ତୀ ସମୟରେ ଏହାର ବହୁଳ ବ୍ୟବହାର ହେବାରେ ଲାଗିଲା। ୨୦୨୫ରେ କ୍ୟାମ୍ବ୍ରିଜ ଡିକ୍ସନାରିରେ ଡେଲୁଲୁ, ସ୍ଲୋପ୍, ସ୍କିବିଡି ଓ ଟ୍ରାଡ୍‌ୱାଇଫ୍ ସମେତ ୬,୦୦୦ ନୂଆ ଶବ୍ଦକୁ ଯୋଡ଼ାଯାଇଛି। ତନ୍ମଧ୍ୟରୁ ପାରାସୋସିଆଲକୁ ଶ୍ରେଷ୍ଠ ବିବେଚନା କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଳୁ ପତର କି ସାରୁ ପତର**
**ସେ କି ହୋଇବ ପାନ**
**ପଛରେ ଯାହାକୁ ଭାରିଯା କରିବ**
**ସେ କି ଜାଣିବ ମନ ।**

ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ଉଚିତ। ପଛ ସ୍ତ୍ରୀର ଆଭିମୁଖ୍ୟ ସେତେଟା ଗ୍ରହଣୀୟ ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖି ବୁଜିଲେ କୁଆଙ୍କ ରାଇଜ।**

ପରିବର୍ତ୍ତନ ପାଇଁ ମୁହୂର୍ତ୍ତଟିଏ ଯଥେଷ୍ଟ। ଉପଯୁକ୍ତ ଉତ୍ତରାଧିକାରୀ ଅଭାବରେ ସମ୍ପତ୍ତି ନଷ୍ଟ ହୋଇଯାଏ। ନିଜ ସମ୍ପତ୍ତି ପ୍ରତି ସତର୍କ ଦୃଷ୍ଟି ନ ଦେଲେ ପରଲୋକେ ଖାଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ବିଧାନସଭା ପରିଦର୍ଶନ କଲେ ୧୨ ଦେଶର ୪୦ ପ୍ରତିନିଧି

**ଭୁବନେଶ୍ୱର,୧୮।୧୧ (ରବିନାରାୟଣ ଜେନା)**

ରାଜ୍ୟବାସୀଙ୍କୁ କିଭଳି ସୁଶାସନ ମିଳିବ, ସେଥିପାଇଁ ସ୍ୱତନ୍ତ୍ର ବିଧିବ୍ୟବସ୍ଥା ହେବାର ଆବଶ୍ୟକ ରହିଛି। ଏହି ବିଧିକୁ ପ୍ରସ୍ତୁତ କରିବା ଏବଂ ଏହାର ସଂଶୋଧନ କରିବାରେ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବାଚସ୍ପତି ସୁରମା ପାଢ଼ୀ ମଙ୍ଗଳବାର କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଲୋକ ସଭା ସଚିବାଳୟର ପାର୍ଲାମେଣ୍ଟାରୀ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ପକ୍ଷରୁ ୧୨ଟି ଦେଶର ୪୦ ବିଦେଶୀ ପ୍ରତିନିଧିଙ୍କ ବିଧାନସଭା ପରିଦର୍ଶନ ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଚସ୍ପତି କହିଥିଲେ, ବିଧାନସଭାର ସଂସଦୀୟ କାର୍ଯ୍ୟପ୍ରଣାଳୀ ଭାରତର ସର୍ବଶ୍ରେଷ୍ଠ। ଚଳିତ ୧୭ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟଦିବସ ସମ୍ପାଦନ କରିବା ପାଇଁ ସକ୍ଷମ ହୋଇପାରିଛି। ଏତଦ୍‌ବ୍ୟତୀତ ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେଶନ ଏବଂ କମ୍ପ୍ୟୁଟରୀକରଣ ହେବା ସହ ନେଭା(ଏନ୍‌ଇଭିଏ) ପ୍ରୋଜେକ୍ଟ ଦ୍ୱାରା ସମସ୍ତ କାର୍ଯ୍ୟକୁ କାଗଜଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି। କାର୍ଯ୍ୟକ୍ରମରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଓଡ଼ିଶା ବିଧାନସଭାର ବିଧିବ୍ୟବସ୍ଥା ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

# ପାଣିକୋଇଲିରେ ବାଂଲାଦେଶୀ ଚିହ୍ନଟ

**ପାଣିକୋଇଲି,୧୮।୧୧ (ବିକାଶ ମଲ୍ଲିକ)**

ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧିପାଇଛି। ଉକ୍ତ ଅନୁପ୍ରବେଶକାରୀ ରାଜ୍ୟର ବିଭିନ୍ନ ସ୍ଥାନରେ ରହି ଚୋରି, ଡକାୟତି, ହତ୍ୟା ଓ ବଳାତ୍କାର ଆଦି ଘଟଣା ଘଟାଇ ନିଜ ଦେଶକୁ ଫେରାର ହୋଇଯାଉଛନ୍ତି। ଫଳରେ ସେମାନଙ୍କୁ କାବୁ କରିବା ପୋଲିସ ପାଇଁ କଷ୍ଟକର ହୋଇପଡୁଛି। କେନ୍ଦୁଝର ଜିଲାରେ ଜଣେ ଦିବ୍ୟାଙ୍ଗ ଆଦିବାସୀ ନାବାଳିକାଙ୍କୁ ଜଣେ ବାଂଲାଦେଶୀ ଅନୁପ୍ରବେଶକାରୀ ବଳାତ୍କାର କରିବା ପରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କେନ୍ଦୁଝର ଜିଲା ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶକ୍ରମେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳବାର ବାଂଲାଦେଶୀ ଚିହ୍ନଟ କରାଯାଇଛି। ଏସ୍‌ଆଇ ପ୍ରଶାନ୍ତ କୁମାର ଦାଶ, ଏଏସ୍‌ଆଇ ସୋମନାଥ ରାଉତ, ହାବିଲଦାର ସୁଲୋଚନ ବେହେରା ପ୍ରମୁଖ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୧୦ ଜଣଙ୍କୁ ଚିହ୍ନଟ ଥାନାରେ ଅଟକ ରଖଇଛନ୍ତି। ସେମାନଙ୍କ ଆଧାର କାର୍ଡ ଓ ଅନ୍ୟ କାଗଜପତ୍ର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଥାନା ଅଞ୍ଚଳରେ ଯଦି କୌଣସି ବ୍ୟକ୍ତିଙ୍କୁ ସ୍ଥାନୀୟ ବ୍ୟକ୍ତି ସନ୍ଦେହ କରନ୍ତି ତେବେ ପୋଲିସକୁ ଜଣାଇବାକୁ ଥାନାଧିକାରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ଭାଷଣବାଜିରେ ସରକାର: ବିଜେଡି

**ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)**

ଜିଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷଣ ଉପରେ ପ୍ରତିକ୍ରିୟା ଦେଇ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ବୋଲି ବିଜେଡି ଅଭିଯୋଗ କରିଛି। ଲୋକଙ୍କ ପାଖରେ ସରକାର ପହଞ୍ଚିବାରେ ସକ୍ଷମ ହୋଇପାରି ନାହାନ୍ତି ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ବିଜେଡି ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାର ୧୬ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ରହିଛି। ପୂର୍ବ ବିଜେଡି ସରକାରଙ୍କ ଯୋଜନା ଗୁଡିକର କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ବେଳେ, ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ।

# ୪୪ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଗିରଫ

**ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ)**



ଶୀତର ପ୍ରକୋପ ବଢ଼ିବା ସହିତ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପକ୍ଷୀଙ୍କ କଳରବରେ ଚିଲିକା ମୁଖରିତ ହୋଇଉଠିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପକ୍ଷୀଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଦୋଛିଆ ନିକଟରେ ରେଞ୍ଜର ଚିତ୍ରସେନ ଜେନାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଚଢ଼ାଉ କରାଯାଇ ଜଣେ ଶିକାରୀଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୪୪ଟି ମୃତ ବିଦେଶୀ ପକ୍ଷୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଭୁଷଣ୍ଡପୁର ବଡ଼ସାହିର ପ୍ରଦୀପ ମଲ୍ଲିକ। ମୃତ ପକ୍ଷୀଙ୍କ ମଧ୍ୟରେ ୨୩ଟି ନର୍ଦ୍ଦନ ପିଣ୍ଟେଲ, ୩ଟି ନର୍ଦ୍ଦନ ଶୋଭେଲର, ୯ଟି ଗାର୍ଗନି, ୮ଟି ଫିଜାଣ୍ଟ ଟେଲ୍ଡ ଜାକାନା ଏବଂ ଗୋଟିଏ ବ୍ରୋଞ୍ଜ ୱିଙ୍ଗଡ୍ ଜାକାନା ରହିଛି। ମୃତ୍ୟୁର କାରଣ ଜାଣିବା ପାଇଁ ପକ୍ଷୀଙ୍କ ବ୍ୟବଚ୍ଛେଦ କରାଯିବ। ଏଥିସହ ମୃତ ପକ୍ଷୀଙ୍କ ନମୁନା ପରୀକ୍ଷା ପାଇଁ ଫୋରେନସିକ ଲାବୋରେଟୋରୀକୁ ପଠାଯିବ। ଦୁର୍ବୃତ୍ତମାନେ ବିଷଦେଇ ପକ୍ଷୀ ଶିକାର କରିଥିବା ସନ୍ଦେହ କରାଯାଉଛି। ଏନେଇ ଏକ ମାମଲା (ନଂ.୩/୨୫)ରୁଜୁ ପରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି ଚଢ଼ାଉରେ ଭୁଷଣ୍ଡପୁର ଫରେଷ୍ଟର ସବିତା ପ୍ରଧାନ, ଫରେଷ୍ଟଗାର୍ଡ ଅନୀଲ ପିଙ୍ଗୁଆ, ସୁରକ୍ଷା ବାହିନୀ ରାକେଶ ଖଣ୍ଡୁୟତରାୟ, ପ୍ରଦୀପ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।










"ଆଗ ତୁମେ ନିଜକୁ ପରିବର୍ତ୍ତନ କର। ତା'ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଇଛି। ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି- ତାହା ଆଡକୁ ନିଜକୁ ଖୋଲି ଧର। ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ। -ଶ୍ରୀମା

-ଶ୍ରୀମନ୍ଦିରରେ ଦେବଦୀପାବଳି ଆରମ୍ଭ ଓ ଚନ୍ଦ୍ରକ୍ଷୟ



# ହାଜାରେ ନୁହେଁ, ନିର୍ଭୟା

ମେକ୍ସିକୋର ମିଚୋଆକାନ ରାଜ୍ୟର ଉରୁଆପାନ୍ ମେୟର କାର୍ଲୋସ ଅଲବେର୍ଟୋ ମାଞ୍ଜୋ ରୋଡ୍ରିଗେଜ୍‌ଙ୍କୁ ୧୫ ନଭେମ୍ବରରେ ହତ୍ୟା କରାଯିବା ପରେ ସେହି ଦେଶରେ 'ଜେନ୍ ଜି' ଆନ୍ଦୋଳନ ବିରାଟ ରୂପ ଧାରଣ କରିଛି। ଦେଶବ୍ୟାପୀ ବିକ୍ଷୋଭକାରୀ ହିଂସା, ଅପରାଧ, ଦୁର୍ନୀତି ବିରୋଧରେ ପ୍ରତିବାଦ କରୁଛନ୍ତି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ନିକଟ ଅତୀତରେ ନେପାଳ ଓ ମାଡଗାସ୍କରରେ 'ଜେନ୍ ଜି'ଙ୍କ ବିକ୍ଷୋଭ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ୧୯୯୭ରୁ ୨୦୧୨ ଯାଏ ଜନ୍ମିତ ଯୁବଗୋଷ୍ଠୀ 'ଜେନ୍ ଜି' ଭାବେ ପରିଚିତ। ସେମାନେ ଅସମାନତା, ଗଣତାନ୍ତ୍ରିକ ପତନ ଓ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରି ନେପାଳରେ ପ୍ରଧାନମନ୍ତ୍ରୀଙ୍କୁ ହଟାଇ ଦେବା ସହ ମାଡ୍‌ଗାସକରରେ ରାଷ୍ଟ୍ରପତିଙ୍କୁ ବିଦା କରିବାରେ ସକ୍ଷମ ହେଲେ। 'ଜେନ୍ ଜି' ଭଳି କୌଣସି ସ୍ୱତନ୍ତ୍ର ଆଖ୍ୟା ପାଇ ନ ଥିଲେ ମଧ୍ୟ ୨୦୨୩ରେ ଶ୍ରୀଲଙ୍କା ଓ ୨୦୨୪ରେ ବାଂଲାଦେଶରେ ଯୁବଗୋଷ୍ଠୀ ଅନ୍ୟାୟ ବିରୋଧରେ ରାସ୍ତାକୁ ଆସି ପ୍ରତିବାଦ କରିବାରୁ ସେଠାକାର ସରକାର ଗଡ଼ିଗଲେ। ବିଶ୍ୱର ଯେଉଁ ଗଣତାନ୍ତ୍ରିକ ରାଷ୍ଟ୍ରର ନେତାମାନେ ଭାବୁଛନ୍ତି ଯେ, ସେମାନଙ୍କ ଦେଶରେ 'ଜେନ୍ ଜି' ବିପ୍ଳବ କିଛି ପ୍ରଭାବ ପକାଇବନାହିଁ, ବୈଶ୍ୱିକ ସ୍ଥିତିକୁ ଦେଖିଲେ ସମ୍ଭବତଃ ସେହି ଚିନ୍ତାଧାରା ଭୁଲ୍ ପ୍ରମାଣିତ ହୋଇପାରେ। କାରଣ ଏହି ବର୍ଗ ଏକ ସ୍ୱଚ୍ଛ ବ୍ୟବସ୍ଥା, ଔଦ୍ୟୋଗିକ ପରିବେଶ ସୃଷ୍ଟି ସହ କର୍ମସଂସ୍ଥାନର ପରିସର ବ୍ୟାପକ ହେବା ସହିତ ଜନମଙ୍ଗଳ ଦିଗରେ ଅଭିପ୍ରେତ ଏକ ସରକାର ଦେଖିବାକୁ ଚାହାନ୍ତି। ନାଗରିକଙ୍କ ଅଧିକାର ଛଡ଼ାଇ ନେଇ ନିଜେ ପୁଷ୍ଟ ହେବାକୁ ଚାହୁଁଥିବା ରାଜନେତା ଓ ଅମଲାତନ୍ତ୍ରୀଙ୍କୁ ଏହି ବର୍ଗ ସହ୍ୟ କରିବେ ନାହିଁ ବୋଲି ନେପାଳ ବିକ୍ଷୋଭରୁ ଜଣାପଡ଼ିଥିଲା।

ଆଜିର ସ୍ଥିତିରେ କୌଣସି କ୍ଷମତାସୀନ ବ୍ୟକ୍ତି, ସଙ୍ଗଠନ କିମ୍ବା ସରକାର ନିଜକୁ ସୁରକ୍ଷିତ ମନେକରିବା ଉଚିତ ନୁହେଁ। ଜନସାଧାରଣଙ୍କ ସମସ୍ୟା ସହିତ ଜଡ଼ିତ ନ ଥିଲେ ବିସ୍ଫୋରଣ କେଉଁ ମୁହୂର୍ତ୍ତରେ ହେବ କହିବା କଷ୍ଟକର। ଦେଖିବାକୁ ଗଲେ ବିସ୍ଫୋରଣ ହେବାର ସମ୍ଭାବନା ସବୁବେଳେ ବୃଦ୍ଧି ପାଉଛି। ପୂର୍ବରୁ ଆମେ ଶୁଣି ଆସିଛେ 'ପ୍ରଜା ମେଳିକୁ ରାଜା ପାରି ନ ଥାନ୍ତି'। ସେହି ଦୃଷ୍ଟିରୁ ଦେଖିଲେ ଯୁବବର୍ଗଙ୍କ ଅସନ୍ତୋଷର ଆଭାସ କେତେକ ଦେଶରୁ ମିଳୁଥିବାରୁ ଅବଶିଷ୍ଟ ବିଶ୍ୱ ସତର୍କ ହୋଇଯିବା ଦରକାର।

'ଜେନ୍ ଜି' ବିଷୟରେ ଏଇ କିଛି ମାସ ହେବ ଯେଉଁଭଳି ଆଲୋଚନା ହେଉଛି ଦେଖିବାକୁ ଗଲେ ସେଭଳି ବିପ୍ଳବ ପୂର୍ବରୁ ଭାରତରେ ଅନୁଷ୍ଠିତ ହୋଇଯାଇଛି। ତାହାକୁ କେହି ଗୋଟିଏ ଯୁବ ବର୍ଗ ମଧ୍ୟରେ ସୀମିତ ରଖି ନ ଥିବାରୁ ତାହାର ନାମକରଣ ହୁଏତ କରାଯାଇପାରିଲା ନାହିଁ। ୨୦୧୨ରେ ନିର୍ଭୟା ଘଟଣା ଯୋଗୁ ତାତି ଯାଇଥିବା ଯୁବପିଢ଼ି ହିଁ 'ଜେନ୍ ଜି'ର ମୂଳଦୁଆ ପକାଇଥିଲେ ବୋଲି କୁହାଯାଇପାରେ। ସମସ୍ତେ ଭାବିଲେ ଯେ, ଦେଶବ୍ୟାପୀ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ବିରୋଧରେ ଜନମତ ସୃଷ୍ଟି କରିବା ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ସମର୍ଥନରେ ୨୦୧୧ରେ ଆନ୍ନା ହାଜାରେଙ୍କ ନେତୃତ୍ୱାଧୀନ 'ଲୋକପାଳ' ଆନ୍ଦୋଳନ ନିର୍ଭୟା‌କୁ ଏକପାଖିଆ କରିଦେଇଥିଲା। କିନ୍ତୁ ଯେଉଁମାନେ ସେହି ସମୟକୁ ମନେ ପକାଇପାରିବେ ସେମାନଙ୍କ ପାଇଁ ନିର୍ଭୟା ବଳାତ୍କାର ଓ ହତ୍ୟା ପରେ ଦିଲ୍ଲୀରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ତାହା ସ୍ପଷ୍ଟ ଜଣାପଡ଼େ। ୨୦୧୨ ଡିସେମ୍ବର ୧୬ରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯିବା ସହ ତାଙ୍କ ପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ଓ ଶେଷରେ ତାଙ୍କ ଜୀବନ ଚାଲିଯିବା ଘଟଣା ଭାରତୀୟଙ୍କ ବିବେକକୁ ଦୋହଲାଇ ଦେଇଥିଲା। ପ୍ରତିବାଦ କରିବା ଲାଗି ଦେଶର ପ୍ରତି କୋଣଅନୁକୋଣରେ ଯୁବବର୍ଗ ମାତି ଉଠିଥିଲେ। ନିଜ ଦେଶ ଭିତରେ ଅସୁରକ୍ଷିତ ଅନୁଭବ କରୁଥିବା ଯୁବ ନାଗରିକଙ୍କୁ କୌଣସି ରାଜନୈତିକ ନେତା କିମ୍ବା ସଙ୍ଗଠନର ସହଯୋଗ ବା ସମ୍ପୃକ୍ତି ସେହି ବିକ୍ଷୋଭରେ ନ ଥିଲା। ଯୁବବର୍ଗ ସ୍ୱତଃପ୍ରବୃତ୍ତ ଭାବେ ରାସ୍ତାକୁ ଆସି ସୁରକ୍ଷା ଦାବି କରିଥିଲେ। ରାଜନୀତି, ପୋଲିସ ଓ ନ୍ୟାୟ ବ୍ୟବସ୍ଥା ସହ ଜଡ଼ିତ ବ୍ୟକ୍ତିଙ୍କୁ ସେମାନେ ବିଭିନ୍ନ ମଞ୍ଚରେ ପ୍ରଶ୍ନ ପଚାରିଥିଲେ। ସେତେବେଳେ ଲକ୍ଷ୍ୟ କରାଯାଇଥିଲା କେନ୍ଦ୍ରରେ କ୍ଷମତାସୀନ କଂଗ୍ରେସ ସରକାରର ମନ୍ତ୍ରୀମାନେ ଦିଲ୍ଲୀରେ ନିର୍ଭୟା ପ୍ରତିବାଦକାରୀଙ୍କ ବିଶାଳତାକୁ ଦେଖି ଡରି ଯାଇଥିଲେ। ଏପରିକି କୌଣସି ବିରୋଧୀ ଦଳର ନେତା ବିକ୍ଷୋଭକାରୀଙ୍କ ସହିତ ଭେଟିବାର ସତ୍‌ସାହସ କରି ନ ଥିଲେ। ଅର୍ଥାତ୍ ସେହି ବିକ୍ଷୋଭ ରାଜନେତା ଓ ରାଜନୀତିଠାରୁ ବହୁ ଊର୍ଦ୍ଧ୍ୱକୁ ଚାଲିଯାଇଥିଲା। ପୂର୍ବାପେକ୍ଷା ଇଣ୍ଟରନେଟ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଢେର ବଢ଼ିଯାଇଛି। ଏଭଳି ପ୍ରଚ୍ଛଦପଟରେ କୌଣସି କ୍ଷମତାସୀନ ବ୍ୟକ୍ତି, ସଙ୍ଗଠନ କିମ୍ବା ସରକାର ନିଜକୁ ସୁରକ୍ଷିତ ମନେକରିବା ଉଚିତ ନୁହେଁ। ଜନସାଧାରଣଙ୍କ ସମସ୍ୟା ସହିତ ଜଡ଼ିତ ନ ଥିଲେ ବିସ୍ଫୋରଣ କେଉଁ ମୁହୂର୍ତ୍ତରେ ହେବ କହିବା କଷ୍ଟକର। ଦେଖିବାକୁ ଗଲେ ବିସ୍ଫୋରଣ ହେବାର ସମ୍ଭାବନା ସବୁବେଳେ ବୃଦ୍ଧି ପାଉଛି। ପୂର୍ବରୁ ଆମେ ଶୁଣି ଆସିଛେ 'ପ୍ରଜା ମେଳିକୁ ରାଜା ପାରି ନ ଥାନ୍ତି'। ସେହି ଦୃଷ୍ଟିରୁ ଦେଖିଲେ ଯୁବବର୍ଗଙ୍କ ଅସନ୍ତୋଷର ଆଭାସ କେତେକ ଦେଶରୁ ମିଳୁଥିବାରୁ ଅବଶିଷ୍ଟ ବିଶ୍ୱ ସତର୍କ ହୋଇଯିବା ଦରକାର।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | 4 | | | | | 6 |
| | | | | | 2 | 7 | | |
| | | 6 | | | | | | 8 |
| | 8 | | | | | | | 4 |
| | 1 | | 6 | | | | | |
| | | | 7 | 5 | | | 3 | |
| 5 | | | 2 | | | | 1 | |
| | | 1 | | | | 6 | 8 | 2 |
| 6 | | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 7 | 4 | 5 | 3 | 1 | 9 | 6 |
| 3 | 5 | 4 | 6 | 9 | 1 | 8 | 7 | 2 |
| 9 | 6 | 1 | 2 | 7 | 8 | 4 | 5 | 3 |
| 4 | 1 | 9 | 7 | 2 | 6 | 3 | 8 | 5 |
| 5 | 3 | 2 | 9 | 8 | 4 | 7 | 6 | 1 |
| 6 | 7 | 8 | 3 | 1 | 5 | 9 | 2 | 4 |
| 7 | 8 | 6 | 1 | 4 | 2 | 5 | 3 | 9 |
| 1 | 9 | 3 | 5 | 6 | 7 | 2 | 4 | 8 |
| 2 | 4 | 5 | 8 | 3 | 9 | 6 | 1 | 7 |

ଗତକାଲିର ଉତ୍ତର

# ପୁରବନ୍ଦୀ ଘର- ପ୍ରାଥମିକ ଶିକ୍ଷା



ଡ.ଚନ୍ଦନ କୁମାର ସିଂହ

ପୁରବନ୍ଦୀ ଘର ବିଶେଷଭାବେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଉଥିଲା। ଏବେ ଆଉ ଏହି ପ୍ରକାର ଘର କେଉଁଠି ନା କେଉଁଠି ଥିବ! ଏହି ଘରର ଗଢ଼ଣ ଶୈଳୀ ହେଉଛି – ଗୋଟେ ଦାଣ୍ଡ ଦୁଆର, ଆଉ ଗୋଟେ ବାଡ଼ି ଦୁଆର। ମଝିରେ ଅଗଣା। ଦାଣ୍ଡ ଦୁଆର, ବାଡ଼ି ଦୁଆର ଆଉ ଘର ଭିତରେ ଯେତକ ଦୁଆର ଥାଏ ସବୁଥିରେ ଯାଉଁଳି କବାଟ। ଈଶାଣ ଶାଳ, ଠାକୁର ଘର, ଧାନ ଚାଉଳ ଘର ଆଦି ସବୁକିଛି ଏହି ପୁରବନ୍ଦୀ ଘର ଭିତରେ। ଗାଁର ଥିଲାବାଲା ଲୋକ ପୁରବନ୍ଦୀ ଘର ତିଆରୁଥିଲେ। ପୁରବନ୍ଦୀ ଘରର ଆଉ ଏକ ନାଁ ମଧ୍ୟ ଅଛି–ଖଞ୍ଜାଘର। ଖଞ୍ଜାଘର ବା ପୁରବନ୍ଦୀ ଘର ହେଉଛି ଆୟତାକାର କ୍ଷେତ୍ରଭଳି। ପ୍ରତି କୋଠରିର କାନ୍ଥ ଅନ୍ୟ କାନ୍ଥ ସହ ସଂଶ୍ଳିଷ୍ଟ ଥାଏ। କେହି କାହାଠାରୁ ଅଲଗା ନୁହନ୍ତି। ପ୍ରାଥମିକ ଶିକ୍ଷାକୁ ପୁରବନ୍ଦୀ ଘର ବା ଖଞ୍ଜାଘର ସହ ସମବାଟୀ କରି ଆଣିବା ଆଉ ଏକ ଅବସର। ପ୍ରାଥମିକ ଶିକ୍ଷା କେନ୍ଦ୍ରର ନାନାବିଧ ଚିତ୍ର ଆମ ଅନେକଙ୍କର ମଗଜରେ ଅଛି। କେତେ ପରିମାଣରେ ଅଛି ତାହା ଭିନ୍ନ କଥା। ମାତ୍ର ମଗଜରେ ରହିଛି। କହିବାର କାରଣ ହେଲା ଯେତେଯାହା ହେଲେ ମଧ୍ୟ ପ୍ରାଥମିକ ଶିକ୍ଷା ହେଉଛି ଏକ ପୁରବନ୍ଦୀ ଘର। ପ୍ରାଥମିକ ଶିକ୍ଷା କହିଲେ ଆମ ମକଦମ୍‌ମାନଙ୍କରେ ଥିବା ପ୍ରାଥମିକ ଶିକ୍ଷାକେନ୍ଦ୍ର ବା ସ୍କୁଲକୁ ହିଁ ବୁଝାଇଥାଏ। ଶିକ୍ଷକ ଅଭିଭାବକ ଗୋଷ୍ଠୀ, ଛାତ୍ରୀଛାତ୍ର ଓ କାର୍ଯ୍ୟପାଳିକା ବ୍ୟବସ୍ଥାକୁ ପୁରବନ୍ଦୀ ଘରର ଚାରିପ୍ରସ୍ଥ ଘର ଭାବେ ବିଚାର କରାଯାଇପାରେ। ଏହି ଚାରିପ୍ରସ୍ଥ କେହି କାହାଠାରୁ ଅଲଗା ହେଲେ କାନ୍ଥ ପଡ଼ିଯାଏ। ଖଞ୍ଜାଘର ଭାଙ୍ଗିଯାଏ। ପ୍ରାଥମିକ ସ୍କୁଲ ବା ଶିକ୍ଷାକେନ୍ଦ୍ର ଆଣନ୍ତି ତାହାର ପ୍ରଭାବ ସେହି ଅଞ୍ଚଳରେ ପଡ଼େ। ଚାରିପ୍ରସ୍ଥର ସମ୍ପୃକ୍ତ ଯେତେଟାଣ ଏ ଅଞ୍ଚଳରେ ପ୍ରାଥମିକ ଶିକ୍ଷାର ଭାବଟି ସେତେ ଅଧିକ। ସ୍କୁଲକୁ କେନ୍ଦ୍ରକରି ଥିବା ଜନସମୁଦ୍ରର ଭିତରେ ଏହାର ସ୍ୱଭାବ ସେତେ ପରିମାଣରେ ସୁଲଭ। ମାତ୍ର ଏହି ଚାରିପ୍ରସ୍ଥ ଭିତରୁ ଅଭିଭାବକ ପ୍ରସ୍ଥର ସମ୍ପୃକ୍ତି ପ୍ରାଥମିକ ଶିକ୍ଷାକେନ୍ଦ୍ରରେ ବହୁଦୃଷ୍ଟିରୁ ଦୁର୍ବଳ। ଓଡ଼ିଶାର ମାଳ ଅଞ୍ଚଳ ହେଉ କିମ୍ବା ସମତଳ ଅଞ୍ଚଳ ପ୍ରାଥମିକ ଶିକ୍ଷାକେନ୍ଦ୍ରରେ ଅଭିଭାବକ ଗୋଷ୍ଠୀର ସମ୍ପୃକ୍ତି ଏବେ ମଧ୍ୟ ଆଉଟୁ ପାଉଟୁ ଦୃଷ୍ଟି ଆଢୁଆଳରେ। ସମତଳ ଅବା ଅସମତଳ ଭୌଗୋଳିକ ବାତାୟନରେ ତିଷ୍ଠି ରହିଥିବା ପ୍ରାଥମିକ ଶିକ୍ଷାକେନ୍ଦ୍ର ଏକଲା। କେଉଁ ଶିକ୍ଷାକେନ୍ଦ୍ରରେ ଗଛବୃକ୍ଷ ଭର୍ତ୍ତି ତ ଆଉ କେଉଁ ଶିକ୍ଷାକେନ୍ଦ୍ରର ହତାକୁ ଠଉରାଇ ପାରିବା ଅନେକ କଷ୍ଟକର। ଖାତା ଖତିୟାନ୍‌ରେ ପ୍ରାଥମିକ ଶିକ୍ଷା କେନ୍ଦ୍ରର ନିରୂପଣ ଅନେକ ସ୍ଥାନରେ ବିବଦମାନ। ଏହାକୁ ପାରିହେବା ଦାରୁଣ ବ୍ୟାପାର। ମାତ୍ର ଅଭିଭାବକ ଗୋଷ୍ଠୀର ପରିଚୟ ନିରୂପଣ ଦାରୁଣ ତ ନୁହେଁ, କଷ୍ଟକର ନୁହେଁ। ତେବେ ଖଞ୍ଜାନଗା



ଘରର ଏହି ପାଖ କାନ୍ଥ ପଡିଯାଉଛି କାହିଁକି ଭଲା।

ଆଇନ ଅନୁସାରେ ପ୍ରତି ପ୍ରାଥମିକ ସ୍କୁଲର ଗୋଟିଏ ଲେଖାଏ ପରିଚାଳନା ସମିତି ଅଛି, ଯାହାର ବୈଠକ ପାଇଁ ପ୍ରଧାନ ଶିକ୍ଷକ ଭାରି ହନ୍ତସନ୍ତ ହୁଅନ୍ତି। ଆଇନ୍‌ର ତାଗିଦା ମାନିବାକୁ ହେବ। ଶୀର୍ଷୋ ମକଦମ୍‌ରୁ ଜିଲା ମକଦମ୍, ଜିଲା ମକଦମ୍‌ର ଜିଲା ଶିକ୍ଷାଧିକାରୀ, ତାଙ୍କ ତଳକୁ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧସ୍ତନ ସିଆର୍‌ସିସି ମହୋଦୟା/ମହୋଦୟ। ସିଆର୍‌ସିସିଙ୍କ ଅଧସ୍ତନ ଯେତକ ପ୍ରାଥମିକ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକବୃନ୍ଦ। ଆଇନ ଅନୁସାରେ ଅଭିଭାବକ ବୈଠକ ନିର୍ଦ୍ଦିଷ୍ଟ ତାରିଖରେ ହେବ ହିଁ ହେବ। ଏହାର ଫଟୋ ଅପଲୋଡ୍ ହୋଇ ବିଭାଗୀୟ ଅଧିକାରୀଙ୍କ ନଜରକୁ ଅଣାଯିବ। ଏଥିପାଇଁ ପ୍ରଧାନ ଶିକ୍ଷକ ବହୁପୂର୍ବରୁ ପିଲାଙ୍କ ହାତରେ କେତେବେଳେ ତ ଖବର ଦିଅନ୍ତି ଆଉ କେତେବେଳେ ନିଜେ ନିଜେ ଅଭିଭାବକଙ୍କ ଦ୍ୱାରସ୍ଥ ହୁଅନ୍ତି ମିଟିଂରେ ଯୋଗଦେବା ଲାଗି। ବିଶେଷଭାବେ ସ୍କୁଲ ସଭାପତିଙ୍କ ଉପସ୍ଥିତି ଏହି ମିଟିଂରେ ଖୁବ୍ ଲୋଡ଼ା। ମାତ୍ର ଅନେକ ସମୟରେ ଦେଖାଯାଏ ଯେ ସ୍କୁଲ ସଭାପତି ଖୋଦ୍ ଜାଣି ନ ଥାନ୍ତି ସେ ସମ୍ପୃକ୍ତ ସ୍କୁଲର ସଭାପତି ଅଛନ୍ତି! ସତରେ ଏହା ଏକ ସମ୍ବେଦନଶୀଳ ସମୀକ୍ଷାର ବିଷୟ। ଅଭିଭାବକ ଗୋଷ୍ଠୀ ଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରକ୍ରିୟାରେ ନିଜ ନିଜ ପିଲାଙ୍କ ପାଠପଢ଼ାର ଅଗ୍ରଗତିଜନିତ ସୂଚନା, ବିଦ୍ୟାଳୟରେ ଦର୍ଜ ହୋଇଥିବା ନିଜ ପିଲାଙ୍କର ଜନ୍ମତାରିଖ, ବାପା ମା'ଙ୍କ ନାମ, ଆଧାର ନଂ. (ପିଲା,ମା'ବାପା) ପ୍ରଭୃତିକୁ ତନଖି କରିବାରେ ଯଥେଷ୍ଟ ଉଦାସୀନ ରୁହନ୍ତି। ଏହି ଉଦାସୀନ ରହିବା ସ୍ୱେଚ୍ଛାକୃତ ନା ପ୍ରାୟୋଜିତ? ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନାମ, ବାପା ମା'ଙ୍କ ନାମ, ଆଧାର କାର୍ଡରେ ଗୋଟାଏ ତ, ସ୍କୁଲରେ ଆଉ ଗୋଟିଏ ଏବଂ ଜନ୍ମ ସାର୍ଟିଫିକେଟ୍‌ରେ ଆଉ ଗୋଟିଏ, ଏହାର ସୁବିଦିତ କାରଣ ହେଲା, ତିନି ଅଧିକାରୀ ଭିନ୍ନଭିନ୍ନ। ଜନ୍ମବେଳେ (ଯଦି ଡାକ୍ତରଖାନା ହୋଇଥାଏ) ଅଧିକାରୀ ଜଣକ ଯେଉଁ ସମ୍ପ୍ରଦାୟଭୁକ୍ତ ସେ ନିଜର ଉଚ୍ଚାରଣ ଶୈଳୀ ମୁତାବକ ନାଁ ଦର୍ଜ କରାନ୍ତି। ଯଦି ପିଲା ଘରେ ଜନ୍ମ ହେଲା, ତେବେ ଆଶାକର୍ମୀ / ଅଙ୍ଗନୱାଡି କର୍ମୀ ଅଧିକାରୀ ନିଜ ନିଜର ଉଚ୍ଚାରଣ ଶୈଳୀ ମୁତାବକ ଜନ୍ମ ଶିଶୁର ନାମ ଲେଖାନ୍ତି। ଏସବୁ ଗଲାପରେ ଆଧାରକାର୍ଡ ପ୍ରସଙ୍ଗ। ଆଧାରକାର୍ଡ ଅଧିକାରୀ ଜନ୍ମ ତାରିଖକୁ ନଜରକରି ନିଜ ହସ୍ତ ଓ ମସ୍ତିଷ୍କର ସ୍ୱଭାବ ଅନୁସାରେ ପିଲାର ନାଁ ଦର୍ଜ କରାନ୍ତି। ତେଣୁ ଦେଖିବାକୁ ମିଳେ ପ୍ରାଥମିକ ଶିକ୍ଷାକେନ୍ଦ୍ରର ପଞ୍ଜୀକରଣ ଖାତାରେ ପିଲାର ନାମ ଆଧାର କାର୍ଡରେ ଖାପ୍ ଖାଉ ନାହିଁ। ଏହି ସମସ୍ୟାଟି ଏକାଧାରରେ ବିଷମ ଓ ଭୀଷଣ। ଏହା ଫଳରେ ଅନେକପିଲା ନବୋଦୟ, ଆଦର୍ଶ, କଳିଙ୍ଗ, ଏକଲବ୍ୟ, ସୈନିକ ସ୍କୁଲ ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଦେବାରୁ ବଞ୍ଚିତ ହୁଅନ୍ତି।

କେବଳ ଏତିକି ନୁହେଁ ସ୍କୁଲ ସ୍ତରରେ ଓ ସିଆର୍‌ସିସିଙ୍କ ସ୍ତରରେ କେତୋଟି ଅକ୍ଷର ସଂଶୋଧନ ହେବ ତାହାର ମଧ୍ୟ ନିୟମ ରହିଛି। ଗାର ଡେଇଁଗଲେ କମ୍ପ୍ୟୁଟର ମହାଶୟ ଆପଣଙ୍କ କଥା ଶୁଣିବ ନାହିଁ। ଏସବୁକୁ କିଏ ଆଖିଦେବ ସତରେ! ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଲା, ଗାଁ ପ୍ରାଥମିକ ଶିକ୍ଷାକେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ। ମାତ୍ର ପିଲାଟି କ'ଣ ପଢୁଛି ନ ପଢୁଛି, କିପରି ପଢୁଛି ଏସବୁର ହକ୍ ଅଭିଭାବକଙ୍କ ନିକଟରେ ନିହିତ ଥାଏ। ମାତ୍ର ମା'ବାପା ଏସବୁକଥା ପଚାରିବାକୁ ସ୍କୁଲ ହତା ଭିତରକୁ ଆସନ୍ତି ନାହିଁ। ସବୁତକ ବିଶ୍ୱାସ-ଅବିଶ୍ୱାସ ଶିକ୍ଷକଙ୍କ ମୁଣ୍ଡରେ ଅଜାଡ଼ି ଦେଇ ତୁନି ପଡ଼ନ୍ତି। ତେବେ କାହିଁକି ଏକଥା। ଗାଁର ଯୁବଗୋଷ୍ଠୀ ଓ ସ୍କୁଲର ଅଭିଭାବକ ଗୋଷ୍ଠୀ ପୂଜାପାର୍ବଣର ମାହୋଲରେ ନିଜର ଭୂମିକା ଖୁବ୍ ଭଲଭାବରେ ତୁଲାଉଥିବା ସ୍ଥଳେ, ଗାଁ ପ୍ରାଥମିକ ବିଦ୍ୟାଳୟର ପାଠପଢ଼ାରେ ଏକଚ୍ଛତ୍ରଭାବେ ନିଷ୍କ୍ରିୟ। କଥାଟିଏ ପୂର୍ଣ୍ଣଚ୍ଛେଦ ପକାଇ ସାରିଦେଲେ ହେବ ନାହିଁ। ଏହାର କାରଣ ନିରୂପଣରେ ସମ୍ପୃକ୍ତ ଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଭୂମିକା ସୁଦୂରପ୍ରସାରୀ। ଏପଟରୁ ପାଦେ ଆଗେଇଲେ ସେପଟରୁ ପାଦେ ଆଗେଇବା ଜରୁରୀ। ଏହା ନ ହେଲେ ପୁରବନ୍ଦୀ ପ୍ରାଥମିକ ଶିକ୍ଷାକେନ୍ଦ୍ରର ଗୋଟେ ପାଖ କାନ୍ଥ ନିହାତି ଭୁଶୁଡ଼ି ପଡ଼ିବ। ସଚେତନ ଅଭିଭାବକ ଗୋଷ୍ଠୀର ଚିତ୍ର ପ୍ରଧାନ ଶିକ୍ଷକଙ୍କ ଉପରେ ନିର୍ଭରଶୀଳ। ସଚେତନ ଅଭିଭାବକ ଗୋଷ୍ଠୀ ଛାଆଁକୁ ଛାଆଁ ଗଢ଼ିଉଠିବେ ନାହିଁ କସ୍ମିନ୍‌କାଳେ। ସେଥିପାଇଁ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟରେ ଅଭିଭାବକ ଗୋଷ୍ଠୀଙ୍କର ସମ୍ପୃକ୍ତି କରାଇବାକୁ ନିଜର ସମ୍ମତି ଦେବା ଦରକାର। ସ୍କୁଲ ହେଉଛି ଗାଁର। ସରକାରଙ୍କର ଯେତେ ନୁହଁ ତା'ଠାରୁ ଅନେକ ବେଶି ଆମର। ଏହା ଫଳରେ ଶିକ୍ଷା ଅନୁକୂଳ ତଥା ଛାତ୍ର ଅନୁକୂଳ ବାତାବରଣ ସମ୍ଭବ ହେବା ଅସମ୍ଭବ ନୁହେଁ।

ବିଷମ କଟକ, ରାୟଗଡ଼
ମୋ: ୮୨୪୯୬୫୭୭୭୮

# ଯୁଦ୍ଧ ଉପାର୍ଜିତ ପୁରସ୍କାର



ସବ୍ୟସାଚୀ ଦତ୍ତ

ନୋବେଲ୍ ପୁରସ୍କାର' ବିଶ୍ୱର ସର୍ବୋଚ୍ଚ ସମ୍ମାନ ରୂପେ ପରିଗଣିତ। କିଏ ସେ ନୋବେଲ୍? କାହିଁକି ବା ତାଙ୍କ ନାଁରେ ଏପରି ସର୍ବୋଚ୍ଚ ପୁରସ୍କାର ଦେବାର ଘୋଷଣା କରାଗଲା? ଏହାର ଇତିହାସ ଅନେକଟା ଦୁଃଖଦ, ଯାହାକୁ ସୁଖଦ କରିବାକୁ ବିଶ୍ୱଦରବାରରେ ବାରମ୍ବାର ଚେଷ୍ଟା କରାଯାଇଛି। ବିଧିର ବିଧାନ କିନ୍ତୁ ଚାହିଁଛି ପୃଥକ୍ ପରିଣତି। କ୍ରମେ ପୁରସ୍କାରଟି ନାନାଆଡୁ ଦୁଃଖକୁ ହିଁ ସାଉଁଟି ଆଣିଛି।

ସାର୍ ଆଲ୍‌ଫ୍ରେଡ୍ ନୋବେଲ୍। ୧୮୩୩ ମସିହାରେ ଜନ୍ମ ନିଅନ୍ତି ସ୍ୱିଡେନ୍‌ରେ। ରସାୟନ ବିଜ୍ଞାନରେ ବ୍ରତୀ। ୧୮୬୬ରେ ଆବିଷ୍କାର କରନ୍ତି ମାରାତ୍ମକ ବିସ୍ଫୋରକ 'ଡିନାମାଇଟ୍'। ୧୮୬୭ରେ ସେ 'ଡିନାମାଇଟ୍'ର ପେଟେଣ୍ଟ କରିନିଅନ୍ତି। ଅର୍ଥାତ୍ ଏହାର ବିକ୍ରି ଲବ୍ଧ ଅର୍ଥ ଉପରେ ତାଙ୍କର ଏକଚାଟିଆ ଅଧିକାର ରହେ। ରୋଜଗାରର ସୁଅ ଛୁଟେ। ତାହା ତାଙ୍କୁ ସୁନାମ ସହିତ ସମପରିମାଣର ଦୁର୍ନାମ ମଧ୍ୟ ଆଣି ଦିଏ। ବିଭିନ୍ନ ଖବରକାଗଜ ଓ ଗଣମାଧ୍ୟମ ସାର୍ ଆଲ୍‌ଫ୍ରେଡ୍‌ଙ୍କୁ 'ମୃତ୍ୟୁର ସୌଦାଗର' ବୋଲି ବର୍ଣ୍ଣନା କରନ୍ତି। କାରଣ 'ଡିନାମାଇଟ୍' ପ୍ରଭାବରେ ସାରା ବିଶ୍ୱରେ ମୃତ୍ୟୁସଂଖ୍ୟା ଦିନକୁ ଦିନ ମାତ୍ରାଧିକ ଭାବେ ବଢ଼ିଚାଲେ।

ଏ ଅବତାରଣା ଆଲ୍‌ଫ୍ରେଡ୍‌ଙ୍କୁ ବହୁତ ବାଧେ। ସେ ମର୍ମାହତ ହୁଅନ୍ତି। ତାଙ୍କ ଡିନାମାଇଟ ଉପାର୍ଜିତ ଅର୍ଥକୁ କୌଣସି କଲ୍ୟାଣକାରୀ କାମରେ ଉପଯୋଗ କରିବା ପାଇଁ ସିଦ୍ଧାନ୍ତ ନିଅନ୍ତି। 'ମୃତ୍ୟୁର ବର୍ଷେ ପୂର୍ବରୁ, ୧୮୯୫ରେ ସେ ଗୋଟେ ଉଇଲ୍ କରି ତାଙ୍କର ସମସ୍ତ ଅର୍ଜିତ ଅର୍ଥକୁ ବିଶ୍ୱର କଲ୍ୟାଣ ନିମନ୍ତେ ଏକ ପାଣ୍ଠିକୁ ହସ୍ତାନ୍ତର କରନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ସାହିତ୍ୟ କୃତି, ରସାୟନ ବିଦ୍ୟା, ପଦାର୍ଥ ବିଜ୍ଞାନ ଓ ଭେଷଜ ବିଜ୍ଞାନରେ ଶ୍ରେଷ୍ଠ ଆବିଷ୍କାର/ଉଦ୍ଭାବନ ପାଇଁ ଅଲଗା ଅଲଗା ଚାରୋଟି ପୁରସ୍କାର ଦିଆଯିବ। ସେତେବେଳକୁ ପ୍ରାୟ ପ୍ରଥମ ବିଶ୍ୱଯୁଦ୍ଧ ଆଶଙ୍କାରେ ପ୍ରାକ୍‌ଯୁଦ୍ଧ ଅଶାନ୍ତି ଅଳ୍ପ ବହୁତେ ଅନୁଭୂତ ହୋଇଆସୁଥିଲା। ତେଣୁ ଶେଷକୁ ପଞ୍ଚମ ଶ୍ରେଷ୍ଠ ପୁରସ୍କାର ଭାବେ ନୋବେଲ ଶାନ୍ତି ପୁରସ୍କାରକୁ ମଧ୍ୟ ଯୋଡ଼ାଗଲା ଓ ଆଲ୍‌ଫ୍ରେଡ୍‌ଙ୍କ ମୃତ୍ୟୁର ଚାରିବର୍ଷ ପରଠାରୁ ୧୯୦୧ରୁ ଆରମ୍ଭ ହେଲା 'ନୋବେଲ୍ ପୁରସ୍କାର' ପ୍ରଦାନର ପର୍ବ।

୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ। ନୋବେଲ୍ ପୁରସ୍କାର ପରିଚାଳନା କମିଟି ଯୁଦ୍ଧର ବାସ୍ନା ବାରିପାରି, ଏହାର ୧୩ ବର୍ଷ ପୂର୍ବରୁ ଶାନ୍ତି ପୁରସ୍କାର ପ୍ରଦାନ ଆରମ୍ଭ କରିଥିଲେ। ତଥାପି ଯୁଦ୍ଧକୁ ବନ୍ଦ କରିପାରିଲେ ନାହିଁ। ଠିକ୍ ୨୦ ବର୍ଷ ପରେ, ପୁଣି ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ମଧ୍ୟ ଭୟଙ୍କର ରୂପ ନିଏ। ୮୦ ବର୍ଷ ପରେ ଆଜି ଆମେ ତୃତୀୟ ବିଶ୍ୱଯୁଦ୍ଧର ଦ୍ୱାରଦେଶରେ ଉପନୀତ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା, ପର୍ଯ୍ୟାଲୋଚନା ଓ ପ୍ରଚେଷ୍ଟା ମଧ୍ୟ କରୁଛୁ।

ଦୁଇଦୁଇଟି ଭୟଙ୍କର ଯୁଦ୍ଧ କିପରି ପୁରସ୍କାର ପ୍ରଦାନ କରିବାରେ; ପ୍ରକାରାନ୍ତେ ଉପାର୍ଜନ କରାଇବାରେ ସମର୍ଥ ହୋଇପାରିଛି ସେ ବିଷୟରେ ଆଲୋକପାତ କରିବା। ଦ୍ୱିତୀୟ ବିଶ୍ୱଯୁଦ୍ଧର ପୃଷ୍ଠଭୂମିରେ ଗୁଣ୍ଟାର୍ ଗ୍ରାସ୍ ରଚନା କରନ୍ତି ଏକ ବହୁଚର୍ଚ୍ଚିତ ଉପନ୍ୟାସ, 'ଦି ଟିନ୍ ଡ୍ରମ୍'। ୧୯୫୮ରେ ଏହା ପ୍ରକାଶିତ ହୁଏ, ଯାହାର ନାୟକ ଜଣେ ୧୩ ବର୍ଷର ବାଳକ; ନାଁ ଓସ୍କାର ମାଜେରାଥ୍। ବାଳକଟି



ଗୋଟିଏ ଡ୍ରମ୍ ବାଡ଼େଇ ଭର୍ତ୍ସନା କରୁଛି ବୟସ୍କମାନଙ୍କୁ। ଅର୍ଥାତ୍ ପ୍ରୌଢ଼ ବର୍ଗଙ୍କୁ ଯିଏ ଯୁଦ୍ଧର ମୁଖ୍ୟ ନେପଥ୍ୟ ନାୟକ ଓ ଯୁବ ବର୍ଗଙ୍କୁ, ଯେଉଁମାନେ ଯୁଦ୍ଧ ଲଢ଼ନ୍ତି। ଅନେକ ବର୍ଷ ପରେ ୧୯୯୯ ମସିହାର ସାହିତ୍ୟ ବିଭାଗରେ ନୋବେଲ୍ ପୁରସ୍କାର ପାଇଁ ଗୁଣ୍ଟାର ଗ୍ରାସ୍‌ଙ୍କର ୨ଟି ଉପନ୍ୟାସ 'ଦି ର୍‌ୟାଟ' ଓ 'ଦି ଟିନ୍ ଡ୍ରମ୍' ନୋବେଲ୍ କମିଟିର ବିଚାର ପରିସରଭୁକ୍ତ ହୋଇଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସରିବା ପରଠୁ ଆମେ ୮ଦଶନ୍ଧି ସମୟ ବିତେଇ ସାରିଲେଣି। ଏହା ମଧ୍ୟରେ ସାହିତ୍ୟ ଓ ଶାନ୍ତି ପାଇଁ ୮୦ଥର ନୋବେଲ୍ ପୁରସ୍କାର ଦିଆଯାଇଥିବ। ୧୯୬୯ରୁ ଆରମ୍ଭ ହୋଇଥିବା, ଅର୍ଥନୀତି ନୋବେଲ୍ ପୁରସ୍କାର ମଧ୍ୟ ପ୍ରାୟ ୫୫ ଥର ଦିଆସରିବଣି। ଏ ତିନି ଜାତିର ପୁରସ୍କାର ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ବିଚାର କରି ଦିଆଯାଇଥିବ। ହୁଏତ କେଉଁଠି ଛୋଟମୋଟ ଯୁଦ୍ଧ ଏ ପୁରସ୍କାର ପାଇଁ ଆଧାର ବି ସାଜିଥାଇ ପାରନ୍ତି। କିନ୍ତୁ କ୍ରମ ହେଲା, ପ୍ରଥମେ ଯୁଦ୍ଧ ପରବର୍ତ୍ତୀ ସମୟରେ ଶାନ୍ତି ପ୍ରତିଷ୍ଠା ପାଇଁ; କିଛି ବର୍ଷ ମଧ୍ୟରେ ସେ ଘନଘଟାର ବର୍ଣ୍ଣନାତ୍ମକ ସାହିତ୍ୟ ସୃଷ୍ଟି ପାଇଁ ଓ ପରେ ପରେ ଯୁଦ୍ଧୋତ୍ତର ଅର୍ଥନୀତିରେ ସୁଧାର ଆଣିବାର ପ୍ରଚେଷ୍ଟା ପାଇଁ। ଯୁଦ୍ଧ ଉପାର୍ଜିତ ସାହିତ୍ୟ ନୋବେଲ୍ ପୁରସ୍କାରର ଆଖ୍ୟାୟିକା ତ ଶୁଣିଲେ। ଶାନ୍ତି ପୁରସ୍କାର କଥା ସମସ୍ତେ ଜାଣିଛନ୍ତି। ଜାତିସଂଘ ମଧ୍ୟ ପ୍ରତିଷ୍ଠା ହୋଇଛି ଶାନ୍ତି ପ୍ରତିଷ୍ଠା ପାଇଁ, ଯଦିଓ ଏହା ଆଜିଯାଏ ସକ୍ରିୟ ହୋଇପାରି ନାହିଁ। ଯୁଦ୍ଧୋତ୍ତର ପୃଥିବୀରେ ନିଶ୍ଚୟ କେଉଁଠି ନା କେଉଁଠି ଅର୍ଥନୀତିରେ ଭୂସ୍ଖଳନ ହେବାର ଆଶଙ୍କା ଥାଏ। ତାକୁ ସୁଧାରିବା ପାଇଁ ଯାଇ କେହି ମନୀଷୀ ଆସି ଅର୍ଥନୀତିରେ ସୁଧାର ଆଣିଲେ, ସେ ପୁଣି ଅର୍ଥନୀତିରେ ନୋବେଲ୍ ପୁରସ୍କାର ପାଇଁ ଦାବିଦାର ହୋଇଯାଆନ୍ତି। ବାଂଲାଦେଶର ମହମ୍ମଦ ୟୁନୁସ୍ ମଧ୍ୟ ଯୁଦ୍ଧୋତ୍ତର ଅର୍ଥନୀତିରେ ଏଭଳି ନୋବେଲ୍ ପୁରସ୍କାର ପାଇବାରେ ଦୃଷ୍ଟାନ୍ତ ସାଜିଛନ୍ତି। କିନ୍ତୁ ଅର୍ଥନୀତିରେ ନୋବେଲ ପୁରସ୍କାର ବିଚାର ଯେଉଁ କ୍ଷେତ୍ର ପାଇଁ ଦିଆଯାଏ, ତାହା ଲାଗି ପ୍ରଥମେ ଦେଶଟି ଦରିଦ୍ର ପଦବାଚ୍ୟ ହେବା ଉଚିତ।

ବର୍ତ୍ତମାନ ପୃଥିବୀରେ ରୁଷିଆ-ୟୁକ୍ରେନ୍, ଗାଜା-ଇସ୍ରାଏଲ କିମ୍ବା ଭାରତ-ପାକିସ୍ତାନ ଯୁଦ୍ଧର ନିଆଁ ପୂରାପୂରି ଲିଭିନାହିଁ। ସବୁଠାରେ କୁହୁଳୁଛି। ପୁଣି ଦକ୍ଷିଣ-ଉତ୍ତର କୋରିଆ ଓ ଚାଇନା-ତାଇୱାନରେ ଆଉ ଦୁଇଟି ଆସନ୍ନ ଯୁଦ୍ଧ କଳାହାଣ୍ଡିଆ ମେଘ ଭଳି ଘୋଟି ରହିଛି। କେତେବେଳେ ବର୍ଷିଯିବ କେହି ଜାଣିନାହାନ୍ତି। ସେପଟେ ପୁଣି ସାହିତ୍ୟିକ ଗୋଷ୍ଠୀ ଚାହିଁ ବସିଥିବେ ଏହି ଯୁଦ୍ଧ ପୃଷ୍ଠଭୂମିକୁ ନେଇ ଦରଦୀ ସାହିତ୍ୟ ରଚନା ପାଇଁ, ଯାହା ପୁଣି କିଛି ବର୍ଷ ପରେ ସାହିତ୍ୟରେ ନୋବେଲ୍ ପୁରସ୍କାର ପାଇଁ ମନୋନୀତ ହେବ। ପୁଣି ୟୁକ୍ରେନ୍, ଗାଜା ବା ପାକିସ୍ତାନ ଭଳି ଯୁଦ୍ଧ ବିଧ୍ୱସ୍ତ ରାଷ୍ଟ୍ରର ଅର୍ଥନୀତିରେ ସୁଧାର ଆଣିବା ପାଇଁ ବିଶ୍ୱସ୍ତରରେ ନାନା ଚେଷ୍ଟା କରାଯିବ। ତାହା ହୁଏତ କୌଣସି ବ୍ୟକ୍ତିବିଶେଷ ବା ସଂସ୍ଥାକୁ ନୋବେଲ୍ ଅର୍ଥନୀତି ପୁରସ୍କାର ପାଇବାରେ ସହାୟକ ହେବ।

ପୃଷ୍ଠଭୂମିରେ ଯୁଦ୍ଧରୁ ପରୋକ୍ଷରେ ଉପାର୍ଜିତ ହୋଇଥିବା, ଶାନ୍ତି, ସାହିତ୍ୟ ଓ ଅର୍ଥନୀତିର ତିନୋଟି ଯାକ ନୋବେଲ୍ ପୁରସ୍କାର ଗୋଟିଏ ଦେଶକୁ ଚାଲିଯିବାର ଆଶଙ୍କା ମଧ୍ୟ ରହିଛି। ମୃତ୍ୟୁର ଘନଘଟାରୁ ଦୁଃଖ ଉପାର୍ଜିତ ଅର୍ଥରେ ପ୍ରଦତ୍ତ ନୋବେଲ୍ ପୁରସ୍କାର ପୁଣି ଘୂରିବୁଲେ ସେହି ଦୁଃଖର ଭଉଁରି ଭିତରେ। ସୁଖ ସାଉଁଟିବାର ଆଶା ପରାହତ ହୁଏ। ଆମର ସହଜାତ ଯୁଦ୍ଧଖୋର ମନୋବୃତ୍ତି ଯୋଗୁ କୌଣସି ପ୍ରକାରେ ପ୍ରାୟୋଜିତ ଦୁଃଖ ଲଦି ଦିଆଯାଏ ପୃଥିବୀବାସୀଙ୍କ ଉପରେ।

ମୋ: ୯୪୩୭୦୪୫୫୪୭

## ଏଇ ଭାରତରେ

ପେସାରେ ସେ ଜଣେ ଡାକ୍ତର, ହେଲେ ବନୀକରଣ ପାଇଁ ସମୟ ଦେଇ ତାହାର ସଫଳ ରୂପାୟନ କରିପାରିଛନ୍ତି ରାଜସ୍ଥାନର ଡ. ଯୋଗେଶ ଚୌଧୁରୀ। ସେ ରାଜସ୍ଥାନର ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ ସୃଷ୍ଟିକରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭ରେ ସେ କର୍ନାଟକର ବେଲାରି ଯାଇଥିବା ସମୟରେ ବିସ୍ତୀର୍ଣ୍ଣ ଚନ୍ଦନ ଜଙ୍ଗଲରେ ବୁଲିବାର ସୁଯୋଗ ପାଇଥିଲେ। ସେଠାକାର ଅନୁଭବ ତାଙ୍କୁ ଏଭଳି ଜଙ୍ଗଲ କରିବା ଲାଗି ପ୍ରେରଣା ଦେଇଥିଲା। ପରେ ତାଙ୍କ ଗାଁ ବାରମରରେ ଚାଷ ହେଉ ନ ଥିବା ଜମିରେ ଚନ୍ଦନ ଗଛ ଲଗାଇବା ଆରମ୍ଭ କରିଥିଲେ। ମୋଟରେ ସେ ୯୦୦ ଚନ୍ଦନ ଚାରାଗଛ ଲଗାଇଥିଲେ, କିନ୍ତୁ ସେସବୁ ମରିଯାଇଥିଲା। ଫଳରେ ସେ ୧.୫ ଲକ୍ଷ ଟଙ୍କା କ୍ଷତି ସହିଥିଲେ। ବାସ୍ତବରେ ରାଜସ୍ଥାନରେ ଚନ୍ଦନ ଜଙ୍ଗଲ କରିବା ତାଙ୍କ ପାଇଁ ଏକ ଆହ୍ୱାନ ଥିଲା। ଏଥିପାଇଁ ଶୁଷ୍କ ଜଳବାୟୁରେ ଚନ୍ଦନ ଗଛ କିପରି ବଢ଼ିପାରିବ, ସେ ସମ୍ପର୍କରେ ଗବେଷକଙ୍କ ସହଯୋଗ ନେଇ ଚନ୍ଦନ ଗଛ ଲଗାଇ ବଢ଼ାଇପାରିଛନ୍ତି। ଏବେ ତାଙ୍କ ଫାର୍ମରେ ୯୦୦ ଚନ୍ଦନଗଛ ଅଛି। ଏହାସହ ଡ. ଯୋଗେଶ ମଧ୍ୟ ୬,୦୦୦ ଫଳ ଓ କାଠଗଛ ମଧ୍ୟ ଲଗାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୯ ନଭେମ୍ବର ୧୯୭୬

- ରାଜ୍ୟ ମନ୍ତ୍ରିମଣ୍ଡଳରୁ କୃଷି, ସମବାୟ ଓ ପୂର୍ତ୍ତମନ୍ତ୍ରୀ ଲକ୍ଷ୍ମଣ ମଲ୍ଲିକଙ୍କ ଇସ୍ତଫା ପ୍ରଦାନ।
- ଆନ୍ତର୍ଜାତିକ ଆଇନ କମିଶନର ସଭ୍ୟ ରୂପେ ଭାରତର ପ୍ରାର୍ଥୀ ଡକ୍ଟର ଏସ୍.ପି. ବାଗୋତା ନିର୍ବାଚିତ।
- ବାଂଲାଦେଶରେ ବୟୋବୃଦ୍ଧ ବିଶିଷ୍ଟ ରାଜନୈତିକ ନେତା ମୌଲାନା ଅବଦୁର ହମିଦ ଖାଁ ଭାସାନୀଙ୍କ ୯୬ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସନ୍ଧ୍ୟା ଆସେ ସବୁଜ ଘାସେ
ପକାଇ ଚାରୁ ଛାୟା
ଆଷାଢ଼ ମେଘ ଆକାଶେ ରଚେ ମାୟା ।
ଆମ୍ରବନେ ପରଶେ ବାଆ ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ !
-(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ସମ୍ପ୍ରସାରଣ ହେଉ

ମହାଶୟ,

ଢେଙ୍କାନାଳ ଜିଲା, ଦକ୍ଷିଣକାଳୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ୨୦୧୮ ମସିହାରୁ ପ୍ରତିଷ୍ଠା ହୋଇଛି । ମହାବୀର ବଜାରର ଟ୍ରାଫିକ ଛକଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ବହୁଦିନରୁ ଢେଙ୍କାନାଳବାସୀଙ୍କ ପାଇଁ ନିରନ୍ତର ବାଧା ସୃଷ୍ଟି କରୁଛି। ପ୍ରତ୍ୟେକ ଦିନ ଏହି ଛକରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଏପରି କି ଅନେକ ସମୟରେ ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ସେବାରେ ବିଳମ୍ବ ଘଟୁଛି ; ଯାହାକୁ ସ୍ଥାନୀୟ ଲୋକମାନେ ପ୍ରଶାସନିକ ଅବହେଳା ଏବଂ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପରେ ଅଚଳାବସ୍ଥା ବୋଲି ଦାୟୀ କରୁଛନ୍ତି । ତେଣୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାପାଇଁ ଏକ ଚଉଡ଼ା ରାସ୍ତାର ଆବଶ୍ୟକତା ରହିଛି । ଜିଲା ପ୍ରଶାସନ ଏହି ଦିଗରେ ଉଚିତ ପଦକ୍ଷେପ ନିଅନ୍ତୁ।

-ସୁଜିତ କୁମାର ଦେବତା, ଆଇଆଇଏମ୍‌ସି, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆଇଆଇଏମ୍‌ସି ଢେଙ୍କାନାଳର ଇଂଲିଶ ଓ ଓଡ଼ିଆ ସାମ୍ବାଦିକତାର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବାବେଳେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଆଇଆଇଏମ୍‌ସିର ଅଧ୍ୟାପିକାଅଧ୍ୟାପକ।

# ଟିଟିଲାଗଡ଼ ସିଏନ୍‌ଆଇ ଚର୍ଚ୍ଚରେ ହ୍ୟୁମାନଙ୍କୁ ଦିଆଗଲା କବର

## ଭିଜା ଆଖିରେ ସମର୍ଥକ ଓ ସଙ୍ଗୀତପ୍ରେମୀ ଦେଲେ ଭାବପୂର୍ଣ୍ଣ ବିଦାୟ

ଟିଟିଲାଗଡ,୧୮।୧୧(ଶରତ ମିଶ୍ର)

ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପାର୍ଥିବ ଶରୀର ତାଙ୍କ ଜନ୍ମମାଟି ବଲାଙ୍ଗୀର ଜିଲାର ଟିଟିଲାଗଡ଼ରେ ପହଞ୍ଚିବା ପରେ ସହସ୍ରାଧିକ ସମର୍ଥକ ଓ ସଙ୍ଗୀତପ୍ରେମୀ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ ଅଶ୍ରୁଳ ବିଦାୟ ଦେଇଛନ୍ତି। ବଲାଙ୍ଗୀର ଦେଇ ସଇଁତଲା ନିକଟ ତାଙ୍କ ପୈତୃକ ଗ୍ରାମ ଡେଙ୍ଗାଁକୁ ମରଶରୀର ନିଆଯାଇ ପରେ ଟିଟିଲାଗଡ଼ ଅଭିମୁଖେ ନିଆଯାଇଥିଲା। ହ୍ୟୁମାନଙ୍କ ମରଶରୀର ଥିବା ଆମ୍ବୁଲାନ୍ସ ଟିଟିଲାଗଡ଼ ସହର ପରିକ୍ରମା କରିଥିଲା। ଶେଷ ଦର୍ଶନ ପାଇଁ ପ୍ରବଳ ଭିଡ଼ ଜମିଥିଲା। ପରିବାର ଲୋକ ଓ ସମ୍ପର୍କୀୟଙ୍କ କାନ୍ଦ ବୋବାଳିରେ ସମଗ୍ର ପରିବେଶ ଶୋକାକୁଳ ହୋଇ ପଡିଥିଲା। ହ୍ୟୁମାନ ସାଗର ଅମର ରହେ ନାରା ଦେଇ ବହୁ ସଙ୍ଗୀତପ୍ରେମୀ ତାଙ୍କର ପ୍ରିୟ କଣ୍ଠଶିଳ୍ପୀଙ୍କୁ ଶେଷ ବିଦାୟ ଦେଇଥିଲେ। ପରେ ଟିଟିଲାଗଡ଼ ସିଏନ୍‌ଆଇ ଚର୍ଚ୍ଚ ପରିସରରେ ପାରମ୍ପରିକ ରୀତିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଖ୍ରୀଷ୍ଟଧର୍ମର ରୀତିନୀତି ଅନୁଯାୟୀ ପାଷ୍ଟର ଜ୍ୟୋତିରଞ୍ଜନ ପାଇକ ଶେଷକୃତ୍ୟ ପାଇଁ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରିଥିଲେ। ସେଠାରେ ତାଙ୍କୁ କବର ଦିଆଯାଇଥିଲା। ୨୦୨୨ ମସିହା କୋଭିଡ୍ ସମୟରେ ହ୍ୟୁମାନଙ୍କ ବାପା ରବିଚନ୍ଦ୍ର ସାଗରଙ୍କ ଦେହାନ୍ତ ହୋଇଥିଲା। ୨୦୧୫ ମସିହାରେ ତାଙ୍କ ସାନଭାଇ ମଧ୍ୟ ଆରପାରିକୁ ଚାଲିଯାଇଥିଲେ। ବାପା ଓ ଭାଇଙ୍କ କବର ପାଖରେ ଚିରନିଦ୍ରାରେ ଶୋଇଯାଇଛନ୍ତି ଓଡ଼ିଶାର ସ୍ୱର ଜଗତର ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭା ହ୍ୟୁମାନ। ତାଙ୍କୁ ଝୁରୁଛି ଟିଟିଲାଗଡ଼, ବଲାଙ୍ଗୀର ଏବଂ ଓଡ଼ିଶା। ସଙ୍ଗୀତପ୍ରେମୀଙ୍କ ହୃଦୟରେ ଅଳ୍ପ ବୟସରୁ ଲୋକପ୍ରିୟତାର ଶୀର୍ଷକୁ ଛୁଇଁଥିବା ହ୍ୟୁମାନ ଯେ ଏତେ କମ୍ ବୟସରେ ସମସ୍ତଙ୍କୁ ଛାଡି ଚାଲିଯିବେ ଏହା କେହି ବିଶ୍ୱାସ କରିପାରୁନାହାନ୍ତି।

ହ୍ୟୁମାନଙ୍କ ଶେଷକୃତ୍ୟ ସମ୍ପନ୍ନହେବା ସମୟରେ ତାଙ୍କ କାକା ଖୁଡ଼ୀ,ମା' ଶେଫାଳି ସୁନା, ପରିବାର ସଦସ୍ୟ, ସମ୍ପର୍କୀୟ, ବନ୍ଧୁବର୍ଗ ଓ ଜନସାଧାରଣ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ନବୀନ ଜୈନ, ପୂର୍ବତନ ବିଧାୟକ ସରୋଜ ମେହେର, ଗୁଣସାଗର ମାଝି, ଭାଜପା ନେତା ପ୍ରଶାନ୍ତ ଷଡ଼ଙ୍ଗୀ, ବୁଦ୍ଧିଆ ଆଚାର୍ଯ୍ୟ , ନାୟକ ବାବୁ, ସିମରନ ସିଂଭୋଇ, ପୂର୍ବତନ ଅଧ୍ୟକ୍ଷ ଶିବପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।




ହ୍ୟୁମାନ ସାଗରଙ୍କ ମରଶରୀରକୁ ଟିଟିଲାଗଡ଼ ସହର ପରିକ୍ରମା କରାଯାଉଛି।

# ମସଲା ଚିପସ୍ ଭିତରେ ଥିବା ପ୍ଲାଷ୍ଟିକ୍ ଖେଳନା ଗିଳି ଶିଶୁ ମୃତ

## ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢ଼ି ବାପାଙ୍କ ସହ ଯାଇଥିଲେ ମକାବାଡ଼

ଦାରିଙ୍ଗବାଡି, ୧୮।୧୧ (ଅରୁଣ ସାହୁ)

ଏକ ମସଲାଯୁକ୍ତ ଚିପସ୍ ପ୍ୟାକେଟ ଭିତରେ ଥିବା ପ୍ଲାଷ୍ଟିକ ଖେଳନା ଗିଳି ଜଣେ ୪ ବର୍ଷର ଶିଶୁଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ଏପରି ଅଭାବନୀୟ ଘଟଣା ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ଶିକରମାହା ଗ୍ରାମ ନିକଟସ୍ଥ ମୁସୁମାହାପଡାରେ ଦେଖିବାକୁ ମିଳିଛି। ମୃତ ଶିଶୁ ଜଣକ ହେଲେ ଏହି ପଡାର ରଞ୍ଜିତ ପ୍ରଧାନଙ୍କ ପୁଅ ବିଗିଲ ପ୍ରଧାନ।


ଖବରରୁ ଜଣାପଡିଛି, ସବୁଦିନ ଭଳି ମଙ୍ଗଳବାର ମଧ୍ୟ ବିଗିଲ ଅଙ୍ଗନାୱାଡି କେନ୍ଦ୍ରକୁ ପାଠ ପଢିବାକୁ ଯାଇଥିଲେ। ପାଠ ପଢି ସେଠାରେ ମଧ୍ୟାହ୍ନଭୋଜନ ଖାଇ ତାଙ୍କୁ ଆଣିବାକୁ ଯାଇଥିବା ବାପାଙ୍କ ସହ ଆସି ମକାବାଡ଼କୁ ଯାଇଥିଲେ। ସେଠାରେ ମା'ବାପା ମାଙ୍କ ସହ କିଛି ସମୟ ବିତାଇ ବିଗିଲ ଖେଳୁଥିଲେ। ପୂର୍ବରୁ ପୁଅ ପାଇଁ ରଞ୍ଜିତ ଏକ ମସଲାଯୁକ୍ତ ଚିପସ୍ ପ୍ୟାକେଟ ଆଣି ରଖିଥିଲେ। ସେହି ପ୍ୟାକେଟଟି ପୁଅକୁ ଦେଇଥିଲେ। ବିଗିଲ ଚିପସ୍ ଖାଇବା ସହ ପ୍ୟାକେଟରୁ ବାହାରିଥିବା ଏକ ପ୍ଲାଷ୍ଟିକ ବନ୍ଧୁକ ଖେଳନାକୁ ଧରି ଖେଳୁଥିଲେ। ଅସାବଧାନତା ଯୋଗୁ ସେ ଏହି ଖେଳନା ବନ୍ଧୁକଟିକୁ ପାଟିରେ ପୂରାଇ ଦେଇଥିଲେ। ଗିଳି ଦେବାରୁ ତାହା ପେଟକୁ ନ ଯାଇ ବିଗିଲଙ୍କ ତଣ୍ଟିରେ ଅଟକିଯାଇଥିଲା। ସେ ନିଃଶ୍ୱାସ ପ୍ରଶ୍ୱାସ ନେବା କଷ୍ଟକର ହୋଇପଡିଥିଲା। ଏହା ଦେଖି ପାଖରେ କାମ କରୁଥିବା ମା'ବାପା ଦୌଡି ଆସି ବିଗିଲଙ୍କ ତଣ୍ଟିରେ ଅଟକି ଥିବା ଖେଳନାକୁ କାଢିବା ପାଇଁ ବହୁ ଉଦ୍ୟମ କରିଥିଲେ ମଧ୍ୟ ପାରି ନ ଥିଲେ। ଶେଷରେ ଗୁରୁତର ଅବସ୍ଥାରେ ପୁଅକୁ ଧରି ଉଭୟେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ବିଗିଲଙ୍କୁ ପରୀକ୍ଷା କରି ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି, ଶିଶୁଙ୍କ ବାପାଙ୍କ କହିବା ଅନୁସାରେ ସେ ମସଲାଯୁକ୍ତ ଚିପସ୍‌ରେ ପ୍ୟାକେଟରେ ଥିବା ଖେଳନାଟିକୁ ଗିଳି ଦେଇଥିଲେ। ଯାହାକି ତାଙ୍କ ଶ୍ୱାସନଳୀରେ ରହିଯାଇ ବିପଦ ସୃଷ୍ଟି କରିଥିଲା। ଯଦି ଏହା ଖାଦ୍ୟନାଳୀକୁ ଯାଇଥାନ୍ତା ତେବେ ପେଟ ଭିତରକୁ ଯାଇ ବିପଦ ସୃଷ୍ଟି କରିଥାନ୍ତା ବୋଲି ଡାକ୍ତର ସାମନ୍ତରାୟ କହିଛନ୍ତି। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ପ୍ରମିତି ପ୍ରଧାନ କହିଛନ୍ତି, ବିଗିଲ ଜଣେ ଭଲ ଛାତ୍ର। ନିୟମିତ କେନ୍ଦ୍ରକୁ ଆସନ୍ତି, ଭଲ ପଢ଼ନ୍ତି। ମଙ୍ଗଳବାର ମଧ୍ୟ ସେ ପାଠ ପଢିବାକୁ ଅଙ୍ଗନୱାଡିକୁ ଆସିଥିଲେ। ଏଠାରୁ ଫେରିବା ପରେ ଏପରି ଘଟଣା ଘଟିବା ଦୁଃଖଦାୟକ ବୋଲି ସେ କହିଛନ୍ତି। ଏପରି ଘଟଣା ମୁସୁମାହାପଡାରେ ଶୋକର ଛାୟା ଖେଳାଇ ଦେଇଛି।



ବିଗିଲ ପ୍ରଧାନ

# ଅବଦାନ, ଆହ୍ୱାନକୁ ଗୁରୁତ୍ୱ

## ଅନ୍ତର୍ଜାତୀୟ ପୁରୁଷ ଦିବସ




ସମାଜରେ ପୁରୁଷଙ୍କ ସଫଳତା ଓ ଅବଦାନକୁ ସମ୍ମାନିତ କରିବା, ସେମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବିଷୟରେ ସଚେତନତା ବୃଦ୍ଧି ତଥା ଲିଙ୍ଗଗତ ସମାନତା ଉପରେ ଧ୍ୟାନ ଦେବା ପାଇଁ ନଭେମ୍ବର ୧୯ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ପୁରୁଷ ଦିବସ। ଏହି ଦିବସ ମାନସିକ ସ୍ୱାସ୍ଥ୍ୟ, ପୁରୁଷ ଆତ୍ମହତ୍ୟା ଏବଂ ପୁରୁଷ ତଥା ପୁଅମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ସାମ୍ନାକୁ ଆଣିଥାଏ। ଏଥିସହିତ ସକାରାତ୍ମକ ପୁରୁଷ ଆଦର୍ଶକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ।

୧୯୯୯ ନଭେମ୍ବର ୧୯କୁ ଆନୁଷ୍ଠାନିକ ରୂପେ 'ପୁରୁଷ ଦିବସ' ଭାବେ ତ୍ରିନିଦାଦ ଏବଂ ଟୋବାଗୋରେ ଡକ୍ଟର ଜେରୋମ ଟିଲକସିଂ ପାଳନ କରିଥିଲେ। ସେ ତାଙ୍କ ପିତାଙ୍କ ଜନ୍ମଦିନକୁ ସମ୍ମାନ ଜଣାଇବା ତଥା ଦେଶକୁ ଏକତା ସୂତ୍ରରେ ବାନ୍ଧିବାରେ ତ୍ରିନିଦାଦ ଏବଂ ଟୋବାଗୋ ଫୁଟବଲ ଦଳର ଭୂମିକାକୁ ସ୍ୱୀକୃତି ଦେବା ପାଇଁ ସେ ଏହି ଦିବସକୁ ବାଛିଥିଲେ। ଅବଶ୍ୟ ଏହି ଦିବସର ଧାରଣା ୧୯୯୦ ଦଶକର ପ୍ରାରମ୍ଭରେ ଥମାସ ଓଷ୍ଟରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା, ଯିଏ ୧୯୯୨ ମସିହାରେ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। କିନ୍ତୁ ଏହି ଦିବସକୁ ପୁନଃ ସଂସ୍ଥାପିତ ତଥା ବିଶ୍ୱବ୍ୟାପୀ ଲୋକପ୍ରିୟ କରିବାର ଶ୍ରେୟ ଟିଲକସିଂଙ୍କୁ ଦିଆଯାଏ। ଏହି ଦିବସଟି ଏବେ ୮୦ରୁ ଅଧିକ ଦେଶରେ ପାଳିତ ହେଉଛି।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଘଟଣା


# ୧୨ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ

କେନ୍ଦୁଝର,୧୮।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସଦର ଥାନା ଅଞ୍ଚଳରେ ଗତ ୧୫ ତାରିଖରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏହି ଘଟଣା ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ମଙ୍ଗଳବାର ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦ ଡାକରା ଦିଆଯାଇଥିଲା। ଜିଲାରେ ଅନୁପ୍ରବେଶକାରୀ, ଉପଦ୍ରବକାରୀ ତଥା ଅସାମାଜିକ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଚିହ୍ନଟକରି ଜିଲାରୁ ବାହାର କରିବା ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ସ୍ୱତଃ ପ୍ରବୃତ୍ତ ଭାବେ ଦୋକାନ, ବଜାର ବନ୍ଦକରି ବହୁ ଲୋକ ଏହି ବନ୍ଦକୁ ସମର୍ଥନ କରିଥିଲେ।

କେନ୍ଦୁଝର ସହର ଗାନ୍ଧୀ ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ଛକ ସମେତ ବିଭିନ୍ନ ସ୍ଥାନରେ ହିନ୍ଦୁପ୍ରେମୀମାନେ ପତାକା ଧରି ହିନ୍ଦୁ ହିନ୍ଦୁ ଭାଇ ଭାଇ, ଭାରତମାତା କି ଜୟ ଆଦି ସ୍ଲୋଗାନ ଦେଇ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। ସକାଳୁ ଜିଲାରେ ଅତ୍ୟାବଶ୍ୟକ ସେବା ବ୍ୟତୀତ ଦୋକାନ, ବଜାର, ଶିକ୍ଷାନୁଷ୍ଠାନ, ଅଫିସ, ବ୍ୟାଙ୍କ ଏବଂ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବିଶେଷକରି ଜାତୀୟ ରାଜପଥ ନଂ.୨୦, ୪୯, ୫୨୦ ଆଦିରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା।

# ବିଶ୍ୱର ସର୍ବବୃହତ୍ ଶୌଚାଳୟ



ପରିମଳ ଓ ସାର୍ବଜନୀନ ଶୌଚାଳୟ କେବଳ ଦୈନନ୍ଦିନ ଆବଶ୍ୟକତା ନୁହେଁ, ବରଂ ସ୍ୱାସ୍ଥ୍ୟ ଏବଂ ସମାଜ ପାଇଁ ମୌଳିକ ଆବଶ୍ୟକତା। ତେବେ ଏଭଳି ଏକ ସ୍ଥାନ ଅଛି, ଯେଉଁଠାରେ ଏକ ସମୟରେ ୧,୦୦୦ ଲୋକ ଶୌଚାଳୟ ବ୍ୟବହାର କରିପାରିବେ। ଏହା କୌଣସି ମଜାଳିଆ କଥା ନୁହେଁ, ଚାଇନାର ଚୋଙ୍ଗକିଙ୍ଗରେ ଥିବା ପୋର୍ସେଲେନ ପ୍ୟାଲେସକୁ ବିଶ୍ୱର ସର୍ବବୃହତ ସାର୍ବଜନୀନ ଶୌଚାଳୟ କୁହାଯାଏ। ଏହା କେବଳ ସଂଖ୍ୟାରେ ବଡ଼ ନୁହେଁ ବରଂ ଡିଜାଇନ ଏବଂ ସାଜସଜ୍ଜାରେ ମଧ୍ୟ ଆକର୍ଷଣୀୟ। ଏହାର ପ୍ରାସାଦ ପରି ସାଜସଜ୍ଜା ଏବଂ ଅତ୍ୟାଧୁନିକ ବ୍ୟବସ୍ଥା, ଇଜିପ୍ଟ ଶୈଳୀର ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ। ଏହାକୁ ପର୍ଯ୍ୟଟକଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଭାବେ ନିରୁପିତ କରିଥାଏ। ପୋର୍ସେଲେନ ପ୍ୟାଲେସ ପ୍ରାୟ ୩୨,୨୯୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଏବଂ ଏଥିରେ ୧,୦୦୦ରୁ ଅଧିକ ଶୌଚାଳୟ ରହିଛି। ଏହାର ସମଗ୍ର ପରିସରରେ ଇଜିପ୍ଟ ଶୈଳୀର ସାଜସଜ୍ଜା ଦେଖିବାକୁ ମିଳେ, ଯାହା ଏହାକୁ ଏକ ସାଧାରଣ ଶୌଚାଳୟ ଅପେକ୍ଷା ଅଧିକ ଆକର୍ଷଣୀୟ କରିଥାଏ। ଏହାକୁ କେବଳ ବ୍ୟବହାରର ସ୍ଥାନ ନୁହେଁ ବରଂ ଏକ ପର୍ଯ୍ୟଟନ ଆକର୍ଷଣ ମଧ୍ୟ କରିଛି।

ଏହା ସହରବାସୀ ଏବଂ ପର୍ଯ୍ୟଟକ ଉଭୟଙ୍କ ପାଇଁ ଅତ୍ୟନ୍ତ ସୁବିଧାଜନକ। ଏତେ ବଡ଼ ସାର୍ବଜନୀନ ଶୌଚାଳୟ ସହିତ, ଏହାକୁ ବଡ଼ଭିଡ଼ ଏବଂ କାର୍ଯ୍ୟକ୍ରମ ସମୟରେ ମଧ୍ୟ ସହଜରେ ବ୍ୟବହାର କରାଯାଇପାରିବ। ଏହା ବ୍ୟତୀତ, ଏହାର ପରିଚ୍ଛନ୍ନତା ଏବଂ ଆଧୁନିକ ଉପକରଣ ଏହାକୁ ସୁରକ୍ଷିତ କରିଥାଏ। ତେବେ ପୋର୍ସେଲେନ ପ୍ୟାଲେସ ପ୍ରମାଣିତ କରିଛି ଯେ, ଶୌଚାଳୟ କେବଳ ଏକ ଆବଶ୍ୟକୀୟ ସୁବିଧା ନୁହେଁ ବରଂ ଏକ ସାଂସ୍କୃତିକ ଏବଂ ପର୍ଯ୍ୟଟନସ୍ଥଳ ମଧ୍ୟ ହୋଇପାରେ।

### ଆଜି ବିଶ୍ୱ ଶୌଚାଳୟ ଦିବସ

ବିଶ୍ୱ ପରିମଳ ସଙ୍କଟର ମୁକାବିଲା, ସମସ୍ତଙ୍କ ପାଇଁ ସୁରକ୍ଷିତ ଶୌଚାଳୟ ଏବଂ ପରିମଳ ସୁନିଶ୍ଚିତ କରିବା ଲାଗି ସଚେତନତା ବୃଦ୍ଧି ସକାଶେ ୨୦୦୧ରୁ ନଭେମ୍ବର ୧୯ ରେ ପାଳିତ ହୋଇଆସୁଛି ବିଶ୍ୱ ଶୌଚାଳୟ ଦିବସ।


A Fast Growing Pharma Company
SHATAYUSHI HEALTHCARE PVT LTD
of Maharashtra having 1200+ Allopathy product basket. REQUIRES
BUSINESS DEVELOPMENT EXECUTIVE
(For BHUBANESWAR/ CUTTACK)
send resume on whatsapp only
Neeraj Pathak 7385495717 | Subhash Kelkar 992300031

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha
**QUOTATION CALL NOTICE**
Sealed quotations in prescribed format are invited from eligible bidders for various types of repair & maintenance works at NLUO Cuttack. Last date & time of receipt is **01.12.2025 at 11.00 A.M.** For details please visit website: **https://nluo.ac.in/tenders/**
Sd/- Registrar

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆରଏମ୍/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୪୨, ତାରିଖ: ୧୮।୧୧।୨୦୨୫** । **କାର୍ଯ୍ୟର ନାମ:** (୧) ଚକ୍ରଧରପୁର ମଣ୍ଡଳ – ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର–ଅଁଳାଯୋଡ଼ି ଏବଂ ଅଁଳାଯୋଡ଼ି–ବାଦାମପାହାଡ଼ ମଧ୍ୟରେ ୩୫୧୯୭ ମିଟର ସେସ୍ ମରାମତି କାର୍ଯ୍ୟ । (୨) ଏଡିଇଏନ୍/I/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର–ଅସନବଣି ସେକ୍ସନ ମଧ୍ୟରେ ସେସ୍‌ର କଟିଂ, ସେସ୍‌ର ମରାମତି ଏବଂ ସାଇଡ୍ ଡ୍ରେନ୍‌ର ନିର୍ମାଣ । (୩) ଏଡିଇଏନ୍–II–ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ସେସ୍‌ର କଟିଂ, ସେସ୍‌ର ମରାମତି ଏବଂ ସାଇଡ୍ ଡ୍ରେନ୍‌ର ନିର୍ମାଣ । **ଟେଣ୍ଡର ମୂଲ୍ୟ: ₹୭,୦୪,୪୨,୪୭୪.୮୯** । **ଇଏମ୍‌ଡି: ₹୫,୦୨,୨୦୦** । **ଟେଣ୍ଡର ଫର୍ମ ମୂଲ୍ୟ: ₹୦** । **ଖୋଲାଯିବା ତାରିଖ:** ତା୧୦।୧୨।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖା–ଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ–ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-849)

**WORKS DEPARTMENT**
**OFFICE OF THE SUPERINTENDING ENGINEER MAYURBHANJ (R&B) DIVISION, BARIPADA**
No. B-709 e-mail - bpd_eerb@rediffmail.com
**Government of Odisha "e" Procurement Notice**
**Bid Identification No. S.E. - 54/2025-26**
1. Number of Works : 2 (Two) Number of Road works
2. Approximate estimated cost : 8.43 lakh to 12.68 lakh
3. Period of Completion : 01 (One) Calendar Month
4. Date & time of availability of bid document in the portal : Dt.20.11.2025 to 04.12.2025
5. Last date/time of receipt of bid in the portal : Dt.04.12.2025 upto 5.00 P.M.
6. Date of Opening of bid : Dt.05.12.2025 at 11.00 A.M.
7. Name & address of the Officer Inviting Bid : Superintending Engineer, Mayurbhanj (R&B) Division, Baripada
Further details can be seen from the e-procurement portal **http://www.tendersodisha.gov.in**.
Sd./- R.G. Ray
Superintending Engineer
Mayurbhanj (R&B) Division
OIPR-

**NATIONAL COMPETITIVE BIDDING THROUGH e-Procurement**
Tel. No. 06752222092, e-mail id: eerwpuri@gmail.com
**TCN No. TENDER ONLINE - 11 of 2025-26**
No. 8794 Dt.29.10.2025
No. O-1417: The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 5 Nos. of work for the year 2025-26 in the District of Puri.
1. Total No. of Works : 5 Nos.
2. Tender cost of packages : Amount varies from Rs.21.01 lakh to Rs.42.02 lakh
3. Class of Contractor : As per DTCN
4. Period of Completion : 2 (Two) Calendar Months
5. Period of availability of tenders online/date & time of bidding online/last date of seeking clarification/date of opening of tender papers.

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online - 11 | 20.11.2025 at 11.00 A.M. | 02.12.2025 upto 5.00 P.M. | 01.12.2025 upto 1.30 P.M. | 03.12.2025 at 11.30 A.M. Office of the S.E., R.W. Division, Puri |

6. Other details can be seen in the bidding documents, which is available in website **"https://tendersodisha.gov.in"**.
OIPR- Sd./- Superintending Engineer, R.W. Division, Puri

**TENDER CALL NOTICE** No. MM-279
**OFFICE OF THE DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR**
At/P.O.: Salapada, Dist.: Keonjhar, PIN - 758020, Telephone: 06731-220322, e-mail id: dfo.keonjharwl@odisha.gov.in
e-Procurement Notice for SMC Works Identification No., Bid Identification No. DFO-KJR WL-03 of 2025-26
E-mail address: dfo.keonjharwl@odisha.gov.in
No. 5277 Dt.13.11.2025
1. Name of the Work : Construction of Waterbody and Water Harvesting Structure
2. Total No. of works : 3 (Three) Nos. (Percentage rate tender)
3. Estimated Cost : Approx. estimate cost Rs.635631.00 to Rs.1050532.00
4. Class of Contractor : 'C' Class
5. Other details :

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender, Divisional Forest Officer, Keonjhar Wildlife Division, Anandapur | Amount of Bid Security |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Divisional Forest Officer, Keonjhar Wildlife Division, Anandapur | Online DFO-KJR WL-02 of 2025-26 | 20.11.2025 at 10.00 A.M. | 28.11.2025 upto 5.30 P.M. | 29.11.2025 11.30 A.M. | 1% of Estimated Cost |

Further details can be seen from the website **www.tendersorissa.gov.in** & **www.tenders.ori.nic.in**.
OIPR- Sd./- Divisional Forest Officer, Keonjhar Wildlife Division, Anandapur

**GOVERNMENT OF ODISHA**
**DEPARTMENT OF WATER RESOURCES, OFFICE OF THE CHIEF ENGINEER & BASIN MANAGER**
Tel Basin, Bhawanipatna, Dist.: Kalahandi, E-mail ID: cetelbasinbhp@gmail.com/, Phone No.: 06670-230209
**NOTICE INVITING TENDER**
**E-Procurement Notice No. CE&BM, TEL - P1-05/2025-26, Bid Identification No. CETEL-BID-02/2025-26**
No. A-905: The Chief Engineer & Basin Manager, Tel Basin, Bhawanipatna on behalf of Governor of Odisha invites Online percentage rate tender through e-procurement in double cover system.
**Table-1: Details of Critical Dates, details of work, Bid Security**

| Pkg. No. | Bid ID No. | Name of Work | Approx. Tender Cost in lakh | Class of Contractor | Bid Security/ EMD- (Online)- (in INR) | Cost of tender document (Online) - (in INR) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL-BOUDH - 02 /2025-26 | "Flood Protection Work at the right bank of river Salki near village Balasinga GP of Boudh block. (Working RD 18400m to 19100m)" | Rs.3,69,96,484.50/- (Excluding GST) | 'A' Class only | Rs.3,69,965/- | Rs.10,000/- | 12 (Twelve) Calendar Months |

**Table-2: e-Procurement Details**

| Procurement Officer | Bid Identification No. | Availability of Tender Online for Bidding | | Date of Seeking tender clarification | Date & Time of opening of Tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Chief Engineer & Bais Manager, Tel Basin, Bhawanipatna | CETEL - BOUDH - 02/2025-26 | Dt.20.11.2025 at 10.00 hours | Dt.05.12.2025 Upto 17.00 hours | Dt.20.11.2025 to 01.12.2025 at Office during office hours | Dt.06.12.2025 at 11.00 hours | To be intimated after evaluation of Technical Bid | Office of Chief Engineer & Basin Manager, Tel Basin, Bhawanipatna |

Further details can be seen from the Govt. Website **www.tendersodisha.gov.in**.
* Other terms & conditions can be seen from the Government website **www.tendersodisha.gov.in**.
* The Corrigendum/Cancellation of tender, if any, will be uploaded and can be seen from the above website only.
OIPR- Sd./- Chief Engineer & Basin Manager, Tel Basin, Bhawanipatna

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-1486
**"e" Procurement Notice for Road Work**
Identification No. Online Tender - Road N.C.B. No. 47 for 2025-26
Letter No. 4154 Date: 14.11.25
1. Name of the Work : (Road works under MMSY CMRL)
2. Total No. of Work : 02 Nos. of Work.
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 47 of 2025-26 | 21.11.2025 at 11.00 A.M. | 03.12.2025 upto 5.00 P.M. | 02.12.2025 upto 5.00 P.M. | 04.12.2025 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in**.
OIPR- Sd./- Chief Construction Engineer, R.W. Circle, Balasore

भा.क.नि. CCI
**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ୍ | कपास किसान
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୮.୧୧.୨୦୨୫
**କପା ଚାଷୀଙ୍କୁ ଆହ୍ୱାନ**
ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।
**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**
ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।
ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।
ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।
ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।
ସ୍ୱା/-ଶାଖା ପ୍ରମୁଖ

## ସଂକ୍ଷେପରେ

### ପର୍ଯ୍ୟଟକଙ୍କ ବୋଲେରୋରେ ନିଆଁ
**ଆୟତ୍ତ କଲେ ଅଗ୍ନିଶମ କର୍ମଚାରୀ**

ଦାରିଙ୍ଗବାଡି, ୧୮।୧୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡିକୁ ବୁଲିବାକୁ ଆସିଥିବା ଏକ ବୋଲେରୋ ଗାଡି ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଖବରପାଇ ଦାରିଙ୍ଗବାଡି ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଇକୋ ରିଟ୍ରିଟରେ ଥିବା ସ୍ୱତନ୍ତ୍ର ଅଗ୍ନିଶମ ଟିମ୍‌ର ଜଣେ କର୍ମଚମ୍ରୀ କାହ୍ନୁ ପାତ୍ର ପହଞ୍ଚି ନିଆଁ ଲିଭାବାରେ ସହାୟତା କରିଥିଲେ। ଖବରରୁ ପ୍ରକାଶ, ଭଦ୍ରକ ଚାନ୍ଦବାଲି ଅଞ୍ଚଳରୁ ଏକ ୧୦ ଜଣିଆ ପର୍ଯ୍ୟଟକ ଦଳ ଦାରିଙ୍ଗବାଡି ବୁଲିବାକୁ ଆସିଥିଲେ। ସେମାନେ ସେଠାରୁ ସୋମବାରଠାରୁ ବାହାରି ଦାରିଙ୍ଗବାଡି ଆସିଥିଲେ। ଶ୍ରୀନିକେତା ଗ୍ରାମଠାରୁ ଗୋଟିଏ କିମି ଦୂର ଇକୋ ରିଟ୍ରିଟ ନିକଟ ଆମ୍ବଖାଲିଆ ଘାଟିରେ ଗାଡିଟି ଷ୍ଟାର୍ଟ ବନ୍ଦ ହୋଇ ଯାଇ ନିଆଁ ଜାଳିବା ଆରମ୍ଭ କରିଥିଲା। ଗାଡ଼ିରେ ବସିଥିବା ଚାଳକଙ୍କ ସମେତ ଅନ୍ୟ ୯ ଜଣ ପର୍ଯ୍ୟଟକ ଗାଡ଼ିରୁ ଡେଇଁ ଓହ୍ଲେଇ ପଡିଥିଲେ। ଇଞ୍ଜିନରେ ଲାଗିଥିବା ନିଆଁ ଲିଭାଇବାକୁ ସେମାନେ ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ କର୍ମଚାରୀଙ୍କ ଯୋଗୁ ଆମେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲୁ ବୋଲି ପର୍ଯ୍ୟଟକ ସୁଜିତ ଲେଙ୍କା କହିଛନ୍ତି। ଗାଡି ଚାଳକ ଦୀପକ ନାଥ କହିଛନ୍ତି, ସେମାନେ କୌଣସି ସ୍ଥାନରେ ବୋଲେରୋକୁ ବିଶ୍ରାମ ନ ଦେବାରୁ ଏପରି ହେଲା।

### ଜନଜାତୀୟ ଗୌରବ ଦିବସ ପାଳିତ

ଧରାକୋଟ,୧୮।୧୧
(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ସ୍ୱାଧୀନତା ସଂଗ୍ରାମୀ, ଜନଜାତିର ଗୌରବ ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୧ତମ ଜନ୍ମ ଜୟନ୍ତୀ ତଥା ଜନଜାତି ଗୌରବ ଦିବସ ଧରାକୋଟ ବ୍ଲକ ବଳରାମପୁର ଆଶ୍ରମ ବିଦ୍ୟାଳୟରେ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗୀତାଞ୍ଜଳି ମଲିକ, ସମିତି ସଭ୍ୟ ଜୋସେଫ ମଣ୍ଡଳ, ଏବିଇଓ ସୌରୀ ଶଙ୍କର ବେହେରା, ବିଭୂତି ଭୂଷଣ ପାତ୍ର, ଏସଏମସି ସଭାପତି ଶରତ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପ୍ର ଚରଣ ବେହେରା, ନାଏବ ସରପଞ୍ଚ ପ୍ରଫୁଲ୍ଲ ବେହେରା, ସିଆରସିସି ଗୌରୀ ଶଙ୍କର ଶତପଥୀ, ସମାଜିକ କର୍ମୀ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ସୃଜନ ଲିଖନ, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ର ଓ ଅଭିଭାବକଙ୍କ ମିଳିତ ବୈଠକ ହୋଇ ଜନଜାତି ଓ ଜାତି ବିଭାଗ ପକ୍ଷରୁ ରହିଥିବା ବିଭିନ୍ନ ଯୋଜନା ବିଷୟରେ ସଚେତନ କରାଯାଇଥିଲା ।

### ଗୋଷାଣି ବ୍ଲକରେ ବାର୍‌ହା ଉପଦ୍ରବ

ପାରଳାଖେମୁଣ୍ଡି,୧୮।୧୧
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ବାର୍‌ହା ଉପଦ୍ରବ ବଢିବାରେ ଲାଗିଛି। ବ୍ଲକର ଜଙ୍ଗଲପାଡୁ, ବଡନିଳାପୁର, ଉତ୍ତରସେଲି, ଗୋଷାଣି, ମହାଦେଇପୁର, ଗୁରାଣ୍ଡି ଆଦି ଅଞ୍ଚଳରେ ବାର୍‌ହା ଉପଦ୍ରବ ବଢି ଚାଲିଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ପ୍ରତିବର୍ଷ ଧାନ ପାଚିଲା ସମୟରେ ବାର୍‌ହାଙ୍କ ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚାଷୀ। ବାର୍‌ହାପଲ ସନ୍ଧ୍ୟା ହୋଇଗଲେ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ପଶି ପାଚିଥିବା ଧାନ ଗଛଗୁଡିକୁ ଖାଇ ନଷ୍ଟ କରୁଛନ୍ତି। ଏମାନଙ୍କୁ ଘଉଡାଇବାକୁ ଚାଷୀ ରାତି ଜଗି ରହୁଛନ୍ତି। ଏନେଇ ବନ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ପଦକ୍ଷେପ ନେଇ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ବିଭାଗର ଗାରାବନ୍ଧା ସେକ୍ସନ ଅଧିକାରୀ ସନ୍ତୋଷ ପରିଚ୍ଛାଙ୍କୁ ପଚାରିବାରୁ ସେ କହିଲେ,ବନବିଭାଗ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ କରାଯାଉଛି। ବାରାହା କିମ୍ବା ବନ୍ୟଜନ୍ତୁଙ୍କ ଦ୍ୱାରା କୌଣସି ଚାଷୀଙ୍କ ଫସଲ ନଷ୍ଟ ହେଲେ ସେ ଅନୁକମ୍ପା ଆପ କିମ୍ବା ନିକଟସ୍ଥ ସିଏସ୍‌ସି କେନ୍ଦ୍ରକୁ ଯାଇ କ୍ଷତିଗ୍ରସ୍ତ ଜମିର ଫୋଟ ଓ ତଥ୍ୟ ଅପଲୋଡ କରନ୍ତୁ । ବିଭାଗୟୀ ଯାଞ୍ଚ ପରେ କ୍ଷତିର ପରିମାଣ ଅନୁଯାୟୀ ଚାଷୀଙ୍କୁ ଆର୍ଥିକ ସହାୟତା ମିଳିବ ବୋଲି ପରିଚ୍ଛା କହିଛନ୍ତି।

# ମହେନ୍ଦ୍ରତନୟା ପୋଲ, ୭ ବର୍ଷରେ ଅବସ୍ଥା ଖରାପ

- ସଂଯୋଗୀକରଣ ପ୍ଲେଟ ନିକଟରେ ହେଲାଣି ଫାଟ
- ନିର୍ମାଣ ସମୟର କାର୍ଯ୍ୟ ପ୍ରତି ଉଠିଲା ପ୍ରଶ୍ନବାଚୀ

ପାରଳାଖେମୁଣ୍ଡି,୧୮।୧୧(ଗିରିଧାରୀ ପରିଚ୍ଛା)



ପୋଲରେ ସୃଷ୍ଟି ହୋଇଥିବା ଫାଟ।

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିରୁ ଆନ୍ଧ୍ର ପ୍ରଦେଶର ପୁରୁଣାପାଟଣାକୁ ସଂଯୋଗ କରୁଥିବା ମହେନ୍ଦ୍ରତନୟା ପୋଲ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ପୋଲର ଉପରିଭାଗ ତଥା ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହେବା ସହ ଏହାର ସୁରକ୍ଷା ବାଡ ସ୍ଥାନେ ସ୍ଥାନେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ୨୦୧୮ ଏପ୍ରିଲ ୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ପୋଲ ଲୋକାର୍ପିତ ହୋଇଥିଲା। ମାତ୍ର ୭ ବର୍ଷ ମଧ୍ୟରେ ପୋଲ ଭଙ୍ଗାରୁଜା ଅବସ୍ଥାରେ ପହଞ୍ଚିବା ଏହାର ନିର୍ମାଣ ସମୟର କାର୍ଯ୍ୟ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ୭୩୫.୭୦ ଲକ୍ଷ ଟଙ୍କାରେ ନିର୍ମିତ ଏହି ପୋଲର ଅବସ୍ଥା ଏବେ ଶୋଚନୀୟ ହୋଇ ପଡିଛି। ପୋଲର ଉପର ସିମେଣ୍ଟ ରାସ୍ତାର ଲୁହା ଛଡ ଦେଖାଦେଉଥିବା ବେଳେ ଏହାର ସଂଯୋଗୀକରଣ ପ୍ଲେଟ ନିକଟରେ ଫାଟ ସଦୃଶ୍ୟ ଦେଖାଦେଉଛି। ସୂଚନାଯୋଗ୍ୟ, ଏଠାରେ ଥିବା ପୁରୁଣା ପୋଲଟି ତତ୍କାଳୀନ ପାରଳା ମହାରାଜାଙ୍କ ଅମଳରେ ନିର୍ମିତ ହୋଇଥିଲା। ଏହାର ଅବସ୍ଥା ଜରାଜୀର୍ଣ୍ଣ ହୋଇପଡିଥିଲା। ଫଳରେ ନୂତନ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଶେଷରେ ଏହି ସ୍ଥାନରେ ନୂତନ ପୋଲ ନିର୍ମାଣ ଲାଗି କାର୍ଯ୍ୟ ଆରମ୍ଭ ହୋଇ ଶେଷ ହୋଇଥିଲା। ତେବେ ୭ ବର୍ଷ ତଳେ ଲୋକାର୍ପିତ ହୋଇଥିବା ଏହି ପୋଲ ଅବସ୍ଥା ଏବେ ବିପଦସଙ୍କୁଳ ହୋଇପଡିଛି। ପ୍ରତ୍ୟହ ଶତାଧିକ ଛୋଟବଡ ଯାନ ଚଳାଚଳ କରୁଥିବା ଏହି ପୋଲର ରକ୍ଷଣାବେକ୍ଷଣ କରିବାକୁ ଦାବି ହେଉଛି ।

# ଇଚ୍ଛା ମୃତ୍ୟୁ ଆବେଦନ କଲେ ଆଇଟିଆଇ ଅତିଥି ଅଧ୍ୟାପକ

ଛତ୍ରପୁର/ବ୍ରହ୍ମପୁର,୧୮।୧୧ (ଦିଲ୍ଲୀପ ସାମଲ/ସ୍ମୃତିରଞ୍ଜନ ମହାଲିକ)

ଦୀର୍ଘ ବର୍ଷ ସରକାରୀ ଆଇଟିଆଇରେ କାର୍ଯ୍ୟ କରି ମଧ୍ୟ ନିୟମିତ କର୍ମଚାରୀର ମାନ୍ୟତା ପାଇପାରିଲେ ନାହିଁ। ଶେଷରେ କାର୍ଯ୍ୟରୁ ଛଟେଇ କରି ଦିଆଗଲା। ଏଥିରେ ହତାଶ ହୋଇ ଶେଷରେ ଇଚ୍ଛା ମୃତ୍ୟୁ ଆବେଦନ କରିଛନ୍ତି ୨ ଅତିଥି ଅଧ୍ୟାପକ ଅରୁଣ କୁମାର ବେହେରା ଓ ଅରୁଣ କୁମାର ପାତ୍ର। ଉଭୟେ ମଙ୍ଗଳବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଏ ନେଇ ପତ୍ର ପଠାଇଛନ୍ତି। ଅରୁଣ ଛତ୍ରପୁରସ୍ଥିତ ସରକାରୀ ଆଇଟିଆଇରେ ଦୀର୍ଘ ୧୨ ବର୍ଷ ଧରି ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟ କରିଛନ୍ତି। ନିୟମିତ କର୍ମଚାରୀ ମାନ୍ୟତା ପାଇଁ ସେ ନିଜ ବିଭାଗ ସମେତ ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଥିଲେ। ହେଲେ କୌଣସି ସୁଫଳ ମିଳିଲାନି। ଚାକିରିରୁ ଛଟେଇ ହେବା ପରେ ଅରୁଣ ମାନସିକ ଆଘାତ ପାଇ ଶେଷରେ ଇଚ୍ଛା ମୃତ୍ୟୁ ଆବେଦନ କରିଛନ୍ତି। ସେହିପରି ବ୍ରହ୍ମପୁର ଆଇଟିଆଇରେ ୧୬ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ଅରୁଣ କୁମାର ପାତ୍ରଙ୍କୁ ମଧ୍ୟ କାର୍ଯ୍ୟରୁ ଛଟେଇ କରାଯାଉଛି। ସରକାରୀ ନିୟମ ଅନୁସାରେ ଜଣେ ଠିକା ଶ୍ରମିକ ବର୍ଷକୁ ୨୪୦ ଦିନ ଏବଂ ପ୍ରତିଦିନ ୮ ଘଣ୍ଟା ଡିୟୁଟି କଲେ ନିୟମିତ ହେବାର ପ୍ରାବଧାନ ରହିଛି। ସେହିପରି ସରକାରୀ ଠିକା ନିଯୁକ୍ତି କ୍ଷେତ୍ରରେ ଜଣେ ବର୍ଷକୁ ୯୦ ଦିନ କାର୍ଯ୍ୟ କଲେ ନିୟମିତ ହୋଇପାରିବ। ତେବେ ଦୀର୍ଘ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ମଧ୍ୟ ଛଟେଇ କରାଯାଇଥିବା ଉଭୟେ ଅଭିଯୋଗ କରିଛନ୍ତି।



ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିଥି ଅଧ୍ୟାପକ ଅତିରିକ୍ତ ଜିଲାପାଳଙ୍କୁ ପତ୍ର ଦେଉଛନ୍ତି।

# ସରକାରୀ ଯୋଜନା ଗାଁରେ ପହଞ୍ଚିବ: ମନ୍ତ୍ରୀ
## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଭଞ୍ଜନଗର,୧୮।୧୧
(ବାବୁଲା ପ୍ରଧାନ)



ମନ୍ତ୍ରୀ ଜଣେ ମହିଳା ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ଭଞ୍ଜନଗର ବ୍ଲକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମଙ୍ଗଳବାର ବିଡେକା ପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଚାଷୀ କୋଟିପତି । ଆମ ଚାଷୀଙ୍କୁ ମଧ୍ୟ କୋଟିପତି କରିବା ପାଇଁ ଯୋଜନା ଚାଲିଛି। ତେଣୁ ନୂଆ ନୂଆ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସରକାରୀ ଯୋଜନା ଗାଁରେ ପହଞ୍ଚିବ। ବର୍ତ୍ତମାନ ଚାଷୀଙ୍କୁ ସର୍ବାଧିକ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି । ଆଗାମୀ ଦିନରେ ତାହାକୁ ୫ କୋଟି ପର୍ଯ୍ୟନ୍ତ ବଢ଼ାଇବା ଯୋଜନା ରହିଛି। କୃଷି କ୍ଷେତ୍ରରେ ମହିଳା ମାନଙ୍କୁ ଆଗକୁ ଆଣିବା ପାଇଁ ସେମାନଙ୍କୁ ପୁରୁଷ ଅପେକ୍ଷା ଅଧିକ ୧୦ ପ୍ରତିଶତ ଛାଡ୍ ଦିଆଯାଉଛି। ଚାଷୀମାନଙ୍କ ବିକାଶ ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୪୨୩ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଇତିମଧ୍ୟରେ ଆଉ ୨୯୪ କୋଟି ଟଙ୍କା ଅନୁମୋଦନ ହୋଇଛି। ବିଜେଡି ୨୪ ବର୍ଷ ଶାସନ ସମୟରେ ଚାଷୀଙ୍କ ବିକାଶ କରି ନଥିଲା। ତେଣୁ ଏହି ଜିଲାରୁ ଅଧିକରୁ ଅଧିକ ଚାଷୀ ଦାଦନ ଖଟିବାକୁ ଚାଲି ଯାଉଥିଲେ। ପୂର୍ବ ସରକାର ଚାଷୀ, ମହିଳା, ଯୁବକଙ୍କ ବିକାଶ କରିନାହାନ୍ତି ବୋଲି ମନ୍ତ୍ରୀ ଅଭିଯୋଗ କରିଥିଲେ। ସଭାରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଞ୍ଜନଗର ବ୍ଲକର କୃଷକ ମାନଙ୍କ ଉନ୍ନତି ପାଇଁ ସରକାର ସବୁ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି କହିଥିଲେ। ଉପ ଜିଲାପାଳ ଉମା ଶଙ୍କର ବେହେରା, ବିଡ଼ିଓ ଭାରତୀ ଦେବୀ, ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ଭାଜପା ଭଞ୍ଜନଗର ସାଙ୍ଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ର, ଏମପି ପ୍ରତିନିଧି ସନ୍ତୋଷ ତିଆଡି, ରବିନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପୁର୍ବରୁ ମନ୍ତ୍ରୀ ବିଭିନ୍ନ ବିଭାଗ ପକ୍ଷରୁ ହୋଇଥିବା ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ କେତେଜଣ ଚାଷୀଙ୍କୁ ସବସିଡି ଅର୍ଥ ପ୍ରଦାନ କରାଯାଇଥିଲା।

### ଭୀମ ଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର

ଧରାକୋଟ,୧୮।୧୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ପରିସରରେ ଭୀମ ଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଅଭିଯାନ ଶିବିର ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଛି। ବିଡିଓ ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ତହସିଲଦାର ଲମ୍ବୋଦର ମାର୍ଣ୍ଡି, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅସିଓ ଶବର, ଏବିଡିଓ ସୁଶିଲ ପଟ୍ଟନାୟକ,ଏମ୍‌ପି ପ୍ରତିନିଧି ମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୧୨ ଜଣ ଦୃଷ୍ଟିବାଧିତ, ମୁକ ବଧିର, ଶାରୀରିକ ଭିନ୍ନକ୍ଷମ, ମାନସିକ ଅନଗ୍ରସର ଭଳି ୨୧ ପ୍ରକାରର ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉପକରଣ ପ୍ରଦାନ ନିମନ୍ତେ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଟ୍ରାଇ ସାଇକେଲ, ୧୮ ଜଣଙ୍କୁ ହୁଇଲ୍ ଚେୟାର,୨୩ ଜଣଙ୍କୁ ଆଶା ବାଡି,୫୧ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଭତ୍ତା,ରାଶନ କାର୍ଡ ଓ ଆବାସ ଯୋଜନା ପାଇଁ ୧୩୧ ଜଣ ଭିନ୍ନକ୍ଷମ ଶିବିରରେ ଆବେଦନ କରିଥିଲେ। ବିଏସ୍‌ଏସ୍‌ଓ ସଚିନ ପାତ୍ର ସଂଯୋଜନା କରିଥିଲେ।

### ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ
# ୧୩ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

କ.ନୂଆଗାଁ ୧୮।୧୧
(କାଳୀ ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବିଇଓ ପ୍ରମୋଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୭୩ଟି ବିଜ୍ଞାନ ପ୍ରକଳ୍ପକୁ ଛାତ୍ରଛାତ୍ରୀମାନେ ପ୍ରଦର୍ଶନ କରିଥିଲେ । ବିଚାରକ ଭାବେ ଜାର୍କିଭଙ୍ଗା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବେଣୁଧର ପ୍ରଧାନ, କୁର୍ତ୍ତମଗଡର ବିଜ୍ଞାନ ଶିକ୍ଷକ ପ୍ରମୋଦ ପାଣିଗ୍ରାହୀ ଯୋଗ ଦେଇ ୭ଟି ବିଜ୍ଞାନ ପ୍ରକଳ୍ପ ଓ ୬ଟି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରକଳ୍ପକୁ ଜିଲାସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ ରଥ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ବିଇଓ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଏବିଇଓ ଚୈତନ୍ୟ କହଁର, ହରିହର ମଲ୍ଲିକ, ଡ. ପ୍ରିୟବ୍ରତ ପାଣିଗ୍ରାହୀ. ଡ. ଭୁବନମୋହନ ବେହେରା, ଡ. ଶତୋଲିନ ଦାଶ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ବୈଜ୍ଞାନିକ ଚେତନା ଓ ସୃଜନଶୀଳତାର ପ୍ରଂଶସା କରିଥିଲେ। ବ୍ଲକ ସଂଯୋଜକ ଦୁର୍ଯ୍ୟୋଧନ ରେଡ୍ଡୀ. ଲକ୍ଷ୍ମୀକାନ୍ତ ସାହୁ, ସରୋଜ ସାହୁ, ରାଜେଶ ଦନ୍ତା ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ସର୍ଗିଫୁଲ ମହୋତ୍ସବ ଉଦ୍‌ଯାପିତ

ବାଲିଗୁଡା, ୧୮।୧୧
(ସଞ୍ଜୟ କୁମାର ପାଣିଗ୍ରାହୀ)



ଉତ୍ସବରେ ମଞ୍ଚାସୀନ ଅତିଥି।

କନ୍ଧମାଳ ଜିଲା ବାଲିଗୁଡା ବ୍ଲକସ୍ତରୀୟ ସର୍ଗିଫୁଲ ମହୋତ୍ସବ-୨୦୨୫ ବଡ଼ଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ କାଉନସିଲର ଅଜୟ ଦିଗାଲ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୀପକ କନୱାର ଯୋଗଦେଇ ଶୁଭାରମ୍ଭ କରିଥିଲେ । ବ୍ଲକର ସମସ୍ତ ୧୪ଟିଯାକ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପରିଚାଳିତ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଜୁନିୟର ଓ ସିନିୟର ବର୍ଗରେ ୨୨ଟି ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। ଅପରାହ୍ନରେ ହୋଇଥିବା ଦ୍ୱିତୀୟ ଅଧିବେଶନରେ ସର୍ଗିଫୁଲ ମହୋତ୍ସବର ଉଦ୍‌ଯାପିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ସମ୍ମାନିତ ଅତିଥି ରୂପେ ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ଏବିଡିଓ ପ୍ରଦୀପ ବାଗ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୀପକ କନୱାର, ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ପ୍ରଧାନ, ପ୍ରଫୁଲ୍ଲ ମହାରଣା, କୈଳାସ ଚନ୍ଦ୍ର ସିଂ, ସସ୍ମିତା ଡାକୁଆ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିତେନ୍ଦ୍ର ନାଥ ପାତ୍ର ସହଯୋଗ କରିଥିଲେ। ଗଟାଙ୍ଗି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତୀର୍ଥବାସୀ ଘଡେଇ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ଦେଇଥିଲେ।

### ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମେଳା

ପାରଳାଖେମୁଣ୍ଡି,୧୮।୧୧
(ଗିରିଧାରୀ ପରିଚ୍ଛା)

ଗୁମ୍ମାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମେଳା ପଞ୍ଚାୟତ ସମିତି ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମେଳାରେ ମତ୍ସ୍ୟ, ପ୍ରାଣି ସମ୍ପଦ ଓ ଅନ୍ୟାନ୍ୟ ବିଭାଗର ପ୍ରଦର୍ଶନୀ ସହ ଚାଷୀ ବିଶେଷଜ୍ଞମାନଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଡିଓ ଦୁଲେରାମ ମାର୍ଣ୍ଡି ସଭାତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଏସ. ଶେଷଗିରି, ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ଜିଲା ପରିଷଦ ସଦସ୍ୟା ରେଣୁକା ପାତ୍ର, ସନ୍ଧ୍ୟା ଶବର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ତୁଷାରେନ୍ଦୁ ନାୟକ, ଜିଲା ମତ୍ସ୍ୟ ଅଧିକାରୀ ନିରୋଦ ଚନ୍ଦ୍ର ନାୟକ, ତହସିଲଦାର ଶରତ ଶବର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ପାର୍ଥ ପ୍ରତୀମ ପଣ୍ଡା, ଆକାଶ ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ। ସଫଳ ମତ୍ସ୍ୟ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସିପିଆଇର ପ୍ରତିବାଦ ସଭା
**ଦଳିତ, ମହିଳା, ଆଦିବାସୀଙ୍କ ଉପରେ ହେଉଥିବା ଆକ୍ରମଣକୁ ବିରୋଧ**




ଛତ୍ରପୁର,୧୮।୧୧(ଦିଲୀପ ସାମଲ)

ଦଳିତ, ଆଦିବାସୀ, ମହିଳା ଓ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣ ବିରୋଧରେ ଗଞ୍ଜାମ ଜିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପକ୍ଷରୁ ଛତ୍ରପୁର ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି। ଆଇନଜୀବୀ ଆଦିତ୍ୟ ନାରାୟଣ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। କେନ୍ଦ୍ରରେ ମୋଦୀଙ୍କ ନେତୃତ୍ୱ ଭାଜପା ସରକାର ଆସିଲା ପରେ ଦେଶରେ ଦଳିତ, ମହିଳା ଆଦିବାସୀ ଓ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି। ଜାତି ଓ ଧର୍ମ ନାମରେ ଅରାଜକତା ବୃଦ୍ଧିପାଉଛି। ଏକଛାତ୍ରବାଦୀ ଫାଶୀବାଦୀ ଶକ୍ତିକୁ ଦମନ କରିବା ପାଇଁ ସଭାରେ ଆହ୍ୱାନ ଦିଆଯାଇଥିଲା। ପ୍ରତିବାଦ ସଭାରେ ଗଞ୍ଜାମ ଜିଲା ଦଳିତ ନେତା ଗୁରୁନାଥ ପ୍ରଧାନଙ୍କ ନେତୃତ୍ୱରେ ସିପିଆଇ ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ଯୁବସଂଘ ରାଜ୍ୟ ସମ୍ପାଦକ କାମଦେବ ନାହାକ, ସଂଖ୍ୟାଲଘୁ ନେତା ମହମ୍ମଦ ଉସମ୍ମାନ, ସିକେନ୍ଦର ଖାନ, ଏସ.ତ୍ରିନାଥ ରେଡ୍ଡୀ, ସିମାଞ୍ଚଳ ସାହୁ, ଏନ. ସୁକାନ୍ତ ଆଚାରୀ, ପ୍ରଫୁଲ୍ଲ ଜେନା ଲିଙ୍ଗରାଜ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ।

# ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ବିଜ୍ଞାନ ମେଳା

ଛତ୍ରପୁର,୧୮।୧୧(ଦିଲ୍ଲୀପ ସାମଲ)

ଛତ୍ରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜିତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଯୋଗଦେଇ ମେଳାକୁ ଉଦଘାଟନ କରିବା ସହିତ ପ୍ରଦର୍ଶନୀ ବୁଲି ଦେଖିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଏବିଇଓ ସଂଯୁକ୍ତା ରଥ, ଛତ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଯାଦବ, ନୋଡାଲ ଅଫିସର ତଥା ଟାଙ୍ଗଣାପଲ୍ଲୀ ଏସଏନ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ବିପୁଲିଙ୍ଗି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାକର ପଣ୍ଡା, କେ. ଚନ୍ଦ୍ର ଶେଖର ରେଡ୍ଡୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ମେଳାରେ ୪୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୨୪ଟି ଉଚ୍ଚ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଆଣିଥିବା ୧୪୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବ୍ରହ୍ମପୁର ସିଟି କଲେଜର ଅବସର ପ୍ରାପ୍ତ ପ୍ରିନ୍ସିପାଲ ଦିଲ୍ଲୀପ କୁମାର ପାତ୍ର, ଡୁରା କଲେଜ୍‌ର ଅଧାପିକା ଡ଼ଃ ଉଷା ରାଣୀ ବ୍ରହ୍ମା ଓ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କିରଣ କୁମାର ମିଶ୍ର ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଭଲ ପ୍ରଦର୍ଶନ କରିଥିବା ୧୦ ପ୍ରକଳ୍ପ ଜିଲା ସ୍ତରକୁ ଚୟନ କରାଯାଇଛି। ବିଜ୍ଞାନ ଶିକ୍ଷକ ରଶ୍ମି ରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୪୦ ବର୍ଷ ପରେ ପୁଣି ଆରମ୍ଭହେଲା ସାପ୍ତାହିକ ହାଟ

ଦାରିଙ୍ଗବାଡି, ୧୮।୧୧ (ଅରୁଣ ସାହୁ )



ଅତିଥିମାନେ ହାଟକୁ ଉଦ୍‌ଘାଟନ କରୁଛନ୍ତି।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସାପ୍ତାହିକ ହାଟର ଅଧିକା ଚାହିଦା ରହିଛି। ବିଶେଷ କରି ପନିପରିବା ଚାଷୀ ତାର ଅମଳ ପନିପରିବାକୁ ଉଚିତ ଦରରେ ବିକ୍ରି କରିବାରେ ସମସ୍ୟାର ସମ୍ମୁଖରନ ହେଉଥିଲା। କମ ଦରରେ ଅନ୍ୟକୁ ସାମଗ୍ରୀ ବିକି କ୍ଷତି ସହୁଥିଲା। ଏହାକୁ ଗୁରୁତ୍ୱ ଦେଇ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ ପକ୍ଷରୁ ବନ୍ଦ ହୋଇଯାଇଥିବା ସାପ୍ତାହିକ ହାଟ ଦୀର୍ଘ ୪୦ବର୍ଷ ପରେ ପୁଣି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହାକୁ ସିମନବାଡି ସରପଞ୍ଚ ଅମିତା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଗ୍ରାମବିକାଶ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହଭାଗିତାରେ ଖୋଲାଯାଇଥିବା ହାଟରେ ପ୍ରଥମ ଦିନରେ ହାଟରେ ପନିପରିବା ସହ ଚାଷ ସାମଗ୍ରୀ, ରାଶନ, ଖାଦ୍ୟ ସାମଗ୍ରୀ ସହ ଅନ୍ୟାନ୍ୟ ଅତ୍ୟାବଶକ ସାମଗ୍ରୀ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଗ୍ରାମବିକାଶର ଜିଲା କାର୍ଯ୍ୟକ୍ରମ ମୁଖ୍ୟ ବରୁଣ କୁମାର ସିଂ, ବସନ୍ତ ନାୟକ, ଅଷ୍ଟିନ କୁମାର, ନିରଞ୍ଜନ ଧାରୁଆ, ଆରାଧନା ପ୍ରଧାନ, ସୁଶାନ୍ତ ପ୍ରଧାନ, ସିମଲା ବର୍ମା, ସୋମ୍ୟଜିତ ଦେ, ଜିବିତା ଭୂୟାଁ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାତ ପ୍ରଧାନ, ସରପଞ୍ଚ ପ୍ରତିନିଧି ପରମେ ପ୍ରଧାନ, ଜଳେଶ୍ୱର ପ୍ରଧାନ, ଜିତେନ୍ଦ୍ର ସାହୁ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହି ସାପ୍ତାହିକ ହାଟରେ ମହିଳା ପନିପରିବା ଚାଷୀଙ୍କ ସମେତ ଶ୍ରୀ ଅନ୍ନ ଯୋଜନାରେ ମାଣ୍ଡିଆ, କୁଏରୀ, କାଙ୍ଗୁ ଭଳି ଶସ୍ୟ ବିକ୍ରି, କନ୍ଧମାଳ ହଳଦୀ ଓ ତାର ପ୍ରସ୍ତୁତ ସାମଗ୍ରୀ, ଜଙ୍ଗଲଜାତୀୟ ଦ୍ରବ୍ୟର ବିକ୍ରି ନେଇ ଲକ୍ଷ୍ୟ ରଖାଯାଇଛି। ଏଥିରେ ଚାଷୀ ଓ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ସରପଞ୍ଚ ପ୍ରଧାନ କହିଛନ୍ତି।

## ଜି.ଉଦୟଗିରିରେ ଶୀତ ଲହରି ଜାରି

### ୩ ଦିନ ହେଲା ୬ ଡିଗ୍ରୀ ତଳେ ପାରଦ

ଜି.ଉଦୟଗିରି,୧୮।୧୧ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳ ଲଗାତର ଏକ ସପ୍ତାହ ହେବ ହାଡ଼ଭଙ୍ଗା ଶୀତରେ ଥରୁଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ୩ ଦିନ ହେଲା ପାରଦ ୬ ଡିଗ୍ରୀ ତଳେ ରହିଛି। ଏହି ସହରରେ ମଙ୍ଗଳବାର ଜି.ଉଦୟଗିରି ସହରରେ ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ରେକର୍ଡ କରାଯାଇଛି। ଜନଗହଳି ପୂର୍ଣ୍ଣ ସହରରେ ତାପମାତ୍ରା ଯାହା ରେକର୍ଡ କରାଯାଉଛି, ତାହା ତୁଳନାରେ ପାହାଡ଼ ପର୍ବତ ତଟବର୍ତ୍ତୀ ଗ୍ରାମାଞ୍ଚଳରେ ତାପମାତ୍ରା ଆହୁରି କମ୍ ରହୁଥିବା ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି। ପ୍ରବଳ ମାତ୍ରାରେ ଜାଡ଼ ଯୋଗୁ ଜନଜୀବନ ପ୍ରଭାବିତ ହେଉଛି। ମୁଖ୍ୟତଃ ବୟସ୍କଙ୍କ ଉପରେ ବେଶୀ ପ୍ରଭାବ ପଡ଼ୁଛି। ରାସ୍ତାକଡ଼ରେ ବସି ବିଭିନ୍ନ ପନିପରିବା ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଛୋଟ ବ୍ୟବସାୟୀମାନେ ମଧ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶୀତ ଯୋଗୁ ସନ୍ଧ୍ୟା ୫ଟାରୁ ବଜାର ଶୂନଶାନ ହେଉଥିବା ବେଳେ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟକର ହେଉଛି । ଲୋକେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ବସୁଛନ୍ତି । ଶୀତ ସାଙ୍ଗକୁ କୋହଲା ପବନରେ ଲୋକେ ଅସ୍ତବ୍ୟସ୍ତ ହୋଇ ଯାଉଛନ୍ତି । ଅନ୍ୟପଟେ ଶୀତର ମଜା ନେବାପାଇଁ ପର୍ଯ୍ୟଟକଙ୍କ ଆସିବା ଆରମ୍ଭ ହୋଇଯାଇଛି ।

## ରାମାୟଣ ନାଟକରେ ଅଶ୍ଳୀଳତା ପ୍ରଦର୍ଶନ ନେଇ ମାମଲା ରୁଜୁ

ଦିଗପହଣ୍ଡି,୧୮।୧୧ (ଅଶେଷ ନାଥ ମିଶ୍ର) ଗତ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଦିଗପହଣ୍ଡି ଥାନା ମୌଳାଭଞ୍ଜା ଗ୍ରାମରେ ପ୍ରତିଯୋଗିତାମୂଳକ ୭ଟି ନାଟ୍ୟ ଅନୁଷ୍ଠାନ ପକ୍ଷରୁ ପୌରାଣିକ ରାମାୟଣ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକରେ ରାବଣ ଭୂମିକାରେ ଅଭିନୟ କରିଥିବା କଳାକାର ଜଣକ ଆଧ୍ୟାତ୍ମିକ ଓ ପୌରାଣିକ କଥାବସ୍ତୁ ରାମାୟଣ ଭଳି ପବିତ୍ର ଗ୍ରନ୍ଥକୁ ଅପମାନିତ କରି ସୀତା ହରଣ ଦୃଶ୍ୟରେ ଅତ୍ୟନ୍ତ ଅଶ୍ଳୀଳତା ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିବା ସହ ତାଙ୍କୁ ଉଲଗ୍ନ କରି ଶରୀରର ବିଭିନ୍ନ ଅଂଶକୁ କାମୁଡ଼ିଥିଲେ। ନାଟକର ବିଭିନ୍ନ ଦୃଶ୍ୟରେ ଘୋଡ଼ା, ଓଟ ଭଳି ପ୍ରାଣୀ ଏବଂ ଜେସିବି ମେସିନ, କ୍ରେନ ମଧ୍ୟ ବ୍ୟବହାର କରାଯାଇଥିଲା। ଏହି ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲିଥିଲା । ଯାହାକୁ ନେଇ ବିଭିନ୍ନ ମହଲରେ ଏହାକୁ ବିରୋଧ କରାଯିବା ସହ ସଂସ୍କୃତିପ୍ରେମୀ ନିନ୍ଦା କରିଥିଲେ। ଦୁଇ ଦିନ ନାଟକ ପରିବେଷଣ ପାଇଁ ଚୁକ୍ତିନାମା ହୋଇଥିଲେ ମଧ ପୋଲିସ ଅନୁମତି ନ ଥାଇ ଉଭୟ ନାଟକ ଅନୁଷ୍ଠାନର ୨୦ରୁ ଊର୍ଦ୍ଧ୍ୱ ନର୍ତ୍ତକୀ ଏବଂ ୫୦ରୁ ଊର୍ଦ୍ଧ୍ୱ ଆର୍ଟ ଜେଣ୍ଡର ନାଟକରେ ନଗ୍ନ ନୃତ୍ୟ ପରିବେଷଣ କରିଥିଲେ। ମଙ୍ଗଳବାର ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘ ସଭାପତି ରାଜ ଗୋପାଳ ପାତ୍ରୀ ଘଟଣାକୁ ବିରୋଧ କରି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍ପି ପ୍ରଶାନ୍ତ ପାତ୍ରଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଏସ. ଆଇ ଜ୍ୟୋତି ରଞ୍ଜନ ବେହେରା ଏତଲାକୁ ଭିତ୍ତିକରି ନଂ.୪୧୯/୨୫ରେ ମାମଲା ରୁଜୁ କରାଯାଇଥିବା କହିଛନ୍ତି। ରାମାୟଣରେ ରାବଣ ଚରିତ୍ରରେ ଅଭିନୟ କରୁଥିବା ବ୍ୟକ୍ତି ଯେଭଳି ଅଭିନୟ କରି ଦର୍ଶକଙ୍କୁ ଆଘାତ ଦେଇଛନ୍ତି ଏବଂ ଲକ୍ଷାଧିକ ଟଙ୍କା ନେଇ ନାଟକକୁ ଆସିଥିବା ଜଣେ ନୃତ୍ୟାଙ୍ଗନା ଅର୍ଦ୍ଧନଗ୍ନ ନୃତ୍ୟ ପରିବେଷଣ କରିବା ଯୁବ ସମାଜକୁ ପଥଭ୍ରଷ୍ଟ କରିବାର ଏକ ମାଧ୍ୟମ ବୋଲି ଏତଲାରେ ଦର୍ଶାଯାଇଛି। ଏତଲା ଦେବା ବେଳେ ଗଞ୍ଜାମ ଜିଲ୍ଲା ନାଟ୍ୟ ସଂଘ କାର୍ଯ୍ୟକର୍ତ୍ତା ସୁଶାନ୍ତ ପଟ୍ଟନାୟକ , ସର୍ବେଶ୍ୱର ପ୍ରଧାନ , ଅରୁଣ ପଣ୍ଡା ଓ ଆଇନଜୀବୀ ପରେଶ ଚନ୍ଦ୍ର ରଥ ଥିଲେ ।

## ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

ଚିକିଟି,୧୮।୧୧(ପ୍ରକାଶ ଚନ୍ଦ୍ର ସାହୁ)–କେ. ନୂଆଗାଁ ଥାନା ଚିକିଟି ଫାଣ୍ଡି ଠାରୁ ପ୍ରାୟ ୧୦୦ ମିଟର ଦୂର ଧାନଘର ଛକ ଠାରୁ ବାଳକୁମାରୀ ରାସ୍ତାରେ ଥିବା ରାଧାକୃଷ୍ଣ ଏବଂ ଗୋପେଶ୍ୱର ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦାନ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେବା ସହ ବାସନ ସାମଗ୍ରୀ ଏବଂ ଚାଉଳ ଆଦି ନେଇଯାଇଥିବା ଜଣାପଡିଛି। ମଙ୍ଗଳବାର ସକାଳେ ଦୁଇ ମନ୍ଦିରର ପୂଜାରୀ ଆସିବା ପରେ ହୁଣ୍ଡି ଭାଙ୍ଗିଥିବା ଏବଂ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଦେଖି କେ ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଛି। ଦୀର୍ଘ ଦିନ ହେଲା ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି।

## ରାଇକିଆ ପାଷ୍ଟର୍ସ ଆସୋସିଏଶନର ବାର୍ଷିକ ସମ୍ମିଳନୀ




ରାଇକିଆ,୧୮।୧୧ (ପ୍ରଦୀପ ବେହେରା) କନ୍ଧମାଳ ଜିଲା ରାଇକିଆ ବାପଟିଷ୍ଟ ଚର୍ଚ୍ଚ ପରିସରରେ ମଙ୍ଗଳବାର ପାଷ୍ଟର୍ସ ଆସୋସିଏଶନର ୨୦ବର୍ଷ ପୂର୍ତ୍ତି ଉପଲକ୍ଷେ ଦୁଇଦିନିଆ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ରେଭ. ରାଜକିଶୋର ଦିଗାଳ ଏବଂ ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର ଯୋଗଦେଇ ଶୁଭେଚ୍ଛା ବାର୍ତ୍ତାମାନ ଦେଉଥିଲେ। ବକ୍ତା ଭାବେ ଗଜପତିରୁ ଆସିଥିବା ଆଚାର୍ଯ୍ୟ ଉପେନ୍ଦ୍ର ପରିଛା ଏବଂ ଆଚାର୍ଯ୍ୟ ଅମିୟ କୁମାର ନାୟକ ଯୋଗଦେଇ ଧର୍ମଶାସ୍ତ୍ର ପବିତ୍ର ବାଇବେଲରୁ ବାକ୍ୟ ଶିକ୍ଷା ଦେଇଥିଲେ। ସଭାପତି ଆଚାର୍ଯ୍ୟ ଦମନିକ ଦିଗାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ପାଳକ ସନ୍ତୋଷ ଦିଗାଳ କାର୍ଯ୍ୟକ୍ରମର ପ୍ରାରମ୍ଭିକ ପର୍ଯ୍ୟାୟକୁ ପରିଚାଳନା କରିଥିଲେ । ସମ୍ପାଦକ ପାଳକ ଜିତେନ ନାୟକ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । କୋଷାଧ୍ୟକ୍ଷ ପାଳକ ସୁନିଲ ପରିଛା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ।

## ବ୍ଲକସ୍ତରୀୟ ବାଲ୍‌ ବୈଜ୍ଞାନିକ ପ୍ରଦର୍ଶନୀ

ଆସିକା/ଶେରଗଡ଼,୧୮।୧୧ (ସୁରେନ୍ଦ୍ର ନାଥ ସାହୁ/ ସୂର୍ଯ୍ୟ ନାରାୟଣ ଦାଶ): ଆସିକା ହରିହର ହାଇସ୍କୁଲ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ବିଇଓ ମୁନରାଣୀ ମହାନ୍ତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏବିଇଓ ବିଭୁନନ୍ଦନ ପଣ୍ଡା, ହରିହର ହାଇସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତି, ଭଞ୍ଜ ବେହେରା, ଶିବରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲକର ୯୬ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୭୯ଟି ପ୍ରକଳ୍ପ ଉପସ୍ଥାପିତ ହୋଇଥିଲା । ୧୦ଟି ପ୍ରକଳ୍ପକୁ ଚୟନ କରାଯାଇ ଜିଲାସ୍ତରୀୟ ପ୍ରଦର୍ଶନୀ ଲାଗି ମନୋନୀତ କରାଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଆସିକା ବିଧାୟକଙ୍କ ପ୍ରତିନିଧି ସଙ୍ଗିତ ପାଢ଼ୀ, ବ୍ଲକ ଉପାଧ୍ୟକ୍ଷା ରେଶମା ଦୋରା, ନାରାୟଣ ମହାପାତ୍ର, ମିନତି କୁମାରୀ ପାତ୍ର, ବିରେନ ପଣ୍ଡା ପ୍ରମୁଖ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ ।

ସେହିପରି ଶେରଗଡ଼ରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ସ୍ଥାନୀୟ ମହାତ୍ମାଗାନ୍ଧୀ ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହାକୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ। ରାଷ୍ଟ୍ରୀୟ ଆବିଷ୍କାର ଯୋଜନା ଓ ବାଲ୍ ବୈଜ୍ଞାନିକ ଚୟନ ନେଇ ଉଚ୍ଚ ବିଦ୍ୟାଳୟ ସ୍ତରରୁ ୯୦ଟି ଓ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ୬୦ଟି ଏପରି ମୋଟ ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଚ୍ଚ ବିଦ୍ୟାଳୟ ସ୍ତରର ବିଚାରକ ଭାବେ ଉଦୟ ପ୍ରତାପ କନିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଶିଶିରକାନ୍ତ ତ୍ରିପାଠୀ ଓ ରୀତାରାଣୀ ସ୍ୱାଇଁ ଯୋଗଦେଇ ୬ଟି ପ୍ରକଳ୍ପ ଓ ପ୍ରାଥମିକ ବିଦ୍ୟାଳୟର ବିଚାରକ ଭାବେ କୃଷ୍ଣଛାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ ମହାରଣା ଓ ବଳରାମ ବାରିକ ଯୋଗଦେଇ ୪ ପ୍ରକଳ୍ପକୁ ଚୟନ କରିଥିଲେ। ଉଦଯାପନୀରେ ଅତିଥିଭାବେ ବିଡ଼ିଓ ତୃପ୍ତିମୟୀ ଜେନା, ବିଇଓ ଲକ୍ଷ୍ମୀନାରାୟଣ ପଣ୍ଡା,ଏବିଇଓ ଶୈରନ୍ଦ୍ରି ଦଳେଇ ଓ ଦିବାକର ଗମାଙ୍ଗ, ଶିକ୍ଷକ ସଂଘ ସଭାପତି ଇନ୍ଦ୍ରମଣି ସାଇଁ, ଅଶୋକ ହୋତା, ପ୍ରଶାନ୍ତ ଡାକୁଆ ଉପସ୍ଥିତ ଥିଲେ। କୃତୀଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ପନିପରିବା ଦରରେ ଲାଗୁନି ଅଙ୍କୁଶ

ଗଞ୍ଜାମ, ୧୮।୧୧ (ବିଦ୍ୟାଧର ସାହୁ) କାର୍ତ୍ତିକମାସ ସାରିଲାଣି। ମାତ୍ର ପନିପରିବା ଦରରେ ଅଙ୍କୁଶ ଲାଗୁନି। ପରିବା ଦର ଆକାଶ ଛୁଆଁ ହୋଇଛି। ଗଞ୍ଜାମ ସହରରେ ବାଇଗଣ କିଲୋ ପ୍ରତି ୬୦ ଟଙ୍କା ଥିବା ବେଳେ ବିନ୍ସ ୧୨୦, ଲଙ୍କା ମରିଚ କିଲୋ ୧୦୦, ପୋଟଳ ୮୦, ମୁନିକା ୧୪୦, ଟମାଟୋ ୬୦, ଅମୃତ ଭଣ୍ଡା, କୁନ୍ଦୁରି ଓ ଜହ୍ନି କିଲୋ ୬୦ ଟଙ୍କାରେ ବିକ୍ରି ହେଉଛି। ଏଥର ପରି ଆଉ କେଉଁ ବର୍ଷ ପରିବା ଦର ଏତେ ହୋଇ ନ ଥିଲା।

## ଓଡିଶା ସହରୀ ଭିତ୍ତିଭୂମି ବିକାଶ ପାଣ୍ଠିରେ ନିର୍ମିତ ପ୍ରକଳ୍ପର ସମୀକ୍ଷା

ହିଞ୍ଜିଳିକାଟୁ,୧୮।୧୧(ଦ୍ୱିତୀକୃଷ୍ଣ ପଣ୍ଡା) ରାଜ୍ୟ ନଗର ଉନ୍ନୟନ ବିଭାଗର ୩ ଅଧିକାରୀ ମଙ୍ଗଳବାର ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ଓଡିଶା ସହରୀ ଭିତ୍ତିଭୂମି ବିକାଶ ପାଣ୍ଠି (ଓୟୁଡିଆଇଏଫ)ରୁ ହୋଇଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଓୟୁଡିଆଇଏଫର ସିନିୟର ପ୍ରୋଜେକ୍ଟ ଆସୋସିଏଟ ପ୍ରଦିପ ମଲ୍ଲିକ, ପ୍ରୋଜେକ୍ଟ ଆସୋସିଏଟ ଚନ୍ଦନ ମିଶ୍ର ଓ ଦେବାଶିଷ ଦାସ ହିଞ୍ଜିଳିକାଟୁ ପୌରପରିଷଦର ଦକ୍ଷିଣ ବ୍ଲକ ମାର୍କେଟ କମ୍ପ୍ଲେକ୍ସ, ଦେଉଳ ବନ୍ଧ, ବେବର୍ତ୍ତା ବନ୍ଧ, ଆଙ୍କୋରଡା ଯୋଗିବନ୍ଧ ଓ ନୁଆଗଡ ବନ୍ଧ ପରିଦର୍ଶନ କରି ଏଗୁଡିକର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି। ବନ୍ଧରେ ମାଛ ଚାଷ କରିବାକୁ ପରାମର୍ଶ ଦେଇଛନ୍ତି ଟିମ। ଏହି ସମୟରେ ପୌର ସହକାରୀ ଯନ୍ତ୍ରୀ ମୁକେଶ ପ୍ରଧାନ, ଯନ୍ତ୍ରୀ ମାନସ ରଞ୍ଜନ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସମବାୟ ସପ୍ତାହ ଉପଲକ୍ଷେ ଗଣଦୌଡ଼

ଆସିକା,୧୮।୧୧(ସୁରେନ୍ଦ୍ର ନାଥ ସାହୁ)

୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ଓ ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ମଙ୍ଗଳବାର ଆସିକାରେ ସମବାୟପ୍ରେମୀଙ୍କୁ ନେଇ ଗଣଦୌଡ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଆସିକା ତହସିଲଦାର ସଙ୍ଗିତା ସେନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା, ଥାନା ଅଧିକାରୀ କୁଳମଣି ସେଠୀ, ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି



ଗଣ ଦୌଡରେ ସାମିଲ ହୋଇଥିବା ସମବାୟ ପ୍ରେମୀ ଓ ଅନ୍ୟମାନେ।

ମଙ୍ଗୁଲୁଧର ସାହୁ, ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ମଢେଇ, ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତିର ସଭାପତି କାର୍ତ୍ତିକେଶ୍ୱର ପରିଡା, ସହକାରୀ ନିବନ୍ଧକ ବିଜୟ କୁମାର ସାହୁ, ଦେବାଶିଷ ସ୍ୱାଇଁଙ୍କ ସମେତ ବହୁ ସେବା ସମବାୟ ସମିତିର ସମ୍ପାଦକ ଓ ସମବାୟ କର୍ମଚାରୀ ସାମିଲ ଥିଲେ । ଗଣଦୌଡ ଆସିକା ତାଲୁକା ଛକସ୍ଥିତ ସମବାୟ ବିଭାଗର ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟରୁ ବାହାରି ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଯାଇଥିଲା । ଆମ୍ ନିର୍ଭରଶୀଳ ଭାରତ ପାଇଁ ସମବାୟ ହିଁ ଏକ ମାଧ୍ୟମ ବୋଲି ସାଧାରଣରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି । କାର୍ଯ୍ୟକ୍ରମରେ ଉପସହକାରୀ ନିବନ୍ଧକ କମଳ କୁମାର ଆଚାର୍ଯ୍ୟ, ନୃସିଂହ ପ୍ରସାଦ ପଣ୍ଡା, ସୁଧାଂଶୁ କୁମାର ମହାରଣା, ତାପସ ରାଉତ, ବିଜୟ କୁମାର ବିଶ୍ୱାଳଙ୍କ ସମେତ ସମବାୟ ବିଭାଗୀୟ ନିରୀକ୍ଷକ ସାମିଲ ଥିଲେ ।

## ମହିଳାଙ୍କଠାରୁ ଝାମ୍ପିନେଲେ ଟଙ୍କା

ଗୋପାଳପୁର, ୧୮।୧୧ (ନବୀନ ରାଜ ଆଚାରୀ) ଗୋପାଳପୁର ଥାନା ନାରାୟଣପୁର ଗ୍ରାମର ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତ ୧୦ ହଜାର ଟଙ୍କା ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ଏସ. କାନ୍ତାମ୍ମା ଗତ ୫ ତାରିଖ ସନ୍ଧ୍ୟାରେ ଘରକୁ ଫେରିବା ବେଳେ ତାଙ୍କ ଗ୍ରାମର ଜଣେ ମହିଳା ଆସି ତାଙ୍କଠାରୁ ୧୦ ହଜାର ଟଙ୍କା ଝାମ୍ପି ନେଇଥିଲେ। କାନ୍ତାମ୍ମା ଚିତ୍କାର କରିବାରୁ ତାଙ୍କ ଝିଅ ଘଟଣା ସ୍ଥଳରେ ପହଞ୍ଚିଥିଲେ। ହେଲେ ମହିଳା ଜଣଙ୍କ ଉଭୟଙ୍କୁ ଠେଲାପେଲା କରି ଗାଳିଗୁଲଜ କରିଥିଲେ। କାନ୍ତାମ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୯୬/୨୫ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।


GOVERNMENT OF ODISHA — No. B-700

**OFFICE OF THE SUPERINTENDING ENGINEER BHANJANAGAR (R&B) DIVISION, BHANJANAGAR**

(Phone/Fax: (06821) 241133 / E-mail: eernbbngr@yahoo.in)

Ltr. No. 11123 Dtd.12.11.2025

**INVITATIONS FOR BIDS (IFB)**

E-Procurement Bid Identification No. S.E. - BNJ-R&B-15/2025-26

| | | |
|---|---|---|
| 1. | Name of Work | : Building Works |
| 2. | No. of Works | : 02 Nos. Building Work |
| 3. | No. of Covers | : Double Cover |
| 4. | Estimated Cost | : Rs.63.38 to 67.81 lakhs |
| 5. | Period of Completion | : Six Calendar Months |
| 6. | Date of time of availability of bid document in the portal | : From 12.00 Noon of dated 19.11.2025 to 5.00 P.M. of dated 03.12.2025 |
| 7. | Last date/time for receipt of bids in the portal | : Upto 5.00 P.M. of dated 03.12.2025 |
| 8. | Date of opening of bid documents | : At 11.00 A.M. of dated 04.12.2025 |
| 9. | Class of Contractor | : "B" Class Contractor |
| 10. | Name and address of Officer Inviting Bid | : Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal **www.tendersodisha.gov.in**. The Addendum/Corrigendum if any will be hosted in the website only.

Sd./- Superintending Engineer
Bhanjanagar (R&B) Division

OIPR-



**कार्यपालक अभियंता का कार्यालय, पथ निर्माण विभाग,पथ प्रमंडल, राँची**

निविदा रद्द सूचना

टेन्डर रेफरेंन्स नं0:– प0नि0वि0/राँची–39/2025–26

पथ प्रमंडल, राँची अन्तर्गत **PRNo. 364965** से विभिन्न समाचार पत्रों में प्रकाशित **IRQP Work in Mandar Chowk (on NH-75) to Burmu Road** (कुल लम्बाई–14.80 कि0मी0) कार्य वर्ष 2025–26 कार्य के निविदा सूचना को अपरिहार्य कारणवश तत्काल रद्द किया जाता है।

कार्यपालक अभियंता
पथ निर्माण विभाग,पथ प्रमंडल,राँची

PR 366328 Road Construction Dept Road Division Ranchi(25-26).D



**ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ**

ୱାର୍ଡ ନଂ. ୧୪, ଅଙ୍କୁରା, ପୋ.ଅ.: କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ପିନ୍: ୭୫୭୦୩୭
E-mail: rmckja2@gmail.com

ବିଜ୍ଞାପନ ସଂଖ୍ୟା: ୧୦୮୭ ତା: ୧୫।୧୧।୨୦୨୫ରିଖ

No. H-40: ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ ତଥା ପାଞ୍ଚପିଢ଼ ଉପଖଣ୍ଡର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆର ମାର୍କେଟ କମ୍ପ୍ଲେକ୍ସ (Karanjia Market Complex)ଠାରେ ଖାଲିଥିବା ଦୋକାନ ଗୃହ ଭଡ଼ା ସୂତ୍ରରେ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଣୁ (ସାର, ଲୁଣ, ଶୁଖୁଆ, ମହୁଲ, ସିମେଣ୍ଟ, ଗୋଳାବାରୁଦ, ମାଦକଦ୍ରବ୍ୟ ବ୍ୟତୀତ) ବ୍ୟବସାୟ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, କରଞ୍ଜିଆ ଠିକଣାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ମୁଦ ଲଫାପାରେ ରେଜଷ୍ଟ୍ରି ଡାକ/କ୍ଷିପ୍ରଡାକ ମାଧ୍ୟମରେ ଆବେଦନ କରିପାରିବେ। ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟଠାରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଦରଖାସ୍ତ ଫର୍ମ ବିକ୍ରି ଆରମ୍ଭ ତା୨୦।୧୧।୨୦୨୫ରିଖଠାରୁ ତା୨୬।୧୧।୨୦୨୫ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ଫର୍ମଗୁଡ଼ିକ ତା୨୦।୧୧।୨୦୨୫ରିଖଠାରୁ ୦୨।୧୨।୨୦୨୫ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଡାକ ଯୋଗେ ଗ୍ରହଣ କରାଯିବ। ଧାର୍ଯ୍ୟ ତାରିଖ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଆବେଦନ ଫର୍ମ ଗ୍ରହଣ କରାଯିବ ନାହିଁ। ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବିଜ୍ଞାପନର ବିଷଦ ବିବରଣୀ **www.mayurbhanj.nic.in**ରେ ଉପଲବ୍ଧ। ଏହା ଧାର୍ଯ୍ୟ ତାରିଖ ଏବଂ ସମୟ ସୀମା ମଧ୍ୟରେ ପାଇପାରିବେ।

ସ୍ୱା./– ଉପ–ଜିଲ୍ଲାପାଳ–ତଥା–ଅଧ୍ୟକ୍ଷା
ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ

OIPR-



GOVERNMENT OF ODISHA — No.C-1462

**OFFICE OF THE SUPERINTENDING ENGINEER P.H. DIVISION, BHANJANAGAR AT CHATRAPUR**

E-mail : eephchpr@gmail.com

NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding: From | To | Name & adderss of office inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Supply of ISI marked Centrifugally Cast (Spun) Ductile Iron socket & spigot (DI K-7 & K-9) pipes of 100mm to 350mm dia for water supply to Baliguda and Purusottampur NAC under AAP 2025-26 SUJAL | Bid Identification No. 53/03/ SPH(C)/2025-26 dt.12.11.2025 | 187.66 | 60 (Sixty) days | 11.00 Hrs of 18.11.2025 | 17.30 Hrs of 06.12.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on **dt.08.12.2025 at 01.00 P.M.**
Further details can be seen from the e-procurement portal https://www.tenderorissa.gov.in

Sd./- Additional Chief Engineer (PH)
P.H. Division, Bhanjanagar at Chatrapur

OIPR-



GOVERNMENT OF ODISHA

**OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH**

No. O-1478

E-mail: eerw_ptng@yahoo.in, Phone No. 06658-222121

**e-Procurement Notice**

IFB IDETNFICATION No. EEPTNG-Online-13/2025-26

| | | |
|---|---|---|
| 1. | Name of Work | : Construction of NEW R.I. Office Building Works |
| 2. | Total No. of Work | : 03 (Three) Nos. Works |
| 3. | Time of Completion | : 06 (Six) Calendar Months |
| 4. | Approximate Estimated Cost | : 75.51 lakh to 77.28 lakh |
| 5. | Mode of Submission of Tender | : Tender should be submitted online in **www.tendersorissa.gov.in** |
| 6. | Other details are as follow | : |

| Procurement Officer | Bid Identification No. | Availability of Tender Online for Bidding: From | To | Last date and time of seeking tender clarification | Date & time of opening of tender: Technical Bid | Financial Bid |
|---|---|---|---|---|---|---|
| Executive Engineer, R.W. Divn., Patnagarh | EEPTNG-Online-13/2025-26 | 20.11.2025 at 11.00 A.M. | 02.12.2025 upto 5.00 P.M. | 01.12.2025 upto 5.00 P.M. | 03.12.2025 at 11.00 A.M. | The date will be intimated to the technically qualified bidders later |

- Further details can be seen from the website **www.tendersorissa.gov.in**.
- Any Corrigendum/Addendum will be displayed in the above e-tender website only.

OIPR- Sd./- Executive Engineer, R.W. Division, Patnagarh



**कार्यपालक अभियंता का कार्यालय राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा**

–: अल्पकालीन ई–निविदा आमंत्रण सूचना :–

ई–निविदा सूचना संख्या–EE/NREP/CHAIBASA/10 /2025-26 (DMFT मद)

1. कार्य की विस्तृत विवरणी :–

| क्र० सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | आनन्दपुर | आनन्दपुर प्रखण्ड के हरता पंचायत के ग्राम –रोमा आर0ई0ओ0 पथ से महीपल घर तक पी0सी0सी0 पथ निर्माण। | 17641800.00 | 353000.00 | 10,000.00 | 06 माह |
| 2 | आनन्दपुर | आनन्दपुर प्रखण्ड के झारबेड़ा पंचायत के ग्राम –टेंड्राउली तीन सीमान से आँगनबाड़ी भवन तक पी0सी0सी0 पथ निर्माण। | 28313400.00 | 566500.00 | 10,000.00 | 06 माह |
| 3 | आनन्दपुर | आनन्दपुर प्रखण्ड के बिन्जु पंचायत के चिरूमाठा स्कूल घर से आदिवासी टोला होते हुए टुंगरीटोली सीमान तक पी0सी0सी0 पथ निर्माण। | 34631800.00 | 693000.00 | 10,000.00 | 06 माह |

1. जिला का वेबसाईट में निविदा प्रकाशन की तिथि– **26.11.2025 से 06.12.2025**
2. ई–निविदा प्राप्ति की अंतिम तिथि एवं समय–दिनांक **06.12.2025** तक समय अपराह्न 2:00 बजे तक
3. ई–निविदा खोलने का स्थान–कार्यपालक अभियंता का कार्यालय, राष्ट्रीय ग्रामीण नियोजन कार्यक्रम,पश्चिमी सिंहभूम, चाईबासा।
4. ई–निविदा खोलने की तिथि एवं समय – **07.12.2025** अपराह्न **05** बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा।
6. ई–निविदा प्रकोष्ठ का दूरभाष सं०– **8210206585** (संबंधित कार्यपालक अभियंता का दूरभाष नम्बर)
7. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
8. सरकार के संयुक्त सचिव ग्रामीण कार्य विभाग झारखण्ड सरकार राँची के पत्रांक 02(नि०नि०–17)–251/23 ग्रामीण कार्य विभाग 3130(अनु०), राँची, दिनांक 09.10.2023 द्वारा दिये गये निदेश के अनुपालन में **सभी कागजात के साथ, निविदा शुल्क एवं अग्रधन की राशि Online Mode द्वारा स्वीकार्य होगी।**
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।अगर खाता को बंद कर दिया जाता है तो उसकी सारी जवाब देही आपकी होगी।
10. ग्रामीण विकास विभाग (ग्रामीण कार्य मामले) झारखण्ड, पथ निर्माण विभाग एवं भवन निर्माण विभाग झारखण्ड के अन्तर्गत पंजीकृत समुचित श्रेणी के संवेदक भाग ले सकेंगें
11. जिला दण्डाधिकारी–सह–उपायुक्त, प चमी सिंहभूम, चाईबासा के पत्रांक 1679 दिनाँक 23.12.2022 के अलोक निविदा डालने के समय चाईबासा जिला अन्तर्गत किसी भी **प्रमण्डल/विभाग** द्वारा आवंटित कार्य एकरारित अवधि बीत के बाद लंबित नहीं होने संबंधित भापथ पत्र देना होगा। कार्य लंबित पाये जाने पर उनका निविदा स्वतः रद्ध माना जाएगा ।
12. निविदा खोलने की तिथि से 05(पाँच) दिनों के अंदर निविदाता द्वारा अपनी आपत्ति/दावा दर्ज करायें अन्यथा अवधि बीतने के पश्चात कोई भी आपत्ति/दावा मान्य नहीं होगा।
13. बिना कारण बताये किसी भी समय निविदा को रद्द करने का अधिकार अद्योहस्ताक्षरी को सुरक्षित रहेगा।
14. जिस संवेदक का कार्य लंबित है, उनका कार्य आवंटन नहीं किया जायेगा।

विस्तृत जानकारी के लिये वेबसाईट **www.jharkhandtenders.gov.in** एवं कार्यालय की सूचनापट्ट पर देखा जा सकता है

कार्यपालक अभियंता
राष्ट्रीय ग्रामीण नियोजन कार्यक्रम
पश्चिमी सिंहभूम, चाईबासा।

PR.NO.366394 West Singhbhum(25-26):D



**JHARKHAND URJA SANCHARAN NIGAM LIMITED**

(CIN No.:U40108JH2013SGC001704)

Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002 (E-mail:cetjusnl@gmail.com)

**e-TENDER NOTICE NIT No. –508/PR/ JUSNL/ 2025-26**

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works: -

| | |
|---|---|
| Name of work | survey and assessment of feasibility for modification of existing 2 ph. double circuit towers to 3-ph double circuit towers by erecting two extra cross arms as proposed by Railway for construction of 132 kV 3-ph D/C Transmission line from GSS, Kendposi to New TSS at Kendposi |
| Estimated cost (Rs.) | Rs. 7,72,816.00 (including GST) |
| Earnest Money Deposit | Rs. 15,500.00 On line mode |
| Completion Period | 45 Days |
| e-Tender fee | Rs. 5,000.00 + 18% GST On line mode. |
| Start Date & Time of Download the Tender Documents | 19.11.2025 at 11:00 AM |
| Start Date and time of upload of BID | 19.11.2025 at 11:00 AM |
| End date and time of upload of BID | 09.12.2025 upto 04:00 PM |
| BID Opening date for technical part | 10.12.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager, C&M (NWBP)

PR 366333 (Jharkhand Urja Sancharan Nigam Ltd)25-26*D



**OFFICE OF THE EXECUTIVE ENGINEER. MINOR IRRIGATION DIVISION, DUMKA**

e-Procurement Tender Notice
Two Envelope System

Tender Reference No:- WRD/MID/DUMKA/B.D./S.L.I.-01/2025-26

Letter No:-760/M.I.D.Dumka Date:-17/11/2025/

| | | |
|---|---|---|
| 1 | Name of Work: | Construction of Chief Minister Solar Based Lift Irrigation Scheme at Banskuli under Block - Raneshwar, District- Dumka |
| 2 | Estimated Cost (in Rs.) | Rs. 1,03,82,800.00 |
| 3 | Cost of tender document (in Rs) | Rs. 10,000.00 only (non-refundable). |
| 4 | Earnest Money Deposit (in Rs.) | Rs. 1,04,000.00 |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 26.11.2025 Time: 11:00 AM |
| 8 | Last Date/Time for downloading of bidding documents and Submission of Tender on Website | Date: 10.12.2025 Time: 05:00 PM |
| 9 | Submission of Tender Fee and EMD | Start Date:- 26.11.2025 Time: 11:00 AM Last Date:- 10.12.2025 Time: 05:00 PM |
| 10 | Technical Bid Opening Date | Date: 11.12.2025 Time: 05:00 PM |
| 11 | Officer Inviting Bids | Executive Engineer, Minor Irrigation Division, Dumka |
| 12 | Contact No. of Procurement Officer email of Procurement Officer | Mob- 7765955362 Email Id- middumka@gmail.com |
| 13 | Help line No. of Procurement Cell | Mob - 8789032339 |

➢ Note:- Estimated cost may increase or decrease.
➢ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/A registered manufacturers/Company/Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢ **Only e-Tender will be accepted.**
➢ Further details can be seen on website http://jharkhandtenders. gov .in

Sd/-
Executive Engineer,
Minor Irrigation Division, Dumka

PR.NO.366293 Minor Irrigation(25-26):D

## ସଂକ୍ଷେପରେ

### ଓଡିଶା କ୍ରିକେଟ ଦଳରେ ସାମିଲ ଶିବୁନ୍

ବ୍ରହ୍ମପୁର, ୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

୧୯ ବର୍ଷରୁ କମ ଓ କ୍ରିକେଟ ଦଳରେ ସାମିଲ ହୋଇଛନ୍ତି ବ୍ରହ୍ମପୁରର ଯୁବ କ୍ରିକେଟର ଶିବୁନ ନନ୍ଦ। ଆଗାମୀ କୁଚବିହାର ଟ୍ରଫି ସକାଶେ ୧୮ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ନିକଟରେ ସେ ଅନ୍ତର୍ଜାତୀୟ ଭାରତୀୟ ମୁକବଧିର କ୍ରିକେଟ ମ୍ୟାଚରେ ଆଶାନୁରୂପ ପ୍ରଦର୍ଶନ କରିଥିଲେ। ବିସିସିଆଇ ପକ୍ଷରୁ ଆୟୋଜିତ କୁଚ ବିହାର ଟ୍ରଫିରେ ଓ ୧୮ଜଣିଆ ଦଳରେ ତାଙ୍କୁ ସ୍ଥାନ ମିଳିଛି। ଗତବର୍ଷ ମଧ ଏହି ପ୍ରତିଯୋଗିତାରେ ସ୍ଥାନ ପାଇଥିଲେ। ଜଣେ ସଫଳ ଅଲରାଉଣ୍ଡର ରୂପରେ ନିଜକୁ ପ୍ରତିଷ୍ଠିତ କରିଥିବା ଶିବୁନ ନନ୍ଦ ସ୍ଥାନୀୟ ରାଧାକୃଷ୍ଣ ବିଲ ସାହିର ପିତା ସୁକାନ୍ତ କୁମାର ନନ୍ଦ ଓ ମାତା ଅନୁରାଧା ନନ୍ଦଙ୍କ ପୁତ୍ର। କ୍ଲବର ସମ୍ପାଦକ ସଂଜୟ ବିଷୋୟୀ, ସଭାପତି ବିରଲା ମାଝି, ଭାଗିରଥି ରାଓ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ମାସିକ ତ୍ରିଧାରା ଗଳ୍ପ ଖସଡ଼ା

ବ୍ରହ୍ମପୁର,୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

କ୍ଷୁଦ୍ରଗଳ୍ପରୁ ଏବେ ଆଭାସ, ଅଣୁ, ମିନି ଓ ପାପୁଲି ଗଳ୍ପ ଲେଖାଯାଉଛି। ଘଟଣା ଓ ଚରିତ୍ର ହିଁ ଆଭାସ ଗଳ୍ପକୁ ଜୀବନ୍ତ କରିଥାଏ। ଗୁଗୁଲ ମିଟ ମାଧମରେ ତ୍ରିଧାରା ସାହିତ୍ୟ ସଂସଦ ବ୍ରହ୍ମପୁର ଗଞ୍ଜାମ ପକ୍ଷରୁ ଆୟୋଜିତ ମାସିକ ତ୍ରିଧାରା ଗଳ୍ପ ଖସଡ଼ା କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷାବିତ ଓ ସମାଲୋଚନାମୂଳକ ଡକ୍ଟର କୈଳାସ ବାଣ୍ଡ ମୁଖ୍ୟ ଅତିଥି ଥିଲେ। ସଭାପତି ଭାବେ ଶିକ୍ଷାବିତ ଓ ସମାଲୋଚକ ଡକ୍ଟର ଅଶୋକ କୁମାର ପଣ୍ଡା, ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ, ମଞ୍ଚ ସଞ୍ଚାଳକ ଭାବେ ରହି ସଂସଦର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ୫୮ କଥାକାର ଉପସ୍ଥିତ ଥିଲେ। ସହ ସମ୍ପାଦିକା କଥାକାର ଗାୟତ୍ରୀ ପାଣିଗ୍ରାହୀ ଏହାର ସମୀକ୍ଷା କରିଥିଲେ। ଏହି ଆସରେ ୫୦ ରୁ ଉର୍ଦ୍ଧ୍ୱ ସାହିତ୍ୟ ପ୍ରେମୀ ଯୋଗଦେଇଥିଲେ। ସାହିତ୍ୟିକ ବନ୍ଦନା ପଣ୍ଡା ଧନ୍ୟବାଦ ଦେଇଥିଲେ। ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ସଂସଦର ସମ୍ପାଦକ ଲକ୍ଷ୍ମୀ ନାରାୟଣ ଦାସ ଉପସ୍ଥିତ ଥିଲେ।

### ତାଲାବନ୍ଦ ଘରୁ ଚୋରି

ବ୍ରହ୍ମପୁର, ୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ନିଳାଞ୍ଚଳ ନଗରରେ ଏକ ତାଲାବନ୍ଦ ଘରୁ ୩ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏସଂକ୍ରାନ୍ତରେ ନଂ୩୫୭/୨୫ରେ ଏକ ମାମଲା ରୁଜୁ କରିଛି। ଉପରୋକ୍ତ ଅଞ୍ଚଳରେ ସୁନୀଲ କୁମାର ତ୍ରିପାଠୀ ରହୁଛନ୍ତି। ଗତ ୧୦ ତାରିଖରେ ଘରେ ତାଲା ପକାଇ ସେ ତାଙ୍କ ମା'ଙ୍କ ନେଇ ଚିକିତ୍ସା ପାଇଁ ଭୁବନେଶ୍ୱର ଯାଇଥିଲେ। ଚିକିତ୍ସା ପରେ ସେ ଗତ ୧୬ ତାରିଖରେ ନିଜ ଘରକୁ ଫେରିଥିଲେ। ତାଙ୍କ ଘର ତାଲା ଭଙ୍ଗା ଯାଇଥିଲା ସେ ଘର ଭିତରକୁ ଯାଇ ଦେଖିବା ବେଳେ ଆଲମୀରା ଭଙ୍ଗା ଯାଇଥିଲା। ସେଥିରେ ଥିବା ୨୦ଗ୍ରାମ ଓଜନର ସୁନାର ଦୁଇଟି ମଙ୍ଗଳସୂତ୍ର , ୧୦ ଗ୍ରାମ ଓଜନର ୫ହଳ ସୁନା କାନଫୁଲ, ୪ହଳ ରୂପାର ପାଉଞ୍ଜି ଓ ନଗଦ ୭ହଜାର ଗାୟବ ଥିଲା। ସେ ଏନେଇ ଅଭିଯୋଗ କରିବା ପରେ ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି।

# ଦାରିଦ୍ର୍ୟରୁ ଏମ୍‌ବିବିଏସ୍ ପାଇଁ ସଂଘର୍ଷ

**ଦାରିଦ୍ର୍ୟରୁ ମୁକ୍ତି ପାଇଁ ସମାଜ ବହୁ ସଂଘର୍ଷ ଦେଖିଛି, ଦେଖୁଛି, ଦେଖୁଥିବ ବି। ପେଟକୁ ମାରିବାର ଶକ୍ତି ଥିଲେ ବି ଇଚ୍ଛା ଶକ୍ତିକୁ ମାରିବାର ତାହାର ସାହସ ନାହିଁ। କନ୍ଧମାଳ ଜିଲା ଦାରିଙ୍ଗିବାଡି ଭଳି ଆଦିବସୀ ଅଞ୍ଚଳର ଏକ ଭଉଣୀଭାଇ ଦରିଦ୍ରତା ଭିତରେ ପେଶି ହୋଇ ଏମ୍‌ବିବିଏସ୍‌ର ସ୍ୱପ୍ନ ଦେଖିବା ଓ ଏଥି ପାଇଁ ସଂଘର୍ଷ କରି ସଫଳତା ପାଇବା କମ୍ କଥା ନୁହେଁ। ଏହା ନିଶ୍ଚିତ ଭାବେ ସମାଜ ପାଇଁ ଏକ ପ୍ରେରଣା ଏଥିରେ ସନ୍ଦେହ ନାହିଁ।**

ବ୍ରହ୍ମପୁର, ୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

କନ୍ଧମାଳ ଜିଲାର ଦାରିଙ୍ଗବାଡି ବ୍ଲକର ଶିକାବାଡି ଗାଁ। ଏହି ଗାଁରେ ରୁହନ୍ତି ବୁର୍ଷି ପ୍ରଧାନ। ପରିବାର କହିଲେ ସ୍ତ୍ରୀ ଅନସୂୟା ପ୍ରଧାନଙ୍କ ସହିତ ୭ ଭଉଣୀ ଭାଇ । ନିଜର କିଛି ଜମିରୁ ଯାହା ଆୟ। ସେତିକିରେ ୯ ପ୍ରାଣୀ କୁଟୁମ୍ବ ଚଳାଇବା କଷ୍ଟକର ହେବାରୁ ବୁର୍ଷି ସୁଦୂର କେରଳକୁ ଯାଇ ପରିବାର ପାଇଁ ଯାହା ପଠାଉଥିଲେ। ତାହା ଶିକ୍ଷା ଓ ପଢ଼ିବା ପାଇଁ ପର୍ଯ୍ୟାପ୍ତ ନଥିଲା। କିନ୍ତୁ ବୁର୍ଷି ସବୁବେଳେ ପିଲାଙ୍କୁ ନିଜ କଷ୍ଟ ବିଷୟରେ କହି ପାଠ ପଢ଼ି ମଣିଷ ହେବାର ପ୍ରେରଣା ଯୋଗାଉଥିଲେ। କିଛି ଦିନ ପରେ ସେ ଅସୁସ୍ଥ ହେବାରୁ ଗାଁକୁ

**କନ୍ଧମାଳର ଗରିବ ଭାଇଭଉଣୀଙ୍କ ଦୁଃଖଦ ଶିକ୍ଷା ଡାକ୍ତରୀ ପଢ଼ାଇବା ପାଇଁ ଡାକ୍ତରଙ୍କ ବଦାନ୍ୟତା**

ଚାଲି ଆସିଥିଲେ। ଫିଲାମାନେ କଷ୍ଟେମଷ୍ଟେ ସେହି ଅଞ୍ଚଳର ସ୍କୁଲରେ ପାଠ ପଢ଼ିଥିଲେ। ହେଲେ ବଡ ଭାଇ ବିଭୀଷଣ ପ୍ରଧାନ ମାଟ୍ରିକ ପାଶ କରିବା ପରେ ଗରିବ ପିଲାଙ୍କୁ ଶିକ୍ଷାଦାନ ଦିଆଯାଉଥିବା ଗୋଳନ୍ଥରା ଅଞ୍ଚଳର ଏକ ଘରୋଇ କଲେଜରେ ପଢ଼ିଥିଲେ। ସେଠାକାର ନିର୍ଦ୍ଦେଶକଙ୍କ ସହାୟତା ବଳରେ ସେଠାରୁ ଆଇଏସସି ପାସ୍ କଲେ। ପରେ ୟୁଜିସି ନିଟ୍ ପାଇଁ ନିଜକୁ ପ୍ରସ୍ତୁତ କଲେ। ସେଥିରେ ସଫଳ ହେଲେ। ସେ ଏବେ କୋରାପୁଟ ଏସଏଲଏନ କଲେଜରେ ପଢୁଛନ୍ତି। ଶିକ୍ଷା ଋଣ ହିଁ ତାଙ୍କୁ ବାଟ ଦେଖାଇଛି। କିନ୍ତୁ ଆର୍ଥିକ ଦୁସ୍ଥିତି ଥିଲେ ବି ତାଙ୍କ ତଳଭଉଣୀ ମୋନାଲିସା ପ୍ରଧାନ ମାଟ୍ରିକ ପାସ ପରେ ବ୍ରହ୍ମପୁର ଆସି ଶଶୀଭୂଷଣ ମହିଳା କଲେଜରେ


ବିଭୀଷଣ ଓ ମୋନାଲିସାଙ୍କ ସହ ଡ.ଜଗଦୀପ

ଆଇଏସସି ପଢ଼ିଲେ। ଚଳିବା ପାଇଁ ବ୍ରହ୍ମପୁରର ଏକ ଗାର୍ମେଣ୍ଟସ ଦୋକାନରେ କାମ କଲେ। ଭାଇଙ୍କ ମୋବାଇଲ ସହାୟତାରେ ୟୁଜିସି ନିଟ ପାଇଁ ନିଜକୁ ପ୍ରସ୍ତୁତ କରିବା ସହିତ ଭାଇଙ୍କୁ ବି ନିଜ ରୋଜଗାରର କିଛି ପଠାଉଥିଲେ। ସେଥିରେ ସଫଳ ହୋଇଥିଲେ। କୋରାପୁଟ ଏସଏଲଏନ କଲେଜରେ ତାଙ୍କୁ ପଢ଼ିବାର ସୁଯୋଗ ମିଳିଥିଲେ ବି ଦରିଦ୍ରତା ବାଟ ଓଗାଳିଥିଲା। ଏକ ସୋସିଆଲ ମିଡିଆରୁ ଜାଣିବା ପରେ ଏମକେସିଜିର ଆନାସ୍ଥେସିଆ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡ଼ା. ଜଗଦୀପ ନାୟକଙ୍କୁ ଭେଟିଥିଲେ। ଡା. ନାୟକ ମୋନାଲିସାଙ୍କୁ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରବେଶ ପାଇଁ ଫି' ବାବଦ ୬୨,୯୫୦ ଟଙ୍କା ଦେଇଥିଲେ ବୋଲି କହିଛନ୍ତି ଭାଇ ବିଭୀଷଣ ପ୍ରଧାନ ଓ ଭଉଣୀ ମୋନାଲିସା ପ୍ରଧାନ। ଡାକ୍ତରୀ ପଢ଼ାଇବା ପାଇଁ ଡ. ନାୟକଙ୍କ ବଦାନ୍ୟତାକୁ ଉଭୟେ କୃତଜ୍ଞତା ଜାଣାଇଛନ୍ତି। ସେହିପରି ଡ଼. ନାୟକ କହିଛନ୍ତି, ତାଙ୍କ ସଂଘର୍ଷ ଓ ଡାକ୍ତରୀ ହେବାର ଦୃଢ଼ ସଂକଳ୍ପ ଜାଣିବା ପରେ ସେ ଏଭଳି ପଦକ୍ଷେପ ନେଇଥିଲେ। ସେ ନିଜର ସେବାନିବୃତ୍ତ ପିତା ନିରଞ୍ଜନ ନାୟକଙ୍କ (ପୂର୍ବତନ ପୋଲିସ ଅଧିକାରୀ) ନାମରେ ତଣ୍ଡିପୁର ପଞ୍ଚାୟତ ଓ ପାତ୍ରପୁର ବ୍ଲକରେ ମାଟ୍ରିକରେ ସର୍ବୋଚ୍ଚ ନମ୍ବର ଆଣିଥିବା ଛାତ୍ରୀଛାତ୍ରଙ୍କୁ ପଞ୍ଚାୟତ ସ୍ତରରେ ୧୦,୦୦୦ ଟଙ୍କା ଓ ବ୍ଲକ ସ୍ତରରେ ୧୫,୦୦୦ ଟଙ୍କାର ସ୍କଲାରସିପ ଦେଉଛନ୍ତି। ଦରିଦ୍ରତା ମଣିଷକୁ ନିଜ ଗୋଡରେ ଠିଆ ହେବାର ସଂଘର୍ଷ ଯୋଗାଏ। ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା। ଏନେଇ ବିଭୀଷଣ ଓ ମୋନାଲିସା କହିଛନ୍ତି ଯେ, ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ। ଆମେ ଯଦି ଦରିଦ୍ରତାକୁ ଦେଖି ଭାଙ୍ଗି ପଡିଥାନ୍ତୁ ତେବେ ଏତେ ବାଟ ଆସିପାରିନଥାନ୍ତୁ। ତେଣୁ ସମାଜର ସମସ୍ତ ଆର୍ଥିକ ଅନଗ୍ରସର ତଥା ଅବହେଳିତ ଲୋକମାନେ ମଣିଷ ହେବାର ସଂଘର୍ଷ ଜାରି ରଖନ୍ତୁ। ନିଶ୍ଚିତ ସଫଳତା ପାଇବେ ବୋଲି କହିଛନ୍ତି।

## ଖଟୁଆକୁଦାରେ ଅଭିନେତା ସବ୍ୟସାଚୀ

ଗଞ୍ଜାମ,୧୮।୧୧(ବିଦ୍ୟାଧର ସାହୁ )



ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଟୁଆକୁଦା ଗ୍ରାମରେ ମଙ୍ଗଳବାର ଓଡ଼ିଆ ଚଳଚିତ୍ର ଜଗତର ଲୋକପ୍ରିୟ ଅଭିନେତା ସବ୍ୟସାଚି ମିଶ୍ର ଏବଂ ତାଙ୍କ ଟିମ ପହଞ୍ଚିଛନ୍ତି। ଏହି ଟିମ୍ ଚଳଚ୍ଚିତ୍ର 'ଲ୍ୟାଣ୍ଡଫଲ'ର ସୁଟିଂ ପାଇଁ ଗଞ୍ଜାମ ଆସିଥିବା ଜଣାପଡ଼ିଛି । ସବ୍ୟସାଚୀଙ୍କୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଖଟୁଆକୁଦା ଗ୍ରାମରେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ପ୍ରଥମେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସବ୍ୟସାଚୀ ଓ ଅନ୍ୟମାନେ ରାଜଗୋପାଳ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ପରେ ଗାଁରେ ଥିବା ମା' କନକ ଦୁର୍ଗାଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ସେଠାରୁ ସୁଟିଂ ଆରମ୍ଭ କରିଥିଲେ।

## ପାହାଡ଼ ଚଢ଼ି ପିଲାଙ୍କ ନାମ ଲେଖାଇଲେ ଗୋଷ୍ଠୀ ଶିକ୍ଷାଧିକାରୀ

ପାତ୍ରପୁର,୧୮।୧୧
(ଉମା ଚରଣ ନେପାକ)

ଅଧାରୁ ପାଠ ବନ୍ଦ କରିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନ ଥିବା ଓ ୧୮ରୁ କମ୍ ବୟସର ପିଲାଙ୍କୁ ଶିକ୍ଷାସ୍ରୋତରେ ସାମିଲ କରାଇବା ପାଇଁ ଆରମ୍ଭ ହୋଇଛି 'ଚାଇଲ୍ଡ ଟ୍ରାକିଙ୍ଗ ଲାଇନ' । ଏହି କ୍ରମରେ ପାତ୍ରପୁର ବ୍ଲକରେ ମଧ ଶିକ୍ଷାରୁ ବଞ୍ଚିତ ଥିବା ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଯାଇଛି । ସୋମବାର ଗୋଷ୍ଠୀ ଶିକ୍ଷାଧିକାରୀ ମଧୁସ୍ମିତା ପୃଷ୍ଟି, ପାତ୍ରପୁର ସିଆର୍‌ସିସି ଗିରିଜା ଶଙ୍କର ନାୟକ, ପ୍ରଶାନ୍ତ କୁମାର ଦାସ, ବିଜୟ ବେହେରା, ଦୟାନିଧି ବେହେରା ପ୍ରମୁଖ ମାଦୁକାବା ମାଣ୍ଡିଆଗୁଣ୍ଡୁ, ଜାଡ଼ିମହୁଲ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରାୟ ୫ କିମି ପାହାଡ଼ ରାସ୍ତା ଅତିକ୍ରମ କରି ଉପରେ ଥିବା ଅଭିଭାବକଙ୍କ ସହ ମିଶି ବିଦ୍ୟାଳୟରେ ପିଲାଙ୍କ ନାମ ଲେଖାଇଛନ୍ତି। ପୂର୍ବରୁ ଡୁମ୍ବା ପଞ୍ଚାୟତର ବିଭିନ୍ନ ଗ୍ରାମର ୨୬୨ ପିଲାଙ୍କୁ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଯାଇଛି। ସୋମବାର ସର୍ଭେ କରି ୬୦ରୁ ଉର୍ଦ୍ଧ୍ୱ ପିଲାଙ୍କ ନାମ ଲେଖାଯାଇଥିବା ସୂଚନା ମିଳିଛି । ବିଆରସିସି ସିମାଞ୍ଚଳ ପାଇକ, ଏବିଓ ଜି. ଭୀମାରାଓ, ଆର. ଚେନ୍ନେୟା ସେଠୀ, ସମସ୍ତ ସିଆରସିସି, ପ୍ରାଧନ ଶିକ୍ଷକ ପ୍ରମୁଖ ଏକାଧିକ ଟିମ ହୋଇ ବିଭିନ୍ନ ଅଂଚଳ ଯାଇଛନ୍ତି।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର


ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର।

ବ୍ରହ୍ମପୁର,୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପୌରହିତ୍ୟରେ ପାତ୍ରପୁର ବ୍ଲକ ଅଧୀନ 'ଓଡିଶା ଆଦର୍ଶ ବିଦ୍ୟାଳୟ,ବାଦପୁର', ପରିସରରେ ମଙ୍ଗଳବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବାଧ୍ୟତା ମୂଳକ ଶିକ୍ଷା, ମୌଳିକ ଅଧିକାର, ପୋକସୋ ଆକ୍ଟ, ପୋସ ଆକ୍ଟ, ଜେଜେ ( ସିପିସି )ଆକ୍ଟ ଉପରେ ଆଲୋଚନା ହୋଇଥିଲା । ବାଦପୁର ଓଡିଶା ଆଦର୍ଶ ବିଦ୍ୟାଳୟର ଉପାଧ୍ୟକ୍ଷ ସଞ୍ଜୁବାଳା ନାୟକ ସହଯୋଗ କରିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କୁମାର ମଲ୍ଲିକ ଏବଂ ଧନ୍ୟବାଦ ଦେଇଥିଲେ ସହକାରୀ ଶିକ୍ଷକ ରାଜୀବ ଦଳାଇ। କାର୍ଯ୍ୟକ୍ରମରେ ବାଦପୁର ଓଡିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ,ପାତ୍ରପୁର କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଦ୍ୱାରା ସଫଳ ରୂପେ ପରିଚାଳିତ ହୋଇଥିଲା।

## ଆଇନ ଛାତ୍ରଙ୍କୁ ନୂତନ ଜ୍ଞାନର ଆଲୋକ ଦେଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର, ୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଆଧୁନିକ ଗବେଷଣା ଓ ଆଇନ ଅଧ୍ୟୟନରେ ଡିଜିଟାଲ ସରଞ୍ଜାମର ପ୍ରସାର ବୃଦ୍ଧି ପରିପ୍ରେକ୍ଷୀରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରଘୁନାଥ ପ୍ରସାଦ ପାଢ଼ି ଗ୍ରନ୍ଥାଗାର ମଙ୍ଗଳବାର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ କରିଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଆଇନ ବିଭାଗର ଛାତ୍ରୀଛାତ୍ର, ଗବେଷିକା,ଗବେଷକ ଓ ଅଧ୍ୟାପିକାଅଧ୍ୟାପକଙ୍କ ପାଇଁ 'ମନୁପତ୍ର ଡାଟାବେସ' ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଏହା ମାଧ୍ୟମରେ ଆଇନ କ୍ଷେତ୍ରରେ ଡିଜିଟାଲ ସରଞ୍ଜାମର ବ୍ୟବହାରିକ ଦିଗକୁ ବୁଝିବା ପାଇଁ ଏକ ନୂତନ ପଥ ଖୋଲିଯାଇଛି। ମନୁପତ୍ର ଡାଟାବେସ, ଯାହା ଭାରତୀୟ ଆଇନ ନିର୍ଣ୍ଣୟ, କାର୍ଯ୍ୟପରିଚାଳନା ଓ ଗବେଷଣା ପାଇଁ ଏକ ପ୍ରମୁଖ ଅନଲାଇନ ସମ୍ପଦ। କେବଳ ଥିଓରୀ ନୁହେଁ, ବ୍ୟବହାରିକ ଓ ଅଭ୍ୟାସମୂଳକ ଶିକ୍ଷା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



ମନୁପତ୍ରର ଟ୍ରେନିଙ୍ଗ ମ୍ୟାନେଜର ବିକ୍ରମ ପ୍ରଧାନ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ଡାଟାବେସର ମନୁପତ୍ରର ବିଭିନ୍ନ ବ୍ୟବହାରିକ କାର୍ଯ୍ୟକାରୀ ଦିଗ ଉପରେ ଆଲୋକପାତ କରିଥିଲେ। ସେହିପରି ଅଭ୍ୟାସମୂଳକ ପ୍ରଶିକ୍ଷଣ ଦେଇଥିଲେ। ଆଇନ ନିର୍ଣ୍ଣୟ ଖୋଜିବା, କେସ ଆନାଲିସିସ, ସଂଶୋଧନ ଓ ରିପୋର୍ଟ ପ୍ରସ୍ତୁତି ଆଦି ବିଷୟରେ ସମସ୍ତେ ଥିଓରିଟିକାଲ ଓ ପ୍ରାକ୍ଟିକାଲ ସ୍କିଲ ବି ହାସଲ କରିପାରିବେ ବୋଲି ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମରେ ବହୁ ଆଇନ ବିଭାଗ ଛାତ୍ରୀଛାତ୍ର, ଗବେଷିକାଗବେଷକ ଓ ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଗ୍ରନ୍ଥାଗାରର ସମସ୍ତ କର୍ମଚାରୀମାନଙ୍କ ଦ୍ୱାରା ସୂଚାରୁ ଓ ନିର୍ବାଧ ଭାବେ ପରିଚାଳିତ କରାଯାଇଥିଲା। ଏହା ଦ୍ୱାରା ବିଶ୍ୱବିଦ୍ୟାଳୟ ଆଇନ ବିଭାଗରେ ଡିଜିଟାଲ ସାଧନର ବ୍ୟବହାର ଆହୁରି ବୃଦ୍ଧି ପାଇବା ଆଶା ଜନ୍ମାଇଛି। କୁଳପତି ପ୍ରଫେସର ଦାସ ଏହି ପ୍ରକଳ୍ପକୁ ସ୍ୱୟଂ ପ୍ରେରଣା ଦେଇଥିବାରୁ ଏହା ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଆରମ୍ଭ ବୋଲି କୁହାଯାଉଛି। ଭବିଷ୍ୟତରେ ଅନ୍ୟାନ୍ୟ ବିଭାଗରେ ମଧ ଏଭଳି କାର୍ଯ୍ୟକ୍ରମର ଆୟୋଜନ ହେବା ଯୋଜନା ରହିଛି। ଏହା ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତାମୂଳକ କରିବାକୁ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଉନ୍ନତିରେ ଏକ ମାଇଲଷ୍ଟନ ଭାବେ ସେ ଦର୍ଶାଇଛନ୍ତି।

## ଚୋରି ସୁନା, ରୁପା ଅଳଙ୍କାର ଜବତ, ୪ ଗିରଫ

ପାରଳାଖେମୁଣ୍ଡି,୧୮।୧୧(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଚୋରି ହୋଇଥିବା ୫ ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ମଙ୍ଗଳବାର ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାଣୀପେଣ୍ଠ ଗ୍ରାମର ଜି. ଲକ୍ଷ୍ମୀ ନାରାୟଣା ରାଓ ଓରଫ ଜି.ନବୀନ (୨୨), ଦାନାନା ଗଣେଶ (୨୫), ମିଶାଲା ବିବେକ (୨୭) ଏବଂ ପାରଳାଖେମୁଣ୍ଡି ସହର କଣ୍ଡରା ସାହିର କିରଣ ଧବାଲ (୨୦)। ଗତ ୧୦ ତାରିଖ ଦିନ ଦ୍ୱିପହରରେ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠ ଗ୍ରାମର ପି. ଚିନ୍ନପାଡୁ ନାମକ ଜଣେ ବ୍ୟକ୍ତିଙ୍କ ଘରେ କେତେ ଜଣ ଦୁର୍ବୃତ୍ତ ପଶି ଆଲମିରା ତାଲା ଭାଙ୍ଗି ୨ ତୋଳା ସୁନାର ଗହଣା, ୫୦ ତୋଳାରୁ ଅଧିକ ରୁପା ଅଳଙ୍କାର ସହ ନଗଦ ୨୫ ହଜାର ଟଙ୍କା ଚୋରାଇ ନେଇଥିଲେ। ଏ ନେଇ ୧୨ ତାରିଖରେ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ନଂ. ୩୬୧/ ୨୫ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଆଖପାଖ ଅଞ୍ଚଳର ସିସିଟିଭି ଯାଞ୍ଚ କରି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଧରି ଆଣି ଅଟକ ରଖି ପଚରାଉଚରା କରିଥିଲା। ସମ୍ପୃକ୍ତ ବ୍ୟକ୍ତି ଚୋରି ଘଟଣାକୁ ସ୍ୱୀକାର କରିବା ସହ ଅନ୍ୟ ୩ଜଣଙ୍କ ନାମ କହିଥିଲେ। ପୋଲିସ ସମ୍ପୃକ୍ତ ବ୍ୟକ୍ତି ଓ ସେ କହିଥିବା ୩ଜଣ ମୋଟ ୪ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଚୋରି ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଛି।

## ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଜବତ, ହତ୍ୟା ସନ୍ଦେହ

ବ୍ରହ୍ମପୁର,୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଅଙ୍କୁଶପୁର ସ୍ଥିତ ଲକ୍ଷ୍ମୀ ବିହାରର ଏକ ପରିତ୍ୟକ୍ତ ସ୍ଥାନରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ତାଙ୍କର ବୟସ ଆନୁମାନିକ ୪୫ ବର୍ଷ ହୋଇଥିବା ବେଳେ ତାଙ୍କର ପରିଚୟ ମିଳିପାରିନାହିଁ। ଯାହାଫଳରେ ସେ ସ୍ଥାନୀୟ ଅଞ୍ଚଳର ନା ଅନ୍ୟ କେଉଁଠିର ତାହା ଜାଣିବା ପାଇଁ ପୋଲିସ ପ୍ରୟାସ କରୁଛି। ଅନ୍ୟପଟେ ଯୁବକଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକ ସନ୍ଦେହ କରୁଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ପୋଲିସ ଏନେଇ ନଂ. ୩୩/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲ ପଠାଇଛି। ପରିଚୟ ସ୍ପଷ୍ଟ କରିବା ପାଇଁ ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ହତ୍ୟା ନା ନାହିଁ ତାହା ଜଣାପଡିବ ବୋଲି ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ମୃତଦେହଟି ୪/୫ ଦିନର ହୋଇଥିବା ସନ୍ଦେହ କରାଯାଉଛି। ଉକ୍ତ ଅଞ୍ଚଳରେ ଦୁର୍ଗନ୍ଧ ହେଉଥିବା ବେଳେ କିଛିଲୋକ ସେଠାରେ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସଦର ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ ସହାୟତା ରେ ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ ନିକଟ ରୁ ଏକ ଗାମୁଛା, ପ୍ୟାଣ୍ଟ, ସିମ କାର୍ଡ ନିମନ୍ତେ ବାହାର କରାଯାଉଥିବା ଏକ ପିନ ସହିତ ଏକ କାଗଜ ଜବତ କରିଛନ୍ତି।ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ନିର୍ଝରିଣୀ ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ



ସାହିତ୍ୟ ଆଲୋଚନା ଓ ପାଠୋତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର,୧୭।୧୧(ସ୍ମୃତି ରଞ୍ଜନ ମହାଲିକ)

ସେଣ୍ଟ ଷ୍ଟିଫେନ ସନ ଚର୍ଚ୍ଚ ପଡ଼ିଆରେ ଅନୁଷ୍ଠିତ ବାଣିଜ୍ୟ ମେଳାରେ ନିର୍ଝରିଣୀ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂସଦର ସଭାପତି ଇଂ ଯାମିନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ସମ୍ପାଦିକା ସୌଦାମିନୀ ମିଶ୍ର ସଭାକୁ ପରିଚାଳନା କରିଥିଲେ । ମୁଖ୍ୟବକ୍ତା ରୂପେ ଲକ୍ଷ୍ମୀନାରାୟଣ ପଣ୍ଡା ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟ ତଥା କବିତାର ଭାବ, ଉତ୍କର୍ଷତା ଓ ପାଠକୀୟ ଆନନ୍ଦ ଓ ଆବୃତି ସଂପର୍କରେ କହିଥିଲେ। ସଂସଦର ଉପସଭାପତି ନୀଳକଣ୍ଠ ସାହୁ ଓ ଇଂ ବିଚିତ୍ରାନନ୍ଦ ମୁନୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲ। ନିହାରିକା ସାହୁ ଓ କାହ୍ନୁଚରଣ ଗୌଡ କବିତା ସଂଯୋଜନା କରିଥିଲେ। ବ୍ରହ୍ମପୁର ସମେତ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁସଂଖ୍ୟକ ସାହିତ୍ୟ ପ୍ରେମୀ ତଥା କବି, କବୟିତ୍ରୀ,ଲେଖକ ଓ ଲେଖିକା ଯୋଗ ଦେଇଥିଲେ। ଲିଙ୍ଗରାଜ ଜେନା, ପ୍ରମୋଦ ପଣ୍ଡା,ମନ ମୋହନ ରଥ, ଡ. ଲକ୍ଷ୍ମୀ ନାରାୟଣ ଦାଶ, ଇଂ. ବିଜୟ ଚନ୍ଦ୍ର ମିଶ୍ର, ସତ୍ୟମ ଆଚାରୀ ଓ ସୁଦାମ ପାଣିଗ୍ରାହୀଙ୍କ ସମେତ ସଂସଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

DSPL - 357

NATION TAX MARKET

ATTENTION: ALL REGISTERED AND UNREGISTERED PERSONS IN METAL SCRAPS

COMPLIANCE UNDER GST – TDS DEDUCTIONS AND RCM

| Purchase from Unregistered Persons attracts GST @18% under Reverse Charge Mechanism(RCM) | Purchase from Registered Persons attracts TDS @ 2% |
|---|---|
| (Notification No. 06/2024-Central Tax (Rate), dated 08.10.2024 with matching State Tax Notification No. 29670, dated 25.10.2024) | (Notification No. 25/2024-Central Tax, dated 09.10.2024 with matching State Tax Notification No. 29678, dated 25.10.2024) |

*The Commissionerate of CT & GST, Odisha is keeping a close watch on compliance with GST TDS and RCM Mechanisms.

** The above information is for general guidance. For details please refer to the notification available on the Finance Department website https://finance.odisha.gov.in and www.cbic.gov.in

COMMISSIONERATE OF CT & GST, ODISHA

@Banijyakar

OIPR:

# ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜଶିଟ୍ ଦାଖଲକଲା ଏନ୍ଆଇଏ

**ବାଂଲାଦେଶୀ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟରେ ଲଗାଇବା ମାମଲା**

**ପୂର୍ବରୁ ୬ ଜଣଙ୍କ ବିରୋଧରେ ୨ ଚାର୍ଜଶିଟ୍ ଦାଖଲ କରିଥିଲା ପୋଲିସ**

ଭୁବନେଶ୍ୱର, ୧୮।୧୧
(ତ୍ରିନାଥ ମହାନ୍ତି)

ବାଂଲାଦେଶୀ ନାବାଳିକାକୁ ଚାକିରି ପ୍ରଲୋଭନ ଦେଖାଇ ଅନୈତିକ କାର୍ଯ୍ୟରେ ଲିପ୍ତ କରିବା ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ମଙ୍ଗଳବାର ଚାର୍ଜଶିଟ୍ ଦାଖଲ କରିଛି। ଖୋର୍ଦ୍ଧା ଜିଲା ଦୌରାଜଜ୍ କୋର୍ଟରେ ୧୦ଜଣ ଅଭିଯୁକ୍ତଙ୍କ ବିରୋଧରେ ୩୪୨ ପୃଷ୍ଠାର ଏହି ଚାର୍ଜଶିଟ ଦାଖଲ କରାଯାଇଛି। ଏଥିରେ ଅଭିଯୁକ୍ତଙ୍କ ବିରୋଧରେ ଏନ୍ଆଇଏ ହାସଲ କରିଥିବା ପ୍ରମାଣ, ପୀଡିତାଙ୍କ ବୟାନ ରେକର୍ଡ ଏବଂ ସାକ୍ଷୀଙ୍କ ମତ ରହିଛି। ତେବେ ଖୁବ୍ଶୀଘ୍ର ଏହାର ଚାର୍ଜଫ୍ରେମ କରାଯିବ ଓ ଏହାପରେ ମାମଲାର ଶୁଣାଣି ଏନ୍ଆଇଏ କୋର୍ଟରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ଅଭିଯୁକ୍ତମାନେ ନାବାଳିକାଙ୍କ ପରିବାର ଲୋକଙ୍କୁ ଆର୍ଥିକ ଲୋଭ ଓ ଚାକିରି ପ୍ରଲୋଭନ ଦେଖାଇ ତାଙ୍କୁ ସୀମାପାର କରାଇ ଭୁବନେଶ୍ୱର ଆଣିଥିଲେ। ତଦନ୍ତ ସମୟରେ ଏନ୍ଆଇଏ ଏହା ଜାଣିବା ସହ ମାନବ ଚାଲାଣ ର୍ୟାକେଟ ସମ୍ପର୍କରେ ଅନେକ ତଥ୍ୟ ହାସଲ କରିଛି। ପୋଲିସ ଆରମ୍ଭରୁ ପୋକ୍ସୋ କୋର୍ଟରେ ୬ ଜଣ ଅଭିଯୁକ୍ତଙ୍କ ବିରୋଧରେ ୨ଟି ଚାର୍ଜଶିଟ ଦାଖଲ କରିଥିଲା। ପ୍ରମାଣ ହସ୍ତଗତ ହେଲା ପରେ ଏନ୍ଆଇଏ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଏଥିସହ ଅଭିଯୁକ୍ତମାନଙ୍କର ବିଭିନ୍ନ ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ଆର୍ଥିକ ନେଣଦେଣ ସମ୍ପର୍କିତ ତଥ୍ୟ ହାସଲ କରିଛି। ଅନ୍ୟ ଏକ ମାମଲାରେ ଏନ୍ଆଇଏ ଆନ୍ତଃରାଜ୍ୟ ମାଷ୍ଟରମାଇଣ୍ଡ ବିରୋଧରେ ଚାର୍ଜଶିଟ ଦାଖଲ କରିଛି, ଯାହାଙ୍କର ପାକିସ୍ତାନରୁ ପରିଚାଳିତ ସଂସ୍ଥା ସହିତ ସମ୍ପର୍କ ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ରାଜଧାନୀକୁ ନାବାଳିକାଙ୍କୁ ଆଣିବା ପଛରେ ପଶ୍ଚିମବଙ୍ଗରେ ମାନବ ଚାଲାଣ ର୍ୟାକେଟ କାମ କରୁଛି। ଚାକିରି ଲୋଭ ଦେଖାଇ ବାଂଲାଦେଶୀ ନାବାଳିକାଙ୍କୁ ସୀମା ପାର କରାଇ ପ୍ରଥମେ ପଶ୍ଚିମବଙ୍ଗ ଆଣୁଛନ୍ତି। ସେଠାରେ ସେମାନଙ୍କର ଫେକ୍ ଆଧାରକାର୍ଡ ପ୍ରସ୍ତୁତ କରାଯିବା ପରେ ଭୁବନେଶ୍ୱର ଚାଲାଣ କରାଯାଉଛି। ଏଠାରେ ଏକାଧିକ ବାର୍ ଓ ପାର୍ଲରରେ ରଖାଯାଇ ଅନୈତିକ କାର୍ଯ୍ୟରେ ଲିପ୍ତ କରାଯାଉଛି।

# ସାଇବର ଠକେଇ, ୧୦ ଗିରଫ

**■୪୧ ଏଟିଏମ୍ କାର୍ଡ, ପାସ୍ବୁକ୍, ମୋବାଇଲ, ଗାଡ଼ି ଜବତ**

**■୨ ନାବାଳକଙ୍କୁ କୋର୍ଟରେ ହାଜର**

ଝାରସୁଗୁଡ଼ା, ୧୮।୧୧ (ଆଶିଷ ରଞ୍ଜନ ଦାଶ)



ଖବରଦାତା ସମ୍ମିଳନୀରେ ଏସ୍ପି ସୂଚନା ଦେଉଛନ୍ତି।

ସାଇବର ଠକେଇ ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ଏକ ଗ୍ୟାଙ୍ଗର ୧୨ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୨ ଜଣ ନାବାଳକଙ୍କୁ ଝାରସୁଗୁଡ଼ା ଜିଲା କୋର୍ଟରେ ହାଜର କରିଛି। ଗିରଫ ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ଚୌକିପଡ଼ାର ସୋନୁ ମଣ୍ଡଳ(୨୩), ଶୁଭମ୍ ପ୍ରସାଦ(୨୧), ଯୁଗଳ ବଗିଚାର ଶିବମ୍ ସାହୁ(୨୦), ବଙ୍ଗାଳିପଡ଼ାର ଅଭୟ ଘୋଷ(୨୦), କକ୍ସ କଲୋନିର ସମୀର ସୁନା(୨୦), ସରବାହାଲ ଅଞ୍ଚଳର ଏମ୍. ଜଗଦୀଶ୍ୱର ରାଓ(୧୯), ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ବଡେମୁରା ଅଞ୍ଚଳର ନରେଶ ବାଗ(୨୫), ଧୀରଜ ଗର୍ଡିଆ(୧୯), ଯୋଗେଶ୍ୱର ଚାନ୍ଦ(୨୪) ଏବଂ ରାଉରକେଲାର ଅଭିରାଜ ସା(୧୯)। ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କ୍ର ୬୧ରୁ ଅଧିକ ପାସ୍ବୁକ୍, ୪୧ଟି ଏଟିଏମ୍ କାର୍ଡ, ୧୯ଟି ମୋବାଇଲ, ଏକ ସ୍କୁଟର ସହ ଗୋଟିଏ କାର ଜବତ କରାଯାଇଛି। ଏହି ଘଟଣାର ଚେର ଝାରସୁଗୁଡ଼ାରୁ ଜାମତରା, ବିହାର ଓ ରାଜସ୍ଥାନକୁ ଲମ୍ବିଛି। ଆଗାମୀ ଦିନରେ ଆହୁରି ଅଧିକ ଅଭିଯୁକ୍ତ ଗିରଫ ହୋଇପାରନ୍ତି ବୋଲି ମଙ୍ଗଳବାର ଅପରାହ୍ନରେ ଟାଉନ୍ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍ପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଜାମତରା, ବିହାର ଓ ରାଜସ୍ଥାନ ଆଦି ଅଞ୍ଚଳର ଏକାଧିକ ସାଇବର ଠକେଇ ଗ୍ୟାଙ୍ଗ୍ ପାଇଁ କାମ କରୁଥିଲେ। ଗେମିଂରୁ ଅର୍ଥ ମିଳିବ ବୋଲି କହି ନିରୀହ ଲୋକଙ୍କୁ ସେମାନେ ଟାର୍ଗେଟ କରୁଥିଲେ। ଲୋକଙ୍କ ନାଁରେ ବ୍ୟାଙ୍କରେ ପାସ୍ବୁକ୍ ଖୋଲାଇବା ପରେ ବ୍ୟାଙ୍କ ଆକାଉଣ୍ଟ ଓ ସିମ୍କାର୍ଡ ଡିଟେଲ୍ସ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ଥିବା ସାଇବର ଗ୍ୟାଙ୍ଗ୍ର କାର୍ଯ୍ୟାଳୟକୁ ପଠାଇଥିଲେ। ସାଇବର ଠକେଇରୁ ମିଳିଥିବା ଟଙ୍କାକୁ ଝାରସୁଗୁଡ଼ାର ବିଭିନ୍ନ ଏଟିଏମ୍ରୁ ଉଠାଣ କରି ପୂର୍ବରୁ ପ୍ରସ୍ତୁତ ହୋଇ ରହୁଥିବା ଆକାଉଣ୍ଟରେ ଜମା କରୁଥିଲେ। ସାଇବର ଠକେଇ ଗ୍ୟାଙ୍ଗର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁସାରେ ସେମାନେ ଉକ୍ତ ଆକାଉଣ୍ଟରୁ ଟଙ୍କା ଉଠାଣ କରି ନିଜ ପାଖକୁ ଆଣୁଥିଲେ। ଏହି ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୭୬/୨୫) ରୁଜୁକରିଥିଲା। ତୁରନ୍ତ ତଦନ୍ତ ଆରମ୍ଭ ହେବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସୋମବାର ଅପରାହ୍ନରେ ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ସରବାହାଲ ଅଞ୍ଚଳରେ ଅଭିଯୁକ୍ତମାନେ ଥିବା ପୋଲିସ ସୂଚନା ପାଇଥିଲା। ତୁରନ୍ତ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା।

# ପୋଲିସକୁ ଧକ୍କାମାରି ଜବତ ଡମ୍ଫର ନେଇଗଲେ

**■ଗୋଡ଼ାଇ ଧରିଲେ ଥାନା ଅଧିକାରୀ**

**■ ରାସଗୋବିନ୍ଦପୁରରେ ବାଲି ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ**

ମୋରଡ଼ା, ୧୮।୧୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ଚୋରା କାରବାର ବଢ଼ି ଚାଲିଛି। ପୋଲିସ ଏହା ଉପରେ ରୋକ୍ ଲଗାଇବାକୁ ଚେଷ୍ଟା କରୁଥିବା ବେଳେ ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ଏପରିକି ଜଣେ କନ୍ଷ୍ଟେବଲଙ୍କୁ ଧକ୍କାମାରି ଜବତ ୨ ଡମ୍ଫରକୁ ଚୋରା ଚାଲାଣକାରୀମାନେ ଛଡ଼ାଇ ନେଇଥିବାବେଳେ ଥାନା ଅଧିକାରୀ ଗୋଡ଼ାଇ ଗୋଡ଼ାଇ ସେହି ଡମ୍ଫରକୁ ଥାନାକୁ ଆଣିଥିବା କହିଛନ୍ତି।


ଜବତ ଡମ୍ଫରକୁ କ୍ରେନ୍ ସହାୟତାରେ ଥାନାକୁ ଅଣାଯାଉଛି।

ସୂଚନା ଅନୁଯାୟୀ, ସୋମବାର ରାସଗୋବିନ୍ଦପୁର ପୋଲିସ ୭ଟି ଡମ୍ଫର ଜବତ କରିଥିଲା। ୫ଟି ଡମ୍ଫରକୁ ଥାନାକୁ ଆଣିଥିଲାବେଳେ ଅବଶିଷ୍ଟ ୨ଟି ଡମ୍ଫର ସ୍ଥାନୀୟ ମୂଷାମାରୀସ୍ଥିତ ପେଟ୍ରୋଲ ପମ୍ପରେ ରଖିଥିଲା। ସୋମବାର ରାତିରେ ଜବତ ୨ ଡମ୍ଫରକୁ ଜଣେ କନ୍ଷ୍ଟେବଲ ଜଗି ରହିଥିଲେ। ରାତି ପ୍ରାୟ ୯ଟା ୩୦ମିନିଟ୍ ସମୟରେ ଏକ କାର୍ରେ କେତେଜଣ ଲୋକ ଆସି କନ୍ଷ୍ଟେବଲଙ୍କୁ ଧକ୍କାମାରି ସେଠାରୁ ଜବତ ୨ ଡମ୍ଫରକୁ ନେଇ ପଳାଇଥିଲେ। ଖବରପାଇ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ନିଜ ଟିମ୍ ସହ ପିଛାକରି ଉକ୍ତ ୨ ଡମ୍ଫରକୁ ବାଛୁରୀପାଳ ଛକ ନିକଟରେ ଅଟକାଇ କ୍ରେନ୍ ସାହାଯ୍ୟରେ ପୁଣି ଥାନାକୁ ଆଣିଥିଲେ। ଡମ୍ଫରକୁ ଏସ୍କର୍ଟ ଦେଉଥିବା କାର୍ ଏବଂ ଡ୍ରାଇଭର ଫେରାର ହୋଇଯାଇଥିବା ସୂଚନା ମିଳିଛି।

# ଘରେ ପଶି ମହିଳାଙ୍କୁ ଆକ୍ରମଣକରି ନେଇଗଲେ ସୁନାଗହଣା

**ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ି ଛେଚାଖାଇଲେ ଦୁର୍ବୃତ୍ତ**

ବାସୁଦେବପୁର, ୧୮।୧୧ (କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତର ପାଳସାହି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଗ୍ରାମର ପ୍ରଫୁଲ୍ଲ ଲେଙ୍କାଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ସୁନାଗହଣା ନେଇଯାଇଛନ୍ତି। ଅଳଙ୍କାର ଲୁଟି ପଳାଉଥିବାବେଳେ ୨ଜଣ ଦୁର୍ବୃତ୍ତ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ି ଛେଚା ଖାଇଥିବାବେଳେ ଅନ୍ୟ ୨ଜଣ ଖସି ପଳାଇଛନ୍ତି। ଏନେଇ ମଙ୍ଗଳବାର ପ୍ରଫୁଲ୍ଲଙ୍କ ଅଭିଯୋଗକ୍ରମେ କଣ୍ଡିଆ ସାମୁଦ୍ରିକ ଥାନାରେ ଏକ ମାମଲା (ନଂ.୧୫୪/୨୫) ରୁଜୁ ସହ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଅନନ୍ତ ନାୟକ(୩୦) ଓ ଭରତ ଜେନା (୩୫)। ପୂର୍ବାହ୍ନରେ ଭଦ୍ରକରୁ ସାଇଣ୍ଟିଫିକ ଟିମ୍ ସହ କଣ୍ଡିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ରାତିରେ ଗ୍ରାମରେ ଏକ ଭୋଜି ଖାଇବାକୁ ଯାଇଥିଲେ। ଘରେ ତାଙ୍କ ସ୍ତ୍ରୀ କାମିନୀ ଓ ଝିଅ ଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ସେମାନଙ୍କୁ ଭୟଭୀତ କରାଇ ଗୋଟିଏ ଘର ଭିତରେ ବାନ୍ଧି ପକାଇଥିଲେ। କାମିନୀଙ୍କୁ ମାଡ଼ ମାରିବା ସହ ତାଙ୍କ ମୁଣ୍ଡକୁ ଭୁଜାଲିରେ ଆକ୍ରମଣ କରି ସେ ପିନ୍ଧିଥିବା ସୁନାଗହଣା ଓ ଘରେ ଥିବା ୨ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ନେଇ ସେମାନେ ପଳାଉଥିଲେ। ଏହି ସମୟରେ ପ୍ରଫୁଲ୍ଲ ଘରକୁ ଫେରି ଆସିବାର ଦେଖି ସେମାନେ ଦୌଡ଼ି ପଳାଇବା ବେଳେ ଗ୍ରାମବାସୀ ଜଣଙ୍କୁ ମାଡ଼ି ବସିଥିଲେ। ଦୁର୍ବୃତ୍ତମାନେ ଆସିଥିବା ବୋଲେରୋକୁ ଗ୍ରାମବାସୀ ପିଛା କରି ଟେକା ପଥର ଫିଙ୍ଗିବା ସହ ଲକ୍ଷ୍ମୀଦାସପୁର ଛକ ନିକଟରେ ଅଟକାଇଥିଲେ। ଚାଳକଙ୍କୁ ମାଡ଼ ମାରି ପୋଲିସକୁ ଖବର ଦେଇଥିଲେ। ଖବରପାଇ ନାୟକାଣିଡିହୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋଲେରୋ, ଚାଳକ ଭରତଙ୍କୁ ଧରିଥିବା ବେଳେ ଅନ୍ୟ ୨ ଦୁର୍ବୃତ୍ତ ଅନ୍ଧାରରେ ଦୌଡ଼ି ପଳାଇଥିଲେ।

# ନାବାଳିକା ବଳାତ୍କାର ମାମଲା: ଓଏପିଏଫ୍ ଯବାନଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ, ୧୮।୧୧ (ରାକେଶ କୁମାର ରାଉତ)

ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି କୈଳାଶ ଚନ୍ଦ୍ର ସ୍ୱାଇଁ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୬ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟେ ଅଧିକ ୧ ବର୍ଷ ୬ ମାସ ୧୫ ଦିନ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ସାରଙ୍ଗଡ଼ ଥାନା କପୁଗୁଡ଼ା ଗ୍ରାମର ଗୌତମ ପ୍ରଧାନ(୪୩)। ସେ ଖୋର୍ଦ୍ଧା ଜିଲା ନାଭାଲ ଫାଣ୍ଡିରେ ଓଏପିଏଫ୍ ଯବାନ ଭାବେ କାର୍ଯ୍ୟରତ ଅଛନ୍ତି।

୨୦୧୧ରେ ନାବାଳିକା ଜଣଙ୍କ ନବମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ଗୌତମ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ପୀଡିତା ରାଇକିଆ କଲେଜରେ ପଢ଼ିବା ବେଳେ ମଧ ବିବାହ ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନରେ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ ପାଇଁ ପୀଡ଼ିତା ବାରମ୍ବାର କହିବା ସତ୍ତ୍ୱେ ଗୌତମ ବିଭିନ୍ନ ବାହାନା କରି ରାଜି ହେଉ ନ ଥିଲେ। ୨୦୨୨ ଜୁଲାଇ ୧୩ ତାରିଖରେ ପୀଡିତା ଏ ନେଇ ସାରଙ୍ଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୯/୨୨ରେ ମାମଲା ରୁଜୁ କରି ଗୌତମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ୨୦ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## BUSINESS

# ସିମେଣ୍ଟ ପରିବହନ ଶୁଳ୍କ ହ୍ରାସକଲା ରେଳପଥ

**ପୂରଣ ହେବ ଗୃହ ନିର୍ମାଣ ସ୍ୱପ୍ନ**

ଭୁବନେଶ୍ୱର, ୧୮।୧୧
(ଅନୁରାଧା ମହାରଣା)

ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କଣ୍ଟେନରରେ ବଲ୍କ ସିମେଣ୍ଟ ପରିବହନ ଶୁଳ୍କର ଯୁକ୍ତିଯୁକ୍ତକରଣ ଏବଂ ବଲ୍କ ସିମେଣ୍ଟ ଟର୍ମିନାଲ ପାଇଁ ନୀତି ଉନ୍ମୋଚନ କରିଛନ୍ତି। ନୂଆଦିଲ୍ଲୀର ରେଳ ଭବନରେ ନୀତି ଉନ୍ମୋଚନକରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ସଂସ୍କାରଗୁଡ଼ିକ ମଧ୍ୟବିତ୍ତ ଏବଂ ଗରିବ ପରିବାରଙ୍କ ସ୍ୱପ୍ନର ଘର ନିର୍ମାଣ କରିବା ସମୟରେ ସିମେଣ୍ଟର ମୂଲ୍ୟ ହ୍ରାସକରିବ। ନୂତନ ନୀତି ଅନୁଯାୟୀ, ଦୂରତା ଏବଂ ଓଜନ ସ୍ଲାବ୍ଗୁଡ଼ିକୁ ହଟାଇ ଦିଆଯାଇଛି। ଫ୍ଲାଟ୍ ଗ୍ରସ୍ ଟନ୍ ପ୍ରତି କିଲୋମିଟର ପ୍ରତି ଟନ୍ ୦.୯୦କୁ ନୂତନ ହାର ଯୁକ୍ତିଯୁକ୍ତ କରାଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଟ୍ୟାଙ୍କ କଣ୍ଟେନର ବଲ୍କ ସିମେଣ୍ଟ ପରିବହନ ପାଇଁ ଏଣ୍ଡ୍ ଟୁ ଏଣ୍ଡ୍ ପ୍ରଦୂଷଣ ମୁକ୍ତ ଲଜିଷ୍ଟିକ୍ସ ସମାଧାନ ହେବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆମେରିକାକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲ ପରିବହନକାରୀ ହୋଇପାରିଛି। ରେଳ ନେଟ୍ୱାର୍କ ସମ୍ପ୍ରସାରଣ ଦିନକୁ ୪ କିଲୋମିଟର (୨୦୦୪-୧୪ ମଧ୍ୟରେ)ରୁ ଦିନକୁ ୧୨-୧୪ କିଲୋମିଟରକୁ ବୃଦ୍ଧି ପାଇଛି, ଯାହା ଏହାକୁ ୩ ଗୁଣ ଅଧିକ ଦ୍ରୁତ କରିଛି। ବ୍ରଡ୍-ଗେଜ୍ ରେଳ ନେଟ୍ୱର୍କ ବର୍ତ୍ତମାନ ପ୍ରାୟ ୧୦୦% ବିଦ୍ୟୁତୀକରଣ କରାଯାଇଛି। କେନ୍ଦ୍ର ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ସାରା ଦେଶରେ ବର୍ତ୍ତମାନ ୧,୩୦୦ରୁ ଅଧିକ ଅମୃତ ଷ୍ଟେଶନ ବିକଶିତ ହେଉଛି। ଟ୍ରେନର ମୋଟ ଟନେଜ (ଜିଟିକେଏମ୍) ଭାବରେ ଗଣନା କରାଯାଇଥିବା ପ୍ରକୃତ ଟନେଜ ଉପରେ ଆଧାରିତ ଚାର୍ଜ ପ୍ରଚଳନକରି




ନୂତନ ଶୁଳ୍କ ଗଠନକୁ ସରଳ ଏବଂ ଯୁକ୍ତିଯୁକ୍ତ କରାଯାଇଛି। ସଂଶୋଧିତ ବ୍ୟବସ୍ଥା ଅଧୀନରେ, ପ୍ରକୃତ ଦୂରତା ପାଇଁ ପ୍ରତି କିଲୋମିଟର ପିଛା ଟନ ୦.୯୦ ର ଏକ ଫ୍ଲାଟ୍ ହାରରେ ମାଲ ପରିବହନ ପାଇଁ ଚାର୍ଜ କରାଯାଏ। ଏହି ନୀତି ବଲ୍କ ସିମେଣ୍ଟ ପାଇଁ ଦକ୍ଷ ମଲ୍ଟିମୋଡାଲ, ଏଣ୍ଡ-ଟୁ-ଏଣ୍ଡ ଲଜିଷ୍ଟିକ୍ସକୁ ସମର୍ଥନ କରିବା ପାଇଁ ଟ୍ୟାଙ୍କ କଣ୍ଟେନର ବ୍ୟବହାରକୁ ପ୍ରୋତ୍ସାହିତ କରେ। ଏହାକୁ ଏପରି ଡିଜାଇନ କରାଯାଇଛି, ଯାହା ୨୬ ଟନ ପେଲୋଡ୍ କ୍ଷମତା ଏବଂ ୩୧ ଟନ ମୋଟ ଓଜନ ପ୍ରଦାନକରେ। ପ୍ରତ୍ୟେକ କଣ୍ଟେନର ମାତ୍ର ୨୫-୩୦ ମିନିଟ୍ ଲୋଡିଂ ଏବଂ ଅନ୍ଲୋଡିଂ ସମୟ ସହିତ ଦକ୍ଷ କାର୍ଯ୍ୟ କରିବାକୁ ଅନୁମତି ଦିଏ। ଏହାର ଡିଜାଇନ ଏହାକୁ ଟ୍ରେନ୍ରୁ ଟ୍ରେଲରକୁ ସହଜରେ ଏବଂ ଟ୍ରେନ୍କୁ ଫେରିବା - ଉତ୍ପାଦନ ସ୍ଥାନରୁ ବ୍ୟବହାର ସ୍ଥାନ ପର୍ଯ୍ୟନ୍ତ ସୁଗମ ବିତରଣକୁ ସକ୍ଷମ କରିଥାଏ। ଦକ୍ଷ ଲଜିଷ୍ଟିକ୍ସ ଆଡ଼କୁ ଏହି ପରିବର୍ତ୍ତନକୁ ଆହୁରି ସମର୍ଥନ କରିବା ପାଇଁ ଭାରତୀୟ ରେଳପଥ ବଲ୍କ ସିମେଣ୍ଟ ଟର୍ମିନାଲ ନୀତି ଅଧୀନରେ ଦେଶବ୍ୟାପୀ ବଲ୍କ ସିମେଣ୍ଟ ଟର୍ମିନାଲର ବିକାଶକୁ ସହଜ କରିବ, ଯାହା ସିମେଣ୍ଟର ସୁଗମ ପରିଚାଳନା, ସଂରକ୍ଷଣ ଏବଂ ବଣ୍ଟନକୁ ସକ୍ଷମ କରିବ। ଏହି ଟର୍ମିନାଲଗୁଡ଼ିକ ହପର୍, ସାଇଲୋସ, ବ୍ୟାଗିଂ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଭିତ୍ତିଭୂମି ଭଳି ଅତ୍ୟାବଶ୍ୟକ ସୁବିଧା ସହିତ ସଜ୍ଜିତ ହେବ ଯାହା ଦ୍ୱାରା ବଲ୍କ ସିମେଣ୍ଟର ଦକ୍ଷ ପରିଚାଳନା, ସଂରକ୍ଷଣ ଏବଂ ବଣ୍ଟନକୁ ସମର୍ଥନ କରାଯାଇପାରିବ। ଏହି ନୀତି ଅନେକ ପ୍ରମୁଖ ଲାଭ ପ୍ରଦାନକରେ, ଯେଉଁଥିରେ ସିମେଣ୍ଟ ପରିବହନ ଖର୍ଚ୍ଚରେ ଯଥେଷ୍ଟ ହ୍ରାସ ଏବଂ ସଡ଼କ ପରିବହନ ତୁଳନାରେ କାର୍ବନ ଫୁଟ୍ପ୍ରିଣ୍ଟ ଯଥେଷ୍ଟ କମ୍, ଯାହା ଦ୍ୱାରା ପରିବେଶଗତ ସ୍ଥିରତାକୁ ସମର୍ଥନକରେ ଏବଂ ରାସ୍ତାରେ ଭିଡ଼ ହ୍ରାସକରେ। ଏହାସହ ନିତି ଯାନ୍ତ୍ରିକ ଲୋଡିଂ ଏବଂ ଅନ୍ଲୋଡିଂ ମାଧ୍ୟମରେ ଦ୍ରୁତ ପରିବର୍ତ୍ତନ ସମୟ ସୁନିଶ୍ଚିତକରେ, ଯାହା ସିମେଣ୍ଟ ଲଜିଷ୍ଟିକ୍ସରେ ସାମଗ୍ରିକ ଦକ୍ଷତା ବୃଦ୍ଧିକରେ।

# ୪୫୦ ଶିକ୍ଷଣ ସହାୟତା କିଟ୍ ଦେଲା ବେଦାନ୍ତ

ଭୁବନେଶ୍ୱର, ୧୮।୧୧



ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଜାମକାନି, ଘୋଘରପଲ୍ଲୀ ଏବଂ କୁରାଲୋଇ (ଏ) ଉତ୍ତର କୋଇଲା ଖଣି କାର୍ଯ୍ୟକ୍ଷମ ଅଞ୍ଚଳରେ ୪୦ଟି ଅଙ୍ଗନୱାଡି କେନ୍ଦ୍ରରେ ୪୫୦ରୁ ଅଧିକ ପିଲାଙ୍କୁ ଶିକ୍ଷଣ ସହାୟତା କିଟ୍ ପ୍ରଦାନକରି ପ୍ରାରମ୍ଭିକ ବାଲ୍ୟଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ପ୍ରତ୍ୟେକ କିଟ୍ ଦୁଇଟି ଭାଷାରେ ରହିଛି, ଆକୃତି ପଜଲ, ନମ୍ବର କ୍ୟୁବ ଏବଂ ଖେଳ ଉପକରଣଗୁଡିକ ଅନ୍ତର୍ଭୁକ୍ତ ଯାହା କୌତୂହଳ ସୃଷ୍ଟିକରିବା, ଜ୍ଞାନାତ୍ମକ ଦକ୍ଷତା ନିର୍ମାଣ ଏବଂ ମୌଳିକ ଶିକ୍ଷାକୁ ସମର୍ଥନ କରିଥାଏ। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆଜିର ପିଲାମାନେ କାଲିର ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରନ୍ତି ଏବଂ ସେମାନଙ୍କ ଅଭିବୃଦ୍ଧିରେ ନିବେଶ କରିବା ହେଉଛି ଆମ ଦେଶର ଭବିଷ୍ୟତରେ ନିବେଶ କରିବା। ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପଦକ୍ଷେପଗୁଡ଼ିକରେ ଆମେ ପୋଷଣ ପରିବେଶ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ଯେଉଁଠାରେ ପିଲାମାନେ ଗୁଣାତ୍ମକ ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ଏବଂ ଆତ୍ମ ଅଭିବ୍ୟକ୍ତିର ସୁଯୋଗ ମାଧ୍ୟମରେ ଉନ୍ନତି କରିପାରିବେ।

# ଅନ୍ତର୍ଜାତୀୟ ସେମିନାର ଆୟୋଜନ କରିବ ଜିଏସ୍ଆଇ

ଭୁବନେଶ୍ୱର, ୧୮।୧୧

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ଭୂତତ୍ତ୍ୱ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍ଆଇ) ନିଜର ୧୭୫ ବର୍ଷର ରାଷ୍ଟ୍ରୀୟ ସେବା ପୂର୍ତ୍ତି ଉପଲକ୍ଷେ ନଭେମ୍ବର ୨୦ ଓ ୨୧ରେ 'ଅତୀତକୁ ଉନ୍ମୋଚନ କରିବା, ଭବିଷ୍ୟତକୁ ଗଠନ କରିବା: ଜିଏସ୍ଆଇର ୧୭୫ ବର୍ଷ' ଶୀର୍ଷକରେ ଏକ ଅନ୍ତର୍ଜାତୀୟ ସେମିନାର୍ ଆୟୋଜନ କରିବାକୁ ଯାଉଛି। ଉଦ୍ଘାଟନୀ ସମାରୋହରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହା ସହ କେନ୍ଦ୍ରୀୟ ଖଣି ମନ୍ତ୍ରଣାଳୟର ସଚିବ ପୀୟୁଷ ଗୋୟଲ ଏବଂ ରାଜସ୍ଥାନ ସରକାରର ଖଣି ଓ ପେଟ୍ରୋଲିୟମ ବିଭାଗର ପ୍ରଧାନ ସଚିବ ଟି. ରବିକାନ୍ତ ଉପସ୍ଥିତ ରହିବେ। ଜିଏସ୍ଆଇର ଡାଇରେକ୍ଟର ଜେନେରାଲ ତଥା ପାଟ୍ରନ ଆସିତ୍ ସାହା ଏବଂ ଅତିରିକ୍ତ ଡାଇରେକ୍ଟର ଜେନେରାଲ ତଥା ପଶ୍ଚିମାଞ୍ଚଳର ମୁଖ୍ୟ ତଥା ସେମିନାରର ଅଧ୍ୟକ୍ଷ ବିଜୟ ଭି. ମୁଗଲ ଏହି ସେମିନାରର ନେତୃତ୍ୱ ନେବେ। ଏହାସହ ବରିଷ୍ଠ ଅଧିକାରୀମାନେ ପ୍ରତିଷ୍ଠିତ ଭୂତତ୍ତ୍ୱବିତ୍ ଏବଂ ଭାରତ ତଥା ବିଦେଶରୁ ଆସିଥିବା ପ୍ରତିନିଧିମାନେ ଯୋଗଦେବେ। ଏହି ଅନ୍ତର୍ଜାତୀୟ ସେମିନାର ଭାରତ ଏବଂ ବିଦେଶରୁ ବିଶେଷଜ୍ଞମାନଙ୍କୁ ଏକତ୍ରିତକରି ଉଦ୍ଭାବକ ଚ୍ୟାଲେଞ୍ଜ, ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ଏବଂ ଭୂବିଜ୍ଞାନର ଭବିଷ୍ୟତ ଦିଗକୁ ଆଲୋଚନା କରିବ। ୯ଟି ପ୍ଲେନାରି ବକ୍ତବ୍ୟ, ୧୯ଟି ବିଶେଷ ବକ୍ତବ୍ୟ ଏବଂ ୧୧ଟି ବିଷୟଭିତ୍ତିକ କ୍ଷେତ୍ରରେ ୩୦୦ରୁ ଅଧିକ ବୈଜ୍ଞାନିକ ଏବଂ ପୋଷ୍ଟର୍ ପ୍ରେଜେଣ୍ଟେଶନ ରହିଛି। ଏହାସହ ଏକ ପ୍ରଦର୍ଶନୀରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଜିଓସ୍ପେଶିଆଲ ଟୁଲ୍ସ ଏବଂ ନୂତନ ସମାଧାନଗୁଡ଼ିକର ପ୍ରଦର୍ଶନ ହେବ। ଆଇଆଇଟି ବମ୍ବେ ଏବଂ ଆଇଆଇଟି ଖଡ଼ଗପୁର ସହ ଏମ୍ଓୟୁ ସ୍ୱାକ୍ଷର କରାଯିବ, ଯାହା ସୀମାବଦ୍ଧ ଭୂବିଜ୍ଞାନ ଅନୁସନ୍ଧାନ ଏବଂ କ୍ଷମତା ନିର୍ମାଣରେ ସହଯୋଗକୁ ମଜଭୁତ କରିବ।

# ଭୁବନେଶ୍ୱରରେ ନୋଭା ଆଇଭିଏଫ୍ ଫର୍ଟିଲିଟି କେନ୍ଦ୍ରର ଶୁଭାରମ୍ଭ

ଭୁବନେଶ୍ୱର, ୧୮।୧୧
(ଅନୁରାଧା ମହାରଣା)




ନୋଭା ଆଇଭିଏଫ୍ ଫର୍ଟିଲିଟି ଭୁବନେଶ୍ୱରରେ ନିଜର ପ୍ରଥମ ସେଣ୍ଟରର ଶୁଭାରମ୍ଭ କରିଛି। ଉଭୟ ଟିୟର ୧ ଓ ଟିୟର ୨ ସହରଗୁଡ଼ିକରେ ନିଃସନ୍ତାନ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏହି ଫର୍ଟିଲିଟି ଚେନ୍ର ୪୦% ସେଣ୍ଟର ଟିୟର ୨ ଓ ଟିୟର ୩ ସହରଗୁଡିକରେ ରହିଛି। ଏହି ଅବସରରେ ଓଡ଼ିଶା ଚାପ୍ଟର ଇଣ୍ଡିଆନ ମେଡିକାଲ ଆସୋସିଏସନର ସେକ୍ରେଟାରି ଡା. ପ୍ରତ୍ୟୁଷ କୁମାର ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ ନୋଭା ଆଇଭିଏଫ୍ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର, ଡା. ରୋହିତ ଗୁଟ୍ଗୁଟିଆ କହିଛନ୍ତି, 'ଆମେ ଠିକ୍ ଚିକିତ୍ସା ଓ ସଫଳତା ହାର ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ବ୍ୟବହାର କରୁଛୁ। ବାରମ୍ବାର ଆଇଭିଏଫ୍ ବିଫଳତା, ଗର୍ଭପାତ କିମ୍ବା ଜେନେଟିଭ ସ୍ଥିତି ଆଦି ସମସ୍ୟା ସହ ଆସୁଥିବା ପ୍ରତ୍ୟେକ ଦମ୍ପତିଙ୍କ ପାଇଁ ଏକ ବ୍ୟକ୍ତିଗତ ଚିକିତ୍ସା ଅନୁସରଣ କରିଥାଉ। ଆମର ଲାବ୍ଗୁଡିକରେ ଆମେ ଇଲେକ୍ଟ୍ରୋନିକ ୱିଟ୍ନେସିଂ ସିଷ୍ଟମଗୁଡିକର ବ୍ୟବହାର କରିଥାଉ ଯାହା ଲାବ୍ ବୈଜ୍ଞାନିକମାନଙ୍କୁ (ଏମ୍ବ୍ରୋଲୋଜିଷ୍ଟ) କୌଣସି ପ୍ରକାର ଡିମ୍ବାଣୁ ଓ ଶୁକ୍ରାଣୁ ମିଶ୍ରଣ କ୍ଷେତ୍ରରେ ଏକ ଆଲାରାମ ସିଷ୍ଟମ ଭଳି ସତର୍କ କରିଥାଏ। ସେହିପରି ନୋଭା ଆଇଭିଏଫ୍ ଫର୍ଟିଲିଟି, ଭୁବନେଶ୍ୱରର ଫର୍ଟିଲିଟି ସ୍ପେଶାଲିଷ୍ଟ, ଡା. ଗାୟତ୍ରୀ ଶତପଥୀ କହିଛନ୍ତି, ପୁରୁଷ ବନ୍ଧ୍ୟାପଣ ମଧ୍ୟ ବହୁମାତ୍ରାରେ ବୃଦ୍ଧି ପାଉଛି, ଯାହାକି ଫର୍ଟିଲିଟି କ୍ଷେତ୍ରରେ ୪୦% ପୁରୁଷ ସନ୍ତାନହୀନତାର ଶିକାର ହେଉଛନ୍ତି। ଆମେ ମଧ୍ୟ ୩୦% ଅସ୍ପଷ୍ଟ ବନ୍ଧ୍ୟାତ୍ୱ ମାମଲା ଦେଖୁଛୁ। ନୋଭା ଆଇଭିଏଫ୍ ଫର୍ଟିଲିଟିର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ଗାଙ୍ଗୁଲି କହିଛନ୍ତି, 'ଭୁବନେଶ୍ୱରକୁ ଆମର ସମ୍ପ୍ରସାରଣ ଭାରତରେ ଗୁଣାତ୍ମକ ଫର୍ଟିଲିଟି ଚିକିତ୍ସାକୁ ସୁଲଭ କରିବା ଉପରେ ଆମର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

# ଅଙ୍କୁରା ହସ୍ପିଟାଲ ପକ୍ଷରୁ ପ୍ରିମିଥନ

ଭୁବନେଶ୍ୱର, ୧୮।୧୧
(ଅନୁରାଧା ମହାରଣା)

ଅଙ୍କୁରା ହସ୍ପିଟାଲ୍ସ ଓ ଆୟୁ ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବରେ ଭୁବନେଶ୍ୱରରେ ପ୍ରିମିଥନ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରିମ୍ୟାଚୁର ଶିଶୁଙ୍କ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ 'ବର୍ନ ଟୁ ସୁନ୍, ବଟ୍ ଇନ୍ ଦ ସେଫେଷ୍ଟ ହାଣ୍ଡସ' ଅଧୀନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାତାପିତା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ସମାଜର ବିଭିନ୍ନ ଶ୍ରେଣୀର ଲୋକ ଯୋଗଦେଇ ପ୍ରିମ୍ୟାଚୁର ଶିଶୁମାନଙ୍କ ସମସ୍ୟା, ଚ୍ୟାଲେଞ୍ଜ ଏବଂ ସେମାନଙ୍କ ଅସାଧାରଣ ଲଢ଼େଇ ସମ୍ପର୍କରେ ଅନୁଭୂତି ବାଣ୍ଟିଥିଲେ। ଅଲିମ୍ପିଆନ ରବି କୁମାର କାଟୁଲୁ ଏହି ପଦଯାତ୍ରାର ନେତୃତ୍ୱ ନେଇ ଶକ୍ତି, ଦୃଢତା ଏବଂ ସାମୂହିକ ସମର୍ଥନର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଚେୟରମ୍ୟାନ-କମ୍-ମ୍ୟାନେଜିଂ ଡାଇରେକ୍ଟର ତଥା ନିଓନେଟୋଲଜିଷ୍ଟ ଡା. କୃଷ୍ଣପ୍ରସାଦ ନିଜର ସୁଚିନ୍ତିତ ମତାମତ ସହ ଲୋକଙ୍କୁ ସଚେତନ କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଦଳ ଚୟନ ପ୍ରକ୍ରିୟା ୨୩ରେ

### ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ

ଭୁବନେଶ୍ୱର, ୧୮।୧୧(ବିଜୟ ରଣା)

ଗୋଆରେ ଡିସେମ୍ବର ୮ରୁ ୧୫ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏଥିପାଇଁ ଓଡ଼ିଶା ଦଳର ଖେଳାଳି ଚୟନ ପ୍ରକ୍ରିୟା ୨୩ ତାରିଖ ରବିବାର ସକାଳ ୯ଟାରେ ସ୍ଥାନୀୟ ୟୁନିଟ୍-୬ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଇଚ୍ଛୁକ ଖେଳାଳିମାନଙ୍କୁ ସାଥିରେ ନିଜର ସେବାପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ/ଅଫିସ୍ ପରିଚୟପତ୍ର ସହ ଏକ ପାସ୍‌ପୋର୍ଟ ଫଟୋ ଏବଂ ନିଜର ବିଭାଗ/ଅଫିସ୍‌ରୁ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ଆଣି ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜୀକୃତ କରିବା ସହ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

# ସିଲିକନ୍ ୟୁନିଭର୍ସିଟି, କଳିଙ୍ଗ ୟୁଥ୍ କ୍ଲବ ବିଜୟୀ

ଭୁବନେଶ୍ୱର, ୧୮।୧୧(ଅନାଦି କର)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ (ବିଏଏ) ଆନୁକୂଲ୍ୟରେ ୟୁନିଟ୍-୧ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟ୍‌ବଲ

### ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟ୍‌ବଲ ଲିଗ୍

ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ସିଲିକନ୍ ୟୁନିଭର୍ସିଟି ଓ କଳିଙ୍ଗ ୟୁଥ୍ କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ସିଲିକନ୍ ୟୁନିଭର୍ସିଟି ୫-୩ ଗୋଲରେ ଚନ୍ଦ୍ରଶେଖରପୁର ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଚାକଶୋ କିରାଇ ଶ ସମସ୍ତ ୫ଟି ଗୋଲ କରିଥିଲେ। ଅନ୍ୟପକ୍ଷରେ ଚନ୍ଦ୍ରଶେଖରପୁର ଏଫ୍‌ସି ପାଇଁ ସାହିଲ ଖାନ୍, ପ୍ରୀତମ୍‌ଜିତ ନାଏକ ଓ ସୋମେଶ ମହାନ୍ତି ଗୋଟିଏ ଲେଖାଏ ଗୋଲ କରିଥିଲେ। ବିଏଏର ବରିଷ୍ଠ ସଦସ୍ୟ ଗନେଶ ପାଲ ଅତିଥି ଭାବେ ଯୋଗଦେଇ ଚାକ୍‌ଶୋଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ କଳିଙ୍ଗ ୟୁଥ୍ କ୍ଲବ ୯-୧ ଗୋଲରେ ଶିବଶକ୍ତି ବିବିଏସ୍‌ଆର୍‌କୁ ହରାଇଛି। ବିଜୟୀ ଦଳ ପାଇଁ ଆଶିମ ଡୁଙ୍ଗ୍‌ଡୁଙ୍ଗ ହାଟ୍ରିକ୍ ଗୋଲ କରିଥିବା ବେଳେ ନିମାଇଁ ହେମ୍ବ୍ରମ, ମିଥୁନ ହାଁସ୍‌ଦା ଓ ଶଙ୍ଖା ହେମ୍ବ୍ରମ ଦୁଇଟି ଲେଖାଏ ଗୋଲ ଦେଇଥିଲେ। ଜବାବରେ ଶିବଶକ୍ତି ବିବିଏସ୍‌ଆର୍ ପକ୍ଷରୁ ପି.ଏନ୍. ଦଳେଇ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଆଶିମ୍‌ଙ୍କୁ ଅତିଥି ଭାବେ ଯୋଗଦେଇଥିବା ବିବିଏର ବରିଷ୍ଠ ସଦସ୍ୟ ପ୍ରଦୀପ ରାଉତରାୟ ପୁରସ୍କାର ପ୍ରଦାନ କରିଥିଲେ।


ଅତିଥି ପୁରସ୍କୃତ କରୁଛନ୍ତି।

# ରଘୁ ପ୍ରସାଦ ଏଫ୍‌ଆଇଏଚ୍ ଅମ୍ପାୟର ଅଫ୍ ଦି ଇୟର

ଲାଉସାନେ, ୧୮।୧୧ (ପି.ଟି.): ଭାରତର ରଘୁ ପ୍ରସାଦ ଯାଦବ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ) ଦ୍ୱାରା ୨୦୨୫ ବର୍ଷର ଅମ୍ପାୟର ଅଫ୍ ଦି ଇୟର ଭାବେ ମନୋନୀତ ହୋଇଛନ୍ତି। ବୃତ୍ତିଗତ, ଉତ୍ସର୍ଗକୃତ ମନୋଭାବ ଏବଂ ଉତ୍କର୍ଷତା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ରଘୁପ୍ରସାଦ ୧୯୮ ଇଣ୍ଟରନ୍ୟାଶନାଲ ମ୍ୟାଚରେ ଅମ୍ପାୟରିଂ କରିଛନ୍ତି। ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭାବେ କାର୍ଯ୍ୟ କରିଛନ୍ତି। ମାଲେସିଆରେ ୨୦୨୫ ସୁଲ୍‌ତାନ ଆଜଲାନ ଶାହା କପ୍ ହକି ଟୁର୍ନାମେଣ୍ଟରେ ସେ ୨୦୦ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରିବାରେ ପ୍ରଥମ ଏସୀୟ ହେବାର ଐତିହାସିକ ମାଇଲଖୁଣ୍ଟ ହାସଲ କରିବେ। ସେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍, କମନ୍‌ୱେଲ୍‌ଥ ଗେମ୍ସ, ଜୁନିୟର ବିଶ୍ୱକପ୍ ସମେତ ଏସିଆନ ଟୁର୍ନାମେଣ୍ଟ ଯଥା ୩ ଏସିଆନ ଗେମ୍ସ ଏବଂ ଏକାଧିକ ଏସିଆ କପ୍ ଏବଂ ଏସିଆନ ଚାମ୍ପିୟନ୍ସ ଟ୍ରଫି ଭଳି ଟୁର୍ନାମେଣ୍ଟରେ ଅମ୍ପାୟରିଂ କରିଛନ୍ତି।

# ବାଳିକାଙ୍କୁ ରୌପ୍ୟ, ବାଳକଙ୍କୁ ବ୍ରୋଞ୍ଜ୍


ପଦକ ବିଜୟୀ ଓଡ଼ିଶା ବାଳିକା ଓ ବାଳକ ଦଳ।

### ମଡର୍ନ ପାଇଥ୍ଆନ ଗେମ୍ସ

ଭୁବନେଶ୍ୱର, ୧୮।୧୧(ଅନାଦି କର)

ବେଙ୍ଗାଲୁରୁଠାରେ ଅନୁଷ୍ଠିତ ୩ଦିନିଆ ମଡର୍ନ ପାଇଥ୍ଆନ ଗେମ୍ସରେ ଓଡ଼ିଶା ବାଳିକା ଦଳ ରୌପ୍ୟ ଓ ବାଳକ ଦଳ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଉଭୟ ବିଜୟୀ ଦଳକୁ ଓଡ଼ିଶା ପିଟୁ ସଂଘର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଉପଦେଷ୍ଟା ନୀଳକଣ୍ଠ ସାମଲ, ସଭାପତି ଶକ୍ତି ପ୍ରକାଶ ପତି, ଉପସଭାପତି ମହେଶ କୁମାର ମିଶ୍ରଙ୍କ ସହ ପ୍ରଶାନ୍ତ କୁମାର ରାଉଳ, ସୂର୍ଯ୍ୟପ୍ରକାଶ ପତି, ଜି. ରାମ କିଶୋର, ନାରାୟଣ ଜେନା, ଯଯାତି ଜେନା ଓ କୁଶ ନାୟକ ଅଭିନନ୍ଦନ ଜଣାଇଛନ୍ତି।

ଓଡ଼ିଶା ବାଳିକା ଦଳରେ ମୋନାଲିସା କାଣ୍ଡି, ଏମ୍. ଅମରିତା, ଆଞ୍ଜେଲ ମଲ୍ଲିକ, ଏସ୍. ରୋଜା, ଉର୍ବଶୀ ବେହେରା, ରେଖା ବେହେରା, ଶୁଭଶ୍ରୀ ଭଞ୍ଜ, ଶ୍ରାବଣୀ ପାଇକରାୟ, ରୂପାଲି ଭଞ୍ଜ, ପ୍ରତୀକ୍ଷା ବଳ, କୋଚ୍ ଜିତେନ୍ଦ୍ର କୁମାର ରାଉତ ଓ ମ୍ୟାନେଜର ବିଷ୍ଣୁପ୍ରିୟା ଦାସ ସ୍ଥାନ ପାଇଥିଲେ। ସେହିଭଳି ବାଳକ ଦଳରେ ସ୍ୱାଧୀନ ସାମଲ(ଅଧିନାୟକ), ପ୍ରଶାନ୍ତ ସାହୁ, ତେଜସ୍ୱ ମହାରଣା, ଚନ୍ଦନ ଆଚାର୍ଯ୍ୟ, ଏମ୍. ସାହିଲ, ନକବୁଲ ଅମିନ, ଶିବ ବିରୁଆ, ବିନୋଦ କୁଦୁଲି, ବାଦଲ ଜେନା, ଭାସ୍କର ପାତ୍ର, ଶିନ୍‌ସୁ ଶେଖର ଦାସ, ରାହୁଲ ନାଥ ସ୍ଥାନ ପାଇଥିବା ବେଳେ କୋଚ୍ ଭାବେ ସତୀଶ୍ ଶର୍ମା ଓ ମ୍ୟାନେଜର ଭାବେ ସୁରେଶ କୁମାର ଭଞ୍ଜ ଦଳ ସହ ଯାତ୍ରା କରିଥିଲେ।

### ଏମ୍‌୧୫ ଭୁବନେଶ୍ୱର ଟେନିସ

# କବିର ଦ୍ୱିତୀୟ ରାଉଣ୍ଡରେ

ଭୁବନେଶ୍ୱର, ୧୮।୧୧ (ଅନାଦି କର): କଳିଙ୍ଗ ଷ୍ଟାଡିୟମ ଟେନିସ୍ ସେଣ୍ଟରରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ଟୁର୍ ଏମ୍‌୧୫ ଭୁବନେଶ୍ୱର ଟେନିସ୍ ଟୁର୍ନାମେଣ୍ଟରେ ଓଡ଼ିଆ ଖେଳାଳି କବିର ହଂସ ଓ ପ୍ରତ୍ୟୁଷ ମହାନ୍ତି ବିଜୟ ସହ ଟୁର୍ନାମେଣ୍ଟରେ ଆଗକୁ ବଢ଼ିଛନ୍ତି। ଅନ୍ୟପକ୍ଷରେ ନମ୍ବର ୱାନ୍ ସିଡ୍ ଶଶିକୁମାର ମୁକୁନ୍ଦ ପରାଜୟ ସହ ବିଦାୟ ନେଇଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ କବିର ୬-୧, ୩-୬, ୭-୫ ସେଟ୍‌ରେ ଷଷ୍ଠ ସିଡ୍ ଇଶାକ୍ ଇକ୍‌ବାଲଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଶୀର୍ଷ ସିଡ୍ ମୁକୁନ୍ଦ ୬-୩, ୫-୭, ୩-୬ ସେଟ୍‌ରେ ଉଦ୍ୟମ କୋନୋଭଚୁକଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିଭଳି କ୍ୱାଲିଫାଇଙ୍ଗ ପର୍ଯ୍ୟାୟର ଅନ୍ତିମ ରାଉଣ୍ଡ ମ୍ୟାଚ୍‌ରେ ପ୍ରତ୍ୟୁଷ ୬-୪, ୬-୨ ସେଟ୍‌ରେ ଅନିକେତ ଭେଙ୍କଟରାମନଙ୍କୁ ହରାଇ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପୁରୁଷ ଡବଲ୍ସ ବର୍ଗରେ ଓଡ଼ିଶାର ଅମୃତଜୟ ମହାନ୍ତି ଓ ଆଦିତ୍ୟ ଶତପଥୀ ୩-୬, ୨-୬ ସେଟ୍‌ରେ ଦିଗ୍‌ବିଜୟ ପ୍ରତାପସିଂ ଓ ଜଗମିତ ସିଂଙ୍କଠାରୁ, ପ୍ରତ୍ୟୁଷ ମହାନ୍ତି ଓ ଉଦ୍ୟମ କୋନୋଭଚୁକ୍ ୪-୬, ୨-୬ ସେଟ୍‌ରେ ଆଲେକ୍ସି ଆଲେଶ୍ଚେଭ ଓ ଆଡ୍ରିଆନ ଆର୍କନ୍‌ଙ୍କଠାରୁ ଏବଂ ଶଙ୍କର ହିସନାମ ଓ ଦେବାଶିଷ ସାହୁ ୩-୬, ୫-୭ ସେଟ୍‌ରେ ଅଭିନବ ସଞ୍ଜୀବ ଶନମୁଗମ ଓ ମନୀଷ ସୁରେଶ କୁମାରଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଉଦ୍‌ଘାଟନୀ ମ୍ୟାଚ୍ ଜିତିଲା ସନ୍‌ରାଇଜ୍ କ୍ଲବ୍

ଢେଙ୍କାନାଳ, ୧୮।୧୧ (ରତନ ନାୟାର)

### ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଢେଙ୍କାନାଳ କ୍ରୀଡ଼ା ସଂସଦ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା, ଯୁବ ବ୍ୟାପାର ଏବଂ ଢେଙ୍କାନାଳ ଜିଲା ପ୍ରଶାସନର ମିଳିତ ସହଯୋଗରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ଅଭିନବ ସୋନ୍‌କର ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଫାଓ ଓଡ଼ିଶାର ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼ାଇ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଡିଏସ୍‌ପି ସଲିଳ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଖେଳାଯାଇଥିବା ମ୍ୟାଚରେ ସନ୍‌ରାଇଜ୍ କ୍ଲବ, କଟକ ୪-୧ ଗୋଲରେ ଏଆଇଏଫ୍‌ଏଫ୍ ଫିପା ଏକାଡେମୀ ଓଡ଼ିଶାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଭୟ ପଣ୍ଡା, ସାଲ ଅନାଶ, ଦୀନବନ୍ଧୁ ଦାସ ଓ ସଞ୍ଜୀବ ଖରା ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଏଆଇଏଫ୍‌ଏଫ୍ ଫିପା ଏକାଡେମୀ ପକ୍ଷରୁ ଲକ୍ଷ୍ମୀ ଏକମାତ୍ର ଗୋଲ୍ ଦେଇଥିଲେ। ଏହି ମ୍ୟାଚ୍‌କୁ ରେଫରି ଭୀମ କ୍ଷେତ୍ରୀ ପରିଚାଳନା କରିଥିବା ବେଳେ ସୁବ୍ରତ କୁମାର ପୁରୋହିତ, ପ୍ରଦୀପ୍ତ କୁମାର ନାୟକ ଓ ଶଶିକାନ୍ତ ଦାଶିଆ ପ୍ରମୁଖ ତାଙ୍କୁ ସହାୟତା କରିଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ୍ ମିଶ୍ର ଓ ଗୌରାଙ୍ଗ ସେଠୀଙ୍କ ସମେତ କ୍ରୀଡ଼ା ସଂସଦର ସଦସ୍ୟଗଣ ଉପସ୍ଥିତ ଥିଲେ। ସୁଶାନ୍ତ ପାଣି ଓ ସରୋଜ ପାଢ଼ୀ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ମ୍ୟାଚ୍‌ରେ ସୂରଜ ଏଫ୍‌ସି ଫୁଲବାଣୀ ଦଳ ଇନ୍‌କମ୍ ଟାକ୍ସ ଚେନ୍ନାଇକୁ ଭେଟିବ।


ଅତିଥିମାନଙ୍କ ସହ ଉଭୟ ଦଳର ଖେଳାଳି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666.
ଧ-୨୫୫୫

Twinsity- କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Grand Bazar" ସମ୍ମୁଖରେ NH ସମ୍ମୁଖର ୧କି.ମି. ଦୂରତାରେ Rev. Road ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273.
D-12

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912.
D- 10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834.
D-06

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575.
D-2575




Full body massage by odia therapist in homely atmosphere. 9078618337.
D-2596

All type of physiotherapy, contact Number- 9556924059/ 765696134, Jharapada.
D-1603

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, Dated- 24.09.2025, I, Jaga Nayak, Address At- Panaspurpatana, P.O./P.S.- Tangi, Dist.- Khordha, Odisha, 752023, declare that I have changed the name of my son from Ajit Kumar Nayak to Arman Omm Prakash Nayak. Henceforth, he shall be known as Arman Omm Prakash Nayak for all purposes.
Jaga Nayak
D-2599

I, Shivdutta Mohapatra, S/o.- Arabinda Mohapatra Resident of B2/101, Shreekhetra Residency, Shankarpur, Aiginia, PIN- 751019, Odisha declare by this affidavit No.- 71, Dtd.- 18.11.2025 that now onwards I shall be known as Shivadutta Mohapatra for all future purposes.
D-213

By virtue of an affidavit sworn before the Executive Magistrate, MAHANGA, Dated- 29.03.25, I, PRAVANJAN BEHERA, Address AT- UTTARASAHI- 1, P.O.- MULABASANTA MAHANGA, CUTTACK, ODISHA declare that I have changed my name from PRAVANJAN MALIK to PRAVANJAN BEHERA. Henceforth, I shall be known as PRAVANJAN BEHERA for all purposes.
PRAVANJAN BEHERA
D-2600

By virtue of an affidavit sworn before the Executive Magistrate, Kujang on Dated- 10.11.2025 vide affidavit No.- 2606, I, Binapani Dei, W/o. Late Bimbadhar Das, Village- Samjori, P.O.- M. G. Khamar, P.S.- Marshaghai, Dist.- Kendrapara, Odisha that my former name Binapani Dei Das changed to Binapani Dei. I declare that Binapani Dei Das and Binapani Dei is one and same person for all future purposes.
D-1602

By virtue of an affidavit sworn before the Executive Magistrate, Bhubaneswar on affidavit Dtd.- 16.10.2025, I, Nazmul Hasan Iqbal resident of At- LIG-195, Brit Colony, Nayapalli, P.O./P.S.- Nayapalli, Bhubaneswar, Dist.- Khordha, PIN- 751012, Odisha declare that I have changed the name of the son from Sk. Shuaib Iqbal to Shaikh Shuaib Iqbal. Henceforth, he shall be known as Shaikh Shuaib Iqbal for all purpose.
Nazmul Hasan Iqbal
D-2601

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶରତ କୁମାର ସାହୁ
ସ୍ଥାନ - ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ- ୧୯।୧୧।୧୯୬୬
ତିରୋଧାନ -୦୯।୧୧।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତାଙ୍କର ଆଦର୍ଶ,କର୍ତ୍ତବ୍ୟବୋଧ, ସ୍ନେହ,ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ।
:ଶୋକସନ୍ତପ୍ତ:
ପତ୍ନୀ- ପୁଷ୍ପାଞ୍ଜଳି ସାହୁ, ଭାଇ- ଆଲୋକ, ପ୍ରଣବ, ପୁତ୍ର- ସତ୍ୟପ୍ରିୟ, ଆଶୁତୋଷ, ଜୟଦେବ, ଅଭିଜିତ, ସୌମ୍ୟଜିତ, ଝିଅ- ସନ୍ଧ୍ୟା, ସମିଧା, ମଧୁସ୍ମିତା, ସୁଚିସ୍ମିତା, ଭାଇ - ରଞ୍ଜନ,ହୃଷୀକେଶ,ବ୍ରହ୍ମାନନ୍ଦ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୫୯୮

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ଫ୍ୟାମିଲି ଜଜ୍‌ଙ୍କ ଅଦାଲତ, ପୁରୀ
ସି.ପି.ନଂ- ୨୭୦/୨୦୨୨
ନୋଟିସ୍

ରୀନା ପଣ୍ଡା, ବ୪୬ର୍ଷ, ସ୍ୱାମୀ: ଲୋକନାଥ ଦାଶ, ସାକିନ୍: ମାଟିମଣ୍ଡପ ସାହି, ଥାନା- ପୁରୀ ଟାଉନ୍, ପୋଷ୍ଟ/ଜିଲ୍ଲା- ପୁରୀ, ପିନ୍- ୭୫୨୦୦୧।
........ଆବେଦନକାରୀ
ବନାମ
ଲୋକନାଥ ଦାଶ, ବ୫୫ର୍ଷ, ପିତା- ୰ଜଗନ୍ନାଥ ଦାଶ, ମାର୍ଫତ: ତୁଳସୀ ପ୍ରସାଦ ପ୍ରହରାଜ, (ମାଙ୍ଗା) ସାକିନ୍: ମାଟିମଣ୍ଡପ ସାହି, ଝାଡ଼େଶ୍ୱରୀ ଲେନ୍, ଥାନା- ପୁରୀ ଟାଉନ୍, ପୋଷ୍ଟ/ଜିଲ୍ଲା- ପୁରୀ, ପିନ୍- ୭୫୨୦୦୧।

ଏହିକି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ୍ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ୍ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହିଁ। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀଙ୍କୁ ଜଣାଇ ଦିଆଯାଉଅଛି କି, ପ୍ରତିବାଦୀ ଆଜଦିନ ତା ୧୭।୧୨।୨୫ରିଖେ, ପୂର୍ବାହ୍ନ ୧୦.୩୦ ଘଟିକାରେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ୍ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା୧୪।୧୧।୨୫ ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା।
ଧ-୨୫୯୭

## ଫୁଲ ଚାଷ



ଗୋଲାପ ଫୁଲଗଛର ପୁରୁଣା ଡାଳ କାଟି ଦିଅନ୍ତୁ। କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ଅରେଞ୍ଜ, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

# ପ୍ରାଣୀଙ୍କୁ ବଜବଜିଆ ରୋଗ



ଡା. ବୀରକିଶୋର ପରିଡ଼ା

ପ୍ରାଣୀଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ପ୍ରାଥମିକ ଅବସ୍ଥାରେ ଏଗୁଡ଼ିକର ଠିକ୍ ଭାବରେ ଚିକିତ୍ସା କରାଇନେବା ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ଏଥିଯୋଗୁ ଆକ୍ରାନ୍ତ ପ୍ରାଣୀମାନେ ଅକାଳ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ତନ୍ମଧ୍ୟରୁ ବଜବଜିଆ ରୋଗ ଅନ୍ୟତମ। ଏହାକୁ ମଧ୍ୟ ଚଟୁଆ ଫୁଲା ଏବଂ ଗ୍ୟାସ୍ ଗାଙ୍ଗ୍ରିନ୍ ଆଦି କୁହାଯାଏ।

**କାରଣ**

ସାଧାରଣତଃ କ୍ଲଷ୍ଟ୍ରିଡିୟମ ଚଉଭିଆଇ ନାମକ ଏକ ଲମ୍ବାକୃତି ଚଳନ୍ତି ଜୀବାଣୁ ଦ୍ୱାରା ବଜବଜିଆ ରୋଗ ହୋଇଥାଏ । ଅନ୍ୟ ଜୀବାଣୁ ଯଥା – କ୍ଲଷ୍ଟ୍ରିଡିୟମ ସେପ୍ଟିକମ୍, କ୍ଲଷ୍ଟ୍ରିଡିୟମ ଓଡିମାଟିଏନ୍ସ ଓ କ୍ଲଷ୍ଟ୍ରିଡିୟମ ପରଫ୍ରିଜେନସ୍ ମଧ୍ୟ ଏହି ରୋଗ ସହିତ ଜଡ଼ିତ ହୋଇଥାନ୍ତି । ଏହି ଜୀବାଣୁ ମାଟି ଓ ରୋଗ ସ୍ଥାନରେ ସର୍ବତ୍ର ରହିଥିବାର ଦେଖିବାକୁ ମିଳେ ଏବଂ ଅନ୍ୟ କେତେକ ସ୍ଥାନରେ କାଁଭାଁ ଏହି ଜୀବାଣୁ ରୋଗ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ବିଶେଷଭାବରେ ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ରୋଗ ଅଧିକ ଦେଖିବାକୁ ମିଳେ।

**କେଉଁମାନଙ୍କୁ ହୁଏ**

ଏହା ଏକ ମାରାତ୍ମକ ଜୀବାଣୁଜନିତ ସଂକ୍ରାମକ ରୋଗ ଭାବେ ବାଛୁରୀମାନଙ୍କଠାରେ ଦେଖାଯାଏ । ଏହି ରୋଗ ସୁସ୍ଥସବଳ ସ୍ୱଳ୍ପ ବୟସ୍କ ବାଛୁରୀ ୬ମାସରୁ ୨ ବର୍ଷ ମଧ୍ୟରେ ବିଶେଷ ଭାବେ ଆକ୍ରାନ୍ତ କରିଥାନ୍ତି । ମଇଁଷିଠାରେ ଏହି ରୋଗ କ୍ୱଚିତ୍ ହେବାର ଦେଖିବାକୁ ମଳେ। ମେଣ୍ଢାମାନଙ୍କୁ ମଧ୍ୟ ଏହି ରୋଗ କ୍ୱଚିତ ହେବାର ଦେଖାଯାଏ ।

**ରୋଗ ବ୍ୟାପିବାର କାରଣ**

ଜଳବାୟୁର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି, ଅତ୍ୟଧିକ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇ ଜୀର୍ଣ୍ଣ ନ ହେବା, ଅତ୍ୟଧିକ ଶାରୀରିକ ପରିଶ୍ରମ ଏବଂ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁ ସଙ୍ଗଠିତ ଜୀବାଣୁ ସଂକ୍ରମିତ ମାଟି ବା ଗୋଚର ସ୍ଥାନର ଖାଦ୍ୟ ବା ଘାସ ଓ ପାଣି ମାଧ୍ୟମରେ ପାଟି ଭିତର ଦେଇ ପାକସ୍ଥଳୀ ମଧ୍ୟକୁ ପ୍ରବେଶ କରନ୍ତି । ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁଯୁକ୍ତ ଜୀବାଣୁ ଶରୀରରେ ଥିବା ମାଂସପେଶୀ ଜୀବକୋଷକୁ ଆକ୍ରାନ୍ତକରି ନଷ୍ଟ କରିଦିଅନ୍ତି ଏବଂ ରୋଗ ସୃଷ୍ଟି କରାନ୍ତି ।

"ସାଧାରଣତଃ କ୍ଲଷ୍ଟ୍ରିଡିୟମ ଚଉଭିଆଇ ନାମକ ଏକ ଲମ୍ବାକୃତି ଚଳନ୍ତି ଜୀବାଣୁ ଦ୍ୱାରା ବଜବଜିଆ ରୋଗ ହୋଇଥାଏ । ଅନ୍ୟ ଜୀବାଣୁ ଯଥା - କ୍ଲଷ୍ଟ୍ରିଡିୟମ ସେପ୍ଟିକମ୍, କ୍ଲଷ୍ଟ୍ରିଡିୟମ ଓଡିମାଟିଏନ୍ସ ଓ କ୍ଲଷ୍ଟ୍ରିଡିୟମ ପରଫ୍ରିଜେନସ୍ ମଧ୍ୟ ଏହି ରୋଗ ସହିତ ଜଡ଼ିତ ହୋଇଥାନ୍ତି । ଏହି ଜୀବାଣୁ ମାଟି ଓ ରୋଗ ସ୍ଥାନରେ ସର୍ବତ୍ର ରହିଥିବାର ଦେଖିବାକୁ ମିଳେ ଏବଂ ଅନ୍ୟ କେତେକ ସ୍ଥାନରେ କାଁଭାଁ ଏହି ଜୀବାଣୁ ରୋଗ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ବିଶେଷଭାବରେ ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ରୋଗ ଅଧିକ ଦେଖିବାକୁ ମିଳେ ।"



**ରୋଗ ସୃଷ୍ଟି ହୁଏ କିପରି**

ସାଧାରଣତଃ ରେଣୁଯୁକ୍ତ ଜୀବାଣୁ ମାଟିରୁ ବା ଗୋଚରରୁ ଯେକୌଣସି ଉପାୟରେ ଗୋରୁଙ୍କ ପାଟି ଭିତରକୁ ପ୍ରବେଶ କଲାପରେ ପେଟ ଭିତରକୁ ଯାଏ। ଶରୀରର ପ୍ରତିରୋଧକାରୀ ଶକ୍ତିର ହ୍ରାସ ଘଟିଲେ ଉକ୍ତ ରେଣୁଯୁକ୍ତ ଜୀବାଣୁ ଶରୀରର ଥିବା ମାଂସପେଶୀ ଆଡ଼କୁ ଆକର୍ଷିତ ହୋଇ ସେଠାରେ ପହଞ୍ଚେ। ଏହି ମାଂସପେଶୀ ଜୀବକୋଷରେ ପହଞ୍ଚିଲା ପରେ ଏହି ଜୀବାଣୁ ରେଣୁମୁକ୍ତ ହୋଇ ରୋଗର ଜୀବାଣୁ ରୂପ ଧାରଣକରେ ଏବଂ ଏହା ଦୁଇଟି ଉପାୟରେ ଶରୀରରେ ରୋଗ ସୃଷ୍ଟି କରିଥାଏ । ଜୀବାଣୁ ପ୍ରଥମେ ଟକ୍ସିନ୍ ବା ବିଷ ପଦାର୍ଥ ସୃଷ୍ଟିକରି ମାଂସପେଶୀର ଜୀବକୋଷଗୁଡ଼ିକୁ ନଷ୍ଟ କରିଦିଅନ୍ତି। ଫଳରେ ଏହି ସ୍ଥାନରେ ଅଙ୍ଗାରକାମ୍ଳ ପରିବେଶ (ନୀଳରଙ୍ଗ ପରି) ସୃଷ୍ଟି କରିଥାନ୍ତି, ଯେଉଁଥିରେ କି ଏହି ଜୀବାଣୁ ବଂଶବୃଦ୍ଧି ସହାୟକ ହୋଇଥାଏ ଏବଂ ଅଧିକରୁ ଅଧିକ ଜୀବକୋଷ ନଷ୍ଟ କରିବାକୁ ସକ୍ଷମ ହୁଅନ୍ତି । ଏହି ଜୀବାଣୁ ମାଂସପେଶୀରେ ହାଇଡ୍ରୋଜେନ୍ ଗ୍ୟାସ୍ ନିର୍ଗତ କରାନ୍ତି। ଏହି ଗ୍ୟାସ୍ ମାଂସପେଶୀ ଜୀବକୋଷଗୁଡ଼ିକୁ ଚର୍ମ ଓ ସଂଯୁକ୍ତ ଜୀବକୋଷଠାରୁ ଅଲଗାକରି ଏକ ଶୂନ୍ୟସ୍ଥାନ ସୃଷ୍ଟିକରାନ୍ତି । ଏହି ସଂକ୍ରମିତ ସ୍ଥାନରୁ ନିର୍ଗତ ରକ୍ତମିଶ୍ରିତ ପାଣି ଜମି ରୁହେ। ଜୀବାଣୁ ଏହି ଅଙ୍ଗାରକାମ୍ଳ ପରିବେଶ ଓ ଶୂନ୍ୟ ସ୍ଥାନରେ ବଂଶବୃଦ୍ଧି ଘଟାଇବାରେ ସୁଯୋଗ ପାଆନ୍ତି ।

**ଲକ୍ଷଣ**

ଜୀବାଣୁ ପ୍ରବେଶ କରିବାର ୧-୫ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ କରିଥାନ୍ତି। କେତେକ ସମୟରେ ରୋଗର ଲକ୍ଷଣ ପ୍ରକାଶ ନ ପାଇ ମଧ୍ୟ ବାଛୁରୀ ମୃତ୍ୟୁବରଣ କରନ୍ତି । ଏହି ରୋଗ ହେବାର ପ୍ରଥମ ଲକ୍ଷଣ ହେଲା – ଶାରୀରିକ ଉତ୍ତାପ ବୃଦ୍ଧି ବା ଜ୍ୱର ୧୦୩ ଡିଗ୍ରୀ ଫାରେନହିଟ୍‌କୁ ବୃଦ୍ଧି ପାଏ। ବାଛୁରୀଙ୍କ ଖାଇବା ଓ ହଜମ ପ୍ରକ୍ରିୟା କମିଯାଏ । ଆଗଗୋଡ଼ର ଉପର ବା କାନ୍ଧ ଅଂଶ ଏବଂ ପଛଗୋଡ଼ର ଚଟୁଆ ଅଂଶ ଖୁବ୍ ଶୀଘ୍ର ଫୁଲିଯାଏ। ଫୁଲା ପଡ଼ିଥିବା ମାଂସପେଶୀ ସ୍ଥାନରେ ଗ୍ୟାସ୍ ଥିବା ଯୋଗୁ ଆଙ୍ଗୁଳିରେ ଚିପିଲେ 'କଡ଼କଡ଼' ଶବ୍ଦ ହୁଏ । ପଛଗୋଡ଼ ଛୋଟାଏ । ଆଗଗୋଡ଼ ଆକ୍ରାନ୍ତ ହେଲେ ବାଛୁରୀ ଛିଡ଼ା ହୋଇ ନ ରହି ଚିତ୍‌ପଟା ଅବସ୍ଥାରେ ପଡ଼ିରୁହନ୍ତି ଏବଂ ଛାଟିପିଟି ହୁଅନ୍ତି । ବାଛୁରୀ ଥରିବା ସହିତ ଆକ୍ରାନ୍ତ ମାଂସପେଶୀଗୁଡ଼ିକର ଘନଘନ ସଙ୍କୋଚନ-ପ୍ରସାରଣ ଘଟିଥାଏ । ଫୁଲା ମାଂସପେଶୀଠାରେ ପ୍ରଥମେ ଗରମ ଓ ଯନ୍ତ୍ରଣାଦାୟକ ଅନୁଭୂତ ହୁଏ ଏବଂ ପରେ ପରେ ଥଣ୍ଡା ଓ କ୍ଷୀଣ ହୋଇଯାଏ। ମାଂସପେଶୀର ମଝି ଅଂଶ ଶୁଷ୍କ ଲାଲ ଓ ମୃତ ଜୀବକୋଷଗୁଡ଼ିକ କଳା ପରି ଦିଶେ ଏବଂ ଏଥିରେ ଗ୍ୟାସ୍‌ର ଫୋଟକମାନ ପୂରି ରହିଥାଏ । ଏହି ସଂକ୍ରମିତ ଚତୁଃପାର୍ଶ୍ୱରେ ମାଂସପେଶୀର ରଙ୍ଗ ଈଷତ୍ ଲାଲ୍ ବା ମାଟିଆ ପରି ଦିଶେ ଏବଂ ରକ୍ତ ମିଶ୍ରିତ ପାଣି ମିଶିକରି ଥାଏ । ସ୍ଥାନୀୟ ଲସିକା ଗ୍ରନ୍ଥିଗୁଡ଼ିକ ଫୁଲିଥାଏ ।

**ଚିହ୍ନଟ ପ୍ରଣାଳୀ**

- ଉପରୋକ୍ତ ଲକ୍ଷଣ ଏବଂ ରୋଗର ଇତିବୃତ୍ତ ଅନୁସାରେ ମାଂସପେଶୀର ଫୁଲାଅଂଶ ଚିପିଲେ କଡ଼କଡ଼ ଶବ୍ଦ, ଆଙ୍ଗୁଳିରେ ଚିପିବା ସ୍ଥାନ ଦବି ରହିବା, ଫୁଲା ଅଂଶ ଖୁବ୍‌ଶୀଘ୍ର ବଢ଼ିଯିବା, ଜ୍ୱର ହେବା, ଛୋଟାଇବା ଇତ୍ୟାଦି।
- ସଂକ୍ରମିତ ମାଂସପେଶୀଠାରୁ ସ୍ଲାଇଡ୍‌ରେ ସ୍ମିଅର ନେଇ ଗ୍ରାମ୍‌ଷ୍ଟେନ୍ କଲାପରେ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଗ୍ରାମ୍ ପଜିଟିଭ୍ ଛୋଟ ରଡ୍ ଆକୃତିରେ ଜୀବାଣୁ ଦେଖି ଚିହ୍ନିବା ।
- ସଂକ୍ରମିତ ମାଂସପେଶୀର ଅଂଶବିଶେଷକୁ ଗିନିପିଗ୍ ଶରୀରର ମାଂସରେ ଇଞ୍ଜେକସନ୍ ଦେଲେ ଉପରୋକ୍ତ ଲକ୍ଷଣ ପ୍ରକାଶ ପାଇବ ଏବଂ ମୃତ୍ୟୁ ପରେ ଯକୃତରୁ ସ୍ମିଅର ନେଇ ପରୀକ୍ଷା କରିବା।
- ପ୍ରାଣୀର ମୃତ୍ୟୁ ହେଲା ପରେ ହୃତ୍‌ପିଣ୍ଡର ରକ୍ତ, ଯକୃତ ଓ ପ୍ଲିହାରୁ ମଧ୍ୟ ଜୀବାଣୁକୁ ଖାଦ୍ୟ ମିଡିଆ ସାହାଯ୍ୟରେ ସଂଖ୍ୟା ବୃଦ୍ଧିକରି ଜୀବାଣୁ ଚିହ୍ନଟ ଉପାୟ ସ୍ଥିର କରାଯାଏ। (କ୍ରମଶଃ...)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ

### ବାଇଗଣ



ବାଇଗଣଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଲାଗିଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ। ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।

### ଫୁଲକୋବି



ଫୁଲକୋବି ଫସଲରେ ଶଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତାର ଦମନ ପାଇଁ ଏକ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

### ଲଙ୍କା



ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

## ଅଳ୍ପରେ...



- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।
- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।
- ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।



- ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।



- ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

# ପିଆଜ ତଳି ରୋଇବା ସମୟରେ...



ପିଆଜ ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ୨୦ରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ବିଷ, ପେଣ୍ଡିମେଥାଲିନ୍ ୩୦ ଏଇକୁ ତଳି ରୋଇବାର ୨ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗ କଲେ ପତ୍ର ଉକୁଣି (ଥ୍ରୀପ୍ସ) ନିୟନ୍ତ୍ରଣ କରାଯାଇପାରିବ । ପିଆଜ ତଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବରଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷାକରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮-୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍-୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ ।

## ଗହମ ବୁଣିବା ପୂର୍ବରୁ...



ସାଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ତୃତୀୟ ସପ୍ତାହ ପୂର୍ବରୁ ଗହମ ବୁଣିବା କାମ ଶେଷ କରନ୍ତୁ। କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପିବିଡବ୍ଲ୍ୟୁ-୩୪୩, ପିବିଡବ୍ଲ୍ୟୁ-୪୪୩, ୟୁପି-୨୬୨, ଏଚ୍‌ଡି-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ। ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ । ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

# ଡାଲି ଜାତୀୟ ଫସଲ ଚାଷ

ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷକରନ୍ତୁ । ଧାନ କାଟିବାର ୭ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତରଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । **ମୁଗ କିସମ:** ଟାର୍ମ-୧, ଟାର୍ମ-୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨-୧୪, ଆଇପିଏମ୍ ୨-୩ । **ବିରି କିସମ :** ପିୟୁ ୩୦, ଟିୟୁ ୯୪-୨, ସାରଳା, ପ୍ରସାଦ, ପିୟୁ-୧୯, ଉଜାଲା, ମହୁରୀ, ଶଶୀ । **ବୁଟ :** ଶ୍ୱେଥା, ଭାରତୀ, ବିହାର, ଜେଜି-୬୨, ସି-୨୩୫, ଆଇସିସି-୪, ରାଧେ, ଆନେଗିରି, ଜେଜି-୧୪,ଏଚ୍-୨୦୮ । **ମଟର କିସମ :** ରଚନା, ଏଚ୍‌ୟୁଡିପି-୧୫, ଜେପି-୮୮୫, ଉତ୍ତରା, ଡିଡିଆର୍-୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁ କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ । ଦରକାର ହେଲେ ୧୫-୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଉଚିତ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୯/୨୦୨୫ Bhubaneswar, Wednesday, November 19/ 2025

# ଓଡ଼ିଶାର ବିଜୟ ସମ୍ଭାବନା

ଭୁବନେଶ୍ୱର, ୧୮।୧୧ (ଅନାଦି କର)

କିଟ୍ ଷ୍ଟାଡିୟମରେ ଚାଲିଥିବା ନାଗାଲାଣ୍ଡ ବିପକ୍ଷ ରଣ୍‌ଜୀ ମ୍ୟାଚ୍‌ରେ ଓଡ଼ିଶାର ବିଜୟ ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମ ଇନିଂସ୍‌ରେ ୧୧୪ ରନ୍‌ର ଅଗ୍ରଣୀ ହାସଲ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ସ୍ୱସ୍ତିକ୍ ସାମଲ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଶତକ ଏବଂ ସେମାନଙ୍କ ମାରାଥନ ୨୬୧ ରନ୍‌ର ଦ୍ୱିଶତକୀୟ ପାର୍ଟନରଶିପ୍ ବଳରେ ୩୫୦/୫ ସ୍କୋର୍‌ରେ ପାଳି ଘୋଷଣା କରିଛି। ଫଳରେ ନାଗାଲାଣ୍ଡ ସମ୍ମୁଖରେ ୪୬୫ ରନ୍‌ର ବିଶାଳ ଟାର୍ଗେଟ୍ ଛିଡ଼ା ହୋଇଛି। ଜବାବରେ ନାଗାଲାଣ୍ଡ ତୃତୀୟ ଦିନ ଶେଷସୁଦ୍ଧା ୧ ଉଇକେଟରେ ୪୧ ରନ୍ କରିଛି। ଦଳକୁ ଜିତିବା ପାଇଁ ୪୨୪ ରନ୍‌ର ଦରକାର ଥିବା ବେଳେ ଚଳିତ ସିଜନରେ ପ୍ରଥମ ବିଜୟ ଲକ୍ଷ୍ୟରେ ଥିବା ଓଡ଼ିଶା ୯ ଉଇକେଟ ଆବଶ୍ୟକ କରୁଛି।

ଘରୋଇ ଦଳ ଓଡ଼ିଶା ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୧୬/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ସ୍ୱସ୍ତିକ୍ ଓ ଅଧିନାୟକ ଶୁଭ୍ରାଂଶୁ ପ୍ରଥମ ଦୁଇ ସେସନରେ ପ୍ରାଧାନ୍ୟ ବିସ୍ତାରକରି ଖେଳିଥିଲେ। ଦୁହେଁ ତୃତୀୟ ଉଇକେଟ ଲାଗି ୨୬୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ୫୯ତମ ଓଭରରେ ସ୍ୱସ୍ତିକ୍ ତୃତୀୟ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୯୫ ବଲ୍‌ରେ ୧୧ ଚୌକା ଓ ୬ ଛକା ସହିତ ୧୬୯ ରନ୍‌ର ପାଳି ଖେଳିଥିଲେ। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଶତକ ଓ ତାଙ୍କ କ୍ୟାରିୟରର ସର୍ବାଧିକ ସ୍କୋର। ତାଙ୍କ ବଦଳରେ କ୍ରିଜ୍‌କୁ ଆସିଥିବା ଗୋବିନ୍ଦ ପୋଦ୍ଦାର (୧୨) ବିଫଳ ହୋଇଥିଲେ। ସମ୍ବିତ୍ ବରାଳଙ୍କ ସହ ମିଶି ଶୁଭ୍ରାଂଶୁ ଦଳୀୟ ସ୍କୋର୍‌କୁ ୩୫୦ରେ ପଞ୍ଚାଇଥିଲେ। ଶୁଭ୍ରାଂଶୁ ୧୬୮ ବଲ୍‌ରେ ୧୩୭ ରନ୍‌କରି ପଞ୍ଚମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସ୍‌ରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ଏହା ତାଙ୍କ କ୍ୟାରିୟରର ଅଷ୍ଟମ ଓ ଚଳିତ ସିଜନରେ ପ୍ରଥମ ଶତକ। ତାଙ୍କ ଉଇକେଟ ପଡ଼ିବା ସହ ଓଡ଼ିଶା ଦଳ ପାଳି ସମାପ୍ତି ଘୋଷଣା କରିଥିଲା। ସମ୍ବିତ୍ ୧୯ ରନ୍‌କରି ଅପରାଜିତ ରହିଥିଲେ। ନାଗାଲାଣ୍ଡ ପକ୍ଷରୁ ଭିନୋ ଝିମୋମି ଓ ଅଧିନାୟକ ଜୋନାଥାନ ଆର୍ ୨ ଲେଖାଏ ଉଇକେଟ ନେଇଥିଲେ। ଏହାପରେ ୪୬୫ ରନ୍‌ର ବିଶାଳ ଟାର୍ଗେଟ ନେଇ ଓହ୍ଲାଇଥିବା ନାଗାଲାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ତୃତୀୟ ଦିନ ଶେଷପର୍ଯ୍ୟନ୍ତ ବ୍ୟାଟିଂକରି ୧୮ ଓଭରରେ ୧ ଉଇକେଟ ହରାଇ ୪୧ ରନ୍ କରିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଦେଗା ନିଶ୍ଚଳ ୧୭ ଓ ହେମ ଛେତ୍ରୀ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ଓଡ଼ିଶା ପାଇଁ ବାଦଲ ବିଶ୍ୱାଳ ଏକମାତ୍ର ଉଇକେଟ ନେଇଛନ୍ତି।


ସ୍ୱସ୍ତିକ୍ ସାମଲ


ଶୁଭ୍ରାଂଶୁ ସେନାପତି

ରଣ୍‌ଜୀ ଟ୍ରଫି

## ସ୍ୱସ୍ତିକ୍, ଶୁଭ୍ରାଂଶୁଙ୍କ ଶତକ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/ଅଲଆଉଟ୍। ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/ଅଲଆଉଟ୍। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୫୦/୫ (ଘୋଷଣା) (ସ୍ୱସ୍ତିକ୍‌ସାମଲ-୧୬୯, ଶୁଭ୍ରାଂଶୁ ସେନାପତି-୧୩୭, ଭିନୋ ଝିମୋମି-୨/୭୯, ଜୋନାଥନ ଆର୍-୨/୧୦୮)।। ନାଗାଲାଣ୍ଡ ଦ୍ୱିତୀୟ ଇନିଂସ: ୪୧/୧(ଦେଗା ନିଶ୍ଚଳ-୧୭*, ହେମ ଛେତ୍ରୀ-୨୦*, ବାଦଲ ବିଶ୍ୱାଳ-୧/୧୫)।

ମହିଳା କ୍ରିକେଟ୍

## ଭାରତ-ବାଂଲାଦେଶ ହ୍ୱାଇଟ୍ ବଲ୍ ସିରିଜ୍ ସ୍ଥଗିତ

ନୂଆଦିଲ୍ଲୀ, ୧୮।୧୧(ପି.ଟି.)

ଆସନ୍ତା ମାସରେ ବାଂଲାଦେଶ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଭାରତ ଖେଳିବାକୁଥିବା ହ୍ୱାଇଟ୍ ବଲ ସିରିଜ୍‌କୁ ସ୍ଥଗିତ ରଖାଯାଇଛି। ଏହି ସମୟରେ ଅନ୍ୟ ଏକ ସିରିଜ୍ ଆୟୋଜନ ପାଇଁ ଯୋଜନା ଚାଲିଛି। ସୂଚନାଯୋଗ୍ୟ, ଆଇସିସି ଫ୍ୟୁଚର ଟୁର୍ସ ପ୍ରୋଗ୍ରାମର ଅଂଶବିଶେଷ ସ୍ୱରୂପ ବାଂଲାଦେଶ ବିପକ୍ଷରେ ଭାରତ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ କୋଲ୍‌କାତା ଓ କଟକରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ବର୍ତ୍ତମାନ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନାମୂଳକ କୂଟନୈତିକ ସମ୍ପର୍କ ଯୋଗୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସୋମବାର ବାଂଲାଦେଶର ଏକ ଟ୍ରିବ୍ୟୁନାଲ କୋର୍ଟ ମାନବ ବିରୋଧୀ ଅପରାଧ ପାଇଁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିଛି। ଏହାକୁ ନେଇ ସେ ଦେଶର ବିଭିନ୍ନ ସ୍ଥାନରେ ହିଂସା ଦେଖାଦେଇଛି। ହାସିନା ବର୍ତ୍ତମାନ ଭାରତରେ ରାଜନୈତିକ ଶରଣ ନେଇଛନ୍ତି। ଢାକାରେ ଅବସ୍ଥାପିତ କାମଚଳା ସରକାର ହାସିନାଙ୍କ ହସ୍ତାନ୍ତର ପାଇଁ ଅନୁରୋଧ କରିଛି। ବାଂଲାଦେଶ କ୍ରିକେଟ୍ ବୋର୍ଡ(ବିସିବି) ଇତିମଧ୍ୟରେ ସିରିଜ ବାତିଲ ସମ୍ପର୍କରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ଏକ ଚିଠି ପାଇଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ